# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଜାନୁୟାରୀ ୨ /୨୦୧୯ (୧୬+୪ ପୃଷ୍ଠା) Rayagada, Wednesday, January 2 / 2019 ★

୮ମ ଭାଗ ୩୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
ବର୍ଷ ବିତି ଚାଲିଲା
ବିଶ୍ୱାସ
ବଢ଼ି ଚାଲିଲା
54 ବର୍ଷରେ ପ୍ରତ୍ୟେକ ଜିନିଷର ଅର୍ଥ ବଦଳି ଯାଇଛି,
ମାପଦଣ୍ଡ ବଦଳି ଯାଇଛି,
ଏପରିକି ଦୁନିଆ ହିଁ ବଦଳି ଯାଇଛି, କିନ୍ତୁ
କମଲା ପସନ୍ଦ
ର ଉତ୍କୃଷ୍ଟତାର ମାପଦଣ୍ଡ ବଦଳି ନାହିଁ ।
कमला पसन्द
20% EXTRA
अनोखा स्वाद
पान मसाला
କମଲା ପସନ୍ଦ
Anokha Swad
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

DHARITRI

ବାଲେଶ୍ୱର, ବୁଧବାର, ଜାନୁୟାରୀ ୨/୨୦୧୯ | Balasore, Wednesday, January 2/ 2019 | ପୃଷ୍ଠା-୧



## ଦାୟିତ୍ୱ ଗ୍ରହଣ କଲେ ପ୍ରଣବ ପ୍ରକାଶ

କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ(ସିବିଆଇସି)ର ଅଧକ୍ଷ ଭାବେ ବରିଷ୍ଠ ଓଡ଼ିଆ ଅଧିକାରୀ ପ୍ରଣବ ପ୍ରକାଶ ଦାସ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। **୧୧**

## ଭେନସଙ୍କ ବିଜୟ ଅଭିଯାନ

**୧୨** ଆମେରିକାର ଷ୍ଟାର ଟେନିସ ଖେଳାଳି ଭେନସ୍ ୱିଲିୟମ୍ସ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରି ଅକ୍‌ଲାଣ୍ଡ କ୍ଲାସିକରେ ତାଙ୍କ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି ।








## ଆନ୍ଧ୍ର ପାଇଲା ହାଇକୋର୍ଟ

ଅମରାବତୀ,୧।୧(ପି.ଟି.)

ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାର ସାଢ଼େ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିବା ପରେ ଆନ୍ଧ୍ରପ୍ରଦେଶକୁ ମିଳିଛି ହାଇକୋର୍ଟ। ନୂଆ ବର୍ଷରେ ଆନ୍ଧ୍ରପ୍ରଦେଶରେ ନୂଆ ହାଇକୋର୍ଟ ଆରମ୍ଭ ହୋଇଛି। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା ମଙ୍ଗଳବାର ବିଜୟୱାଡ଼ାରେ ଆୟୋଜିତ ଏକ ଉତ୍ସବରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସି. ପ୍ରବୀଣ କୁମାର ଏବଂ ଅନ୍ୟ ୧୩ ବିଚାରପତିଙ୍କୁ ଶପଥପାଠ କରାଇଛନ୍ତି।

ଜାନୁୟାରୀ ୧ରୁ ଆନ୍ଧ୍ରପ୍ରଦେଶରେ ସ୍ୱତନ୍ତ୍ର ଭାବେ ହାଇକୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ୨୭ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୦୧୪ ଜୁନ୍ ୨ରେ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟ ଗଠନ ହେବା ଦିନଠାରୁ ☞ ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ସ୍ଥାନୀୟଙ୍କୁ ଗୁରୁତ୍ୱ**

### ଆଜିର ମନ୍ତବ୍ୟ

"ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ ନିରାପତ୍ତା କ୍ଷେତ୍ରରେ ଭାରତ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି।

-ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

### କିଛି ତଥ୍ୟ

୨୦୧୮-୧୯ ମାର୍କେଟିଂ ଋତୁରେ ସରକାର ୨୩୮.୮ ଲକ୍ଷ ଟନର ଚାଉଳ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।

– ଏଫ୍‌ସିଆଇ



ନୂଆବର୍ଷ ୨୦୧୯ର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ ।

# ୬ ସହରର ପ୍ରଦୂଷଣ ସଙ୍ଗିନ

ଭୁବନେଶ୍ୱର,୧।୧(ବ୍ୟୁରୋ)

**ଭୁବନେଶ୍ୱର, କଟକ, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଏବଂ ତାଳଚେରରେ ଶ୍ୱାସରୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା। ଏୟାର କ୍ୱାଲିଟି ଇଣ୍ଡେକ୍ସ ୨୦୦ ଟପିଲାଣି।**

ଦେଶର ରାଜଧାନୀ ନୂଆଦିଲ୍ଲୀ ଭଳି ଓଡ଼ିଶାର ୬ ପ୍ରମୁଖ ସହର ଭୁବନେଶ୍ୱର, କଟକ, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଏବଂ ତାଳଚେରର ପ୍ରଦୂଷଣ ସଙ୍ଗିନ୍ ହେଲାଣି। ନିର୍ମାଣ କାର୍ଯ୍ୟ ସାଙ୍ଗକୁ ଯାନବାହନ ବୃଦ୍ଧି ଓ ଶିଳ୍ପାଞ୍ଚଳରୁ ବାହାରୁଥିବା ଧୂଆଁ ମିଶା ଧୂଳି ପରିବେଶକୁ ବିଗାଡ଼ିବାରେ ଲାଗିଛି। ଧୂଳିମିଶା ଧୂଆଁ ସହରାଞ୍ଚଳ ଜନସ୍ୱାସ୍ଥ୍ୟକୁ ଅତି ଭୟଙ୍କର ଭାବେ ବିପଦ ଆଡ଼କୁ ଠେଲି ନେଇଯାଉଛି। ସରକାର, ଜନସାଧାରଣ ସଚେତନ ହେଉ ନ ଥିବାରୁ ପ୍ରଦୂଷଣ ବେଳକୁବେଳ ଅଣାୟତ୍ତ ହେବାକୁ ଲାଗିଲାଣି। ଏହି ୬ ସହରର ପରିବେଶ ଆଉ କିଛିବର୍ଷ ମଧ୍ୟରେ ଶ୍ୱାସରୁଦ୍ଧ ଅବସ୍ଥାକୁ ଆସିଯିବା ନେଇ ପରିବେଶବିତ୍ ସତର୍କ କରାଇଲେଣି। ଉକ୍ତ ସହରାଞ୍ଚଳରେ ବଢୁଥିବା ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧୂଳିଜନିତ ପ୍ରଦୂଷଣକୁ ରୋକା ନ ଗଲେ ସହରାଞ୍ଚଳରେ ଶୁଦ୍ଧ ବାୟୁ ପାଇବା ସାତ ସପନ ହୋଇଯିବ।

ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ସହରଗୁଡ଼ିକରେ ଧୂଳିର ପରିମାଣ ଗତ ୧୦ ବର୍ଷ ମଧ୍ୟରେ ୩୦ରୁ ୪୫% ବଢ଼ିଯାଇଛି। ବାୟୁମଣ୍ଡଳରେ ପ୍ରତି କ୍ୟୁବିକ୍ ମିଟରରେ ୬୦ ମାଇକ୍ରୋଗ୍ରାମ ଧୂଳିକଣା ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରି ନ ଥାଏ। ତେବେ ଭୁବନେଶ୍ୱରରେ ୨୦୦୮ରେ ପ୍ରଦୂଷଣମାତ୍ରା ୨୬% ଥିବାବେଳେ ୨୦୧୭ରେ ଏହା ୪୫%କୁ ବୃଦ୍ଧି ପାଇଛି। ଅନୁଗୋଳରେ ଏହା ୨୦୦୮ରେ ୨୯% ଥିବା ବେଳେ



- ନୂଆଦିଲ୍ଲୀଠାରୁ ବଳିଯିବ
- ଏନ୍‌ଜିଟି କ୍ଷୁବ୍ଧ
- ଆକ୍ସନ ପ୍ଲାନ ପ୍ରସ୍ତୁତ କଲେ ରାଜ୍ୟ ସରକାର

୨୦୧୭ରେ ୩୪%, ତାଳଚେର ୨୦୦୮ରେ ୯.୬୫% ଥିବାବେଳେ ୨୦୧୭ରେ ୪୫%, ବାଲେଶ୍ୱରରେ ୨୦୦୮ରେ ୬% ଥିବାବେଳେ ୨୦୧୭ରେ ୬.୨୫%, କଟକରେ ୭.୮%ଥିବାବେଳେ ୨୦୧୭ରେ ୨୫.୯୫% ଏବଂ ରାଉରକେଲାରେ ୪୫%କୁ ବୃଦ୍ଧି ପାଇଛି।

କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ସ୍ୱାସ୍ଥ୍ୟ ପାଇଁ ଜାରି କରାଯାଇଥିବା ପରାମର୍ଶ (ଆଡଭାଇଜରି) ଅନୁଯାୟୀ ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୦-୫୦ ମଧ୍ୟରେ ରହିଲେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ। ତେବେ ଏହି ପରିମାଣ ୫୧ରୁ ୧୦୦ ହେଲେ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେବ। ଶ୍ୱାସରୋଗୀ ଏବଂ ହୃଦ୍‌ରୋଗୀ, ଶିଶୁ, ଗର୍ଭବତୀ ମହିଳା ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ଇଣ୍ଡେକ୍ସ ୪୦୧ରୁ ୫୦୦ ହେଲେ ସ୍ୱାସ୍ଥ୍ୟବାନ ଲୋକମାନେ ମଧ୍ୟ ରୋଗାକ୍ରାନ୍ତ ହୋଇପଡ଼ିବେ। ତେବେ ଉପରୋକ୍ତ ସହରାଞ୍ଚଳରେ ଏକ୍ୟୁଆଇ ୨୦୦ରୁ ଟପିଗଲାଣି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏ ଦିଗରେ ତତ୍ପର ହୋଇଛନ୍ତି। ପ୍ରଦୂଷଣକୁ କିପରି ନିୟନ୍ତ୍ରଣ କରାଯିବ ସେ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ବିସ୍ତୃତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏହି ପ୍ଲାନକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ନିକଟକୁ ପଠାଯାଇଛି । ସିପିସିବି ଅନୁମୋଦନ ମିଳିବା ପରେ ତାହାକୁ ☞ ପୃଷ୍ଠା-୨

■ରାମମନ୍ଦିର ଅଧାଦେଶ ନେଇ ମୋଦି କହିଲେ

# ନ୍ୟାୟିକ ପ୍ରକ୍ରିୟା ଶେଷ ହେଉ

ନୂଆଦିଲ୍ଲୀ,୧।୧

ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦର ଶୁଣାଣି କେବେ ଆରମ୍ଭ ହେବ ସୁପ୍ରିମକୋର୍ଟ ସେନେଇ ଏଇ ସପ୍ତାହରେ ଘୋଷଣା କରିବେ। ଏହି ମାମଲା ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବାରୁ ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ପରେ ଏ ସଂକ୍ରାନ୍ତ ଅଧାଦେଶ ନେଇ କେନ୍ଦ୍ର ସରକାର ବିଚାର କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆବର୍ଷରେ ଏହା ସ୍ପଷ୍ଟ କରିଛନ୍ତି।

ମୋଦି ଏକ ଜାତୀୟ ନ୍ୟୁଜ୍ ଏଜେନ୍ସିକୁ ମଙ୍ଗଳବାର ସାକ୍ଷାତ୍‌କାର ଦେଇ ରାମମନ୍ଦିର ସମ୍ପର୍କରେ ନୀରବତା ଭଙ୍ଗ କରିଛନ୍ତି। ସେ କହିଛନ୍ତି, ଅଯୋଧ୍ୟା ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ଯାଏ ଏନେଇ ଅଧାଦେଶ ଜାରି କରାଯାଇ ପାରିବ ନାହିଁ। ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ପରେ ସରକାର ନିଜ ଦାୟିତ୍ୱ ତୁଲାଇବାକୁ ଯାଇ ଯାହା କରିବା କଥା ନିଶ୍ଚୟ କରିବେ। କାରଣ ସାମ୍ବିଧାନିକ ନିୟମ ଅନୁସାରେ ଏହି ପ୍ରସଙ୍ଗର ସମାଧାନ କରାଯିବ ବୋଲି ଏନ୍‌ଡିଏର ନେତୃତ୍ୱ ନେଉଥିବା ଭାଜପା ତା'ର ନିର୍ବାଚନୀ ☞ ପୃଷ୍ଠା-୨



- ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ଯାଏ ଅଧାଦେଶ ଆଣିବନାହିଁ କେନ୍ଦ୍ର
- ବିଚାର ପ୍ରକ୍ରିୟାକୁ ୭୦ ବର୍ଷ ଧରି ବାଧା ଦେଇଛି କଂଗ୍ରେସ

## ବିଶିଷ୍ଟ ଅଭିନେତା-ନିର୍ଦ୍ଦେଶକ କାଦର ଖାନ୍‌ଙ୍କ ପରଲୋକ

ମୁମ୍ବାଇ,୧।୧(ଆଇଏଏନ୍‌ଏସ୍)

ବଲିଉଡ୍‌ର ବରିଷ୍ଠ ଅଭିନେତା, ନିର୍ଦ୍ଦେଶକ, ଲେଖକ ତଥା ହାସ୍ୟାଭିନେତା କାଦର ଖାନ୍ ଆଉ ଇହଜଗତରେ ନାହାନ୍ତି।



ଦୀର୍ଘଦିନ ଧରି ଶ୍ୱାସଜନିତ ରୋଗରେ ପୀଡ଼ିତ ଥାଇ କାନାଡାସ୍ଥିତ ଟରଣ୍ଟୋ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ଭୋର ୪ଟା(ଭାରତୀୟ ସମୟ)ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ତାଙ୍କର ସ୍ତ୍ରୀ ହାଜରା, ପୁଅ ସରଫ୍‌ରାଜ୍, ବୋହୂ ଏବଂ ନାତିନାତୁଣୀମାନେ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଟରଣ୍ଟୋ କବରସ୍ଥଳୀଠାରେ ଅନୁଷ୍ଠିତ ହେବ।

ଅବସ୍ଥା ଅତ୍ୟନ୍ତ ସଂକଟଜନକ ଥିବାରୁ ତାଙ୍କୁ କିଛିଦିନ ଧରି ଭେଣ୍ଟିଲେଟରରେ ରଖାଯାଇଥିଲା। ଏହି ସମୟ ☞ ପୃଷ୍ଠା-୨






**CBSE Exam Mate**

ପୃଷ୍ଠା-୯


NATIONAL EGG CO-ORDINATION COMMITTEE — 01.01.2019 — Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply

Eggs Retail Price- 56/-Dozen

Issued in the Interest of Consumers


## ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ, ୫ ଗୁରୁତର

ଟିକିରି,୧।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ବାଙ୍କମ୍ବ ପଞ୍ଚାୟତ ଉପର କୋଡ଼ିଙ୍ଗା ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଗୋଟିଏ ପରିବାରର ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଅସୁସ୍ଥମାନଙ୍କୁ ପ୍ରଥମେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ମୃତକ ଜଣକ ହେଲେ ଭାଗୀରଥି ଝୋଡ଼ିଆଙ୍କ ପୁଅ ରାମନାଥ ଝୋଡ଼ିଆ(୯)।

ଗତ ସୋମବାର ରାତିରେ ଭାଗୀରଥିଙ୍କ ସହିତ ପରିବାର ଲୋକେ ଖାଦ୍ୟ ଖାଇ ଶୋଇଥିଲେ । ରାତିରେ ହଠାତ୍ ସମସ୍ତଙ୍କର ଝାଡ଼ାବାନ୍ତି ହେବା ସହ ଅସୁସ୍ଥ ହୋଇପଡ଼ିଥିଲେ । ସଙ୍ଗେ ସଙ୍ଗେ ଅସୁସ୍ଥମାନଙ୍କୁ ନିକଟସ୍ଥ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ବାଟରେ ରାମନାଥଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟମାନେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ବିଷାକ୍ତ ଖାଦ୍ୟ ଖାଇ ସମସ୍ତେ ଅସୁସ୍ଥ ହୋଇଥିବା ଟିକିରି ପୋଲିସ ପ୍ରକାଶ କରିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସୁଜ୍ଞାନୀ ସାହୁ କହିଛନ୍ତି ।

# ସବୁ ଦଳ ନିର୍ବାଚନୀମୁହାଁ

ଭୁବନେଶ୍ୱର,୧।୧(ବ୍ୟୁରୋ)

ଦିନ ଗଡ଼ିବା ସହ କ୍ୟାଲେଣ୍ଡର ବଦଳିଛି। ସାଧାରଣ ନିର୍ବାଚନକୁ ପାଖାପାଖି ୧୦୦ ଦିନ ରହିଥିବା କୁହାଯାଉଛି। ଏବେଠୁ ରାଜ୍ୟର ସମସ୍ତ ରାଜନୈତିକ ଦଳ ନିର୍ବାଚନ ପାଇଁ ସଜବାଜ ହେଲେଣି । ରାଜ୍ୟରେ ଏକ ସଙ୍ଗରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେବାକୁ ରହିଛି। ତେଣୁ ରାଜନୀତି ଦିନକୁ ଦିନ ସରଗରମ ହେବାରେ ଲାଗିଛି। ଶାସକ ବିଜେଡି ପାଇଁ କ୍ଷମତା ବଜାୟ ରଖିବା ମୁଖ୍ୟ ଆହ୍ୱାନ ହୋଇଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ନିଜ ଅସ୍ତିତ୍ୱକୁ ବଞ୍ଚାଇ ପୂର୍ବ ସଫଳତା ବଜାୟ ରଖିବାକୁ ସମ୍ଭବତଃ ଚେଷ୍ଟା କରିବ। ସେହିପରି ୨୦୧୭ ପଞ୍ଚାୟତ ନିର୍ବାଚନ ବେଳର ସଫଳତାକୁ ସାଧାରଣ ନିର୍ବାଚନରେ ପ୍ରତିଫଳିତ କରିବା ଭାଜପା ପାଇଁ ଚ୍ୟାଲେଞ୍ଜ ହେବ।

- ଜାନୁୟାରୀ ୫ ଓ ୧୬ରେ ଆସୁଛନ୍ତି ମୋଦି
- ୮ରେ ପ୍ରତ୍ୟେକ ଦଳର କୃଷି ସମସ୍ୟାକୁ ନେଇ ଆନ୍ଦୋଳନ
- ବିଜେଡି କରିବ ଏସ୍‌ସି ସମାବେଶ

ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଞ୍ଜ ଜିଲାର ବାରିପଦା ଗସ୍ତରେ ଆସୁଛନ୍ତି। ସେ କିଛି ସରକାରୀ ଉଦ୍‌ଘାଟନ କାର୍ଯ୍ୟକ୍ରମ ସହ ଦଳୀୟ ସାଧାରଣ ସଭାରେ ଯୋଗାଦେବାର କାର୍ଯ୍ୟକ୍ରମ ରହିଛି। ମୋଦି ନିଜ ପୂର୍ବ ସଭାରେ ରାଜ୍ୟ ସରକାରଙ୍କ ପ୍ରତି ଏତେଟା କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ନ ଥିଲେ। ହେଲେ ବାରିପଦାରେ ସେଥିରେ ପରିବର୍ତ୍ତନ ଦେଖାଦେଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଗୋଟିଏ ଦିନ ପରେ ଅର୍ଥାତ୍ ଜାନୁୟାରୀ ୬ରେ ବିଜୁ କୃଷକ ଜନତା ଦଳ ଟ୍ରେନ୍ ଯୋଗେ ଦିଲ୍ଲୀ ଗସ୍ତ କରିବ। ୮ରେ ନୂଆଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମ୍‌ରେ କେନ୍ଦ୍ରର କୃଷି ବିରୋଧୀ ନୀତି ନେଇ ଦଳ ବିକ୍ଷୋଭ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହି ସମାନ ଦିନ ଚାଷୀ ପ୍ରସଙ୍ଗରେ ଭାଜପା ଓଡ଼ିଶା ସଚିବାଳୟ ଘେରାଉ ଚେତାବନୀ ଦେଇଛି। କଂଗ୍ରେସ ମଧ୍ୟ ଜିଲା ମହକୁମା ଏବଂ ବ୍ଲକସ୍ତରରେ ଘେରାଉ କରିବା ପାଇଁ ଘୋଷଣା କରିଛି। ଏହି ୩ ପ୍ରମୁଖ ରାଜନୈତିକ ଦଳକୁ ଛାଡ଼ି ଅନ୍ୟ କେତେକ ଛୋଟ ଦଳ ଏବଂ କୃଷକ ସଙ୍ଗଠନ ମଧ୍ୟ ସମାନ ଦିନ ଆନ୍ଦୋଳନ କରିବେ। ତେଣୁ ଆସନ୍ତା ୮ ତାରିଖ ଦିନ ସବୁ ଦଳର ସମାବେଶ ରାଜନୀତି ଦେଖିବାକୁ ମିଳିବ। ଆନ୍ଦୋଳନ ଉକ୍ତ ଦିନ ସମାପ୍ତ ହେଲେ ବି ପ୍ରସଙ୍ଗକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଲଗାତର ଦ୍ୱିତୀୟ ଥର ପାଇଁ ଜାନୁୟାରୀ ୧୬ରେ ☞ ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଝୁମୁକା
ପରିବାରବର୍ଗ


ଆୟନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Brahmin groom Engineer 31, Railway 38, Manager 41 (caste-no-bar). 7873374269. D-65423

Karan/ Khandayat bride BA. BSc, MBA, MCom, MA, MSc wanted for a 34 year textile Engineer working as quality assurance officer in Nobeltex Company, Gujarat. Contact: 9937571552, 8658811742. D-64765

Wanted beautiful khandayat girl for B.Tech 32/5'7" working in Hydrabad. 9178143655. D-65427

Wanted fair beautiful Karan girl Graduate knowledge in Computer for a Karan boy of Puri Town, 32, 5'5" (MBA marketing Manager, Bhubaneswar). Contact: 9438360736. D-64032

Now Matrimonial ads. only on Wednesday & Sunday
Book 1 Get 1 FREE

### GROOM WANTED

Divorcee bride Bank 27+, Teacher 38, Clerk 34. Samadhan. 8594926181. D-65425

34, 5'3" BSc Nursing 28,000/- କନ୍ୟା ପାଇଁ ବରପାତ୍ର ଆବଶ୍ୟକ। (କୌଣସି ଜାତିବନ୍ଧକ ନାହିଁ)। 8895196296, 8658437506. D-10292

Extremely (most) beautiful Khandayat girl 1993/ 5'1" MCA serving Hyderabad required professional Barsha. 9338229705, 7749883585. D-64766

# classified




### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65238

CV Raman College ପାଖରେ 8ଟି plot ବିକ୍ରିହେବ। Contact: 9937910363. D-63892

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଛି। 8338932027. D-65312

Book 3BHK duplex house at Jagamara, Bhubaneswar having land area 1260 sqft. and 1900 sqft. construction area. Price- 77 lakh. 9078151122. D-65275

For sale Paradeep town 11000 sqft. gharabari plot with boundarywall in residential area. Contact M: 9938219434. D-10255

Book 4BHK individual duplex house at Baramunda, Bhubaneswar having land area 1600 sqft. and 2200 sqft. construction area, price- 88 lakh. 9078151122. D-65276

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

Plot sale near AIIMS Hospital Bhubaneswar with 30'road. 8456850883. D-65311

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାନ୍ତୁ କେବଳ ୫୨୫୦/-ରେ। ବିବାହ ଶୁଭେଚ୍ଛା ୫୩୦୪/- (ଫଟୋ ସହ) ଏବଂ ୫୨୧୦/- (ବିନା ଫଟୋରେ) ବି.ଦ୍ର.: ଶୁଭେଚ୍ଛା ୫(H) X ୫ସେମି. (W) ହେବା ଆବଶ୍ୟକ।




Shop 200 sqft. on 1st floor at Bapuji Nagar, BBSR. 9040686695. D-62146

1000, 750, 700, 650, 450 sqft. available for office purpose at centrally located, Unit-9, 2300 sqft. office space available at Metro house Vanivihar, 3BHK available for rent at Damayanti Apartment Nayapally. Mob: 9861256148, 9439483674. D-10289

### ଜନ୍ମଦିନ ଶୁଭେଚ୍ଛା



ଶ୍ରୀଲିପ୍ସା ପାଣି (ଝୁମୁକା)
ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ଆଜି ତୋର ଜନ୍ମଦିନରେ ପରମପିତା, ପରମେଶ୍ୱର ଶ୍ରୀଜଗନ୍ନାଥ ଓ ମା' ମଣୀନାଗ ଦୁର୍ଗାଙ୍କ ପଦକମଳରେ ଏତିକି ମିନତି ଆଗାମୀ ଭବିଷ୍ୟତକୁ ଉଜ୍ଜ୍ୱଳତର ଓ ଚଲାପଥକୁ କୁସୁମିତ କରନ୍ତୁ। ସ୍ୱର୍ଗପୁରରୁ ବାପା ଓ ଅଜାଙ୍କର ଆଶୀର୍ବାଦଧାରା ବରଷୁଥାଉ। ଶୁଭେଚ୍ଛା ସହ: ଆଈ, ମମି, ଡାଡି, ମାମା, ପାପା, ବାପା, କୁଟୁଲୁ, ମୁଟୁଲୁ, ନନା, ବୋଉ, କାକା, ଖୁଡୀ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୬୪୦୨୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୧୯ ସହରରେ ପାରଦ ୧୦ ଡିଗ୍ରୀ ତଳେ

ଭୁବନେଶ୍ୱର,୧।୧(ବ୍ୟୁରୋ)

ଗତ କିଛିଦିନ ହେବ ସମଗ୍ର ରାଜ୍ୟକୁ ଶୀତ ଥରାଉଛି। ଦିନ ଓ ରାତିରେ କୌଣସି ଫରକ ପଡୁନାହିଁ। ଶୀତବସ୍ତ୍ର ବ୍ୟତୀତ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପାରଦ ୪ ଡିଗ୍ରୀ ତଳକୁ ଖସି ଯାଉଛି। ପ୍ରଚଣ୍ଡ ଶୀତରେ ଦେହମୁଣ୍ଡ କୋଲା ମାରି ଯାଉଛି। ମଙ୍ଗଳବାର ରାଜ୍ୟର ୨୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ଶୀତଳ ବାୟୁ ରାଜ୍ୟବାସୀଙ୍କୁ କାଲୁଆ କରିପକାଇଛି। ସଞ୍ଜ ହେବା ମାତ୍ରେ ମାଡିଆସୁଛି ଶୀତ। ସକାଳ ୧୧ଟା ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଦାରିଙ୍ଗବାଡ଼ିର ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଥିବା ବେଳେ ଫୁଲବାଣୀ ୪.୫, ବାଲେଶ୍ୱର ୯.୯, କଟକ-ଭୁବନେଶ୍ୱର ୯.୫, ଅନୁଗୋଳ ୬.୬, ବାରିପଦା ୯.୨, ଝାରସୁଗୁଡ଼ା ୭.୮, ସୁନ୍ଦରଗଡ଼ ୭, ହୀରାକୁଦ ୯.୧, ତାଳଚେର ୯.୪, ଭବାନୀପାଟଣା ୭, ବଲାଙ୍ଗୀର ୮, କୋରାପୁଟ ୬.୬, ଟିଟିଲାଗଡ଼ ୭, ମାଲକାନଗିରି ୯.୪ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଶୀତର ପ୍ରକୋପ ହ୍ରାସ ପାଇବ।

# ଘରୋଇ ଜମିରେ ହେବ ଟ୍ରେଞ୍ଚ୍, ସୋଲାର ଫେନ୍ସିଂ

ଭୁବନେଶ୍ୱର, ୧।୧(ବ୍ୟୁରୋ)

ଦିନକୁ ଦିନ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଏଥିପାଇଁ କେତେବେଳେ ହାତୀ ମଣିଷ ଦ୍ୱାରା ଶିକାର ହେଉଛି ତ ଆଉ କେତେବେଳେ ହାତୀ ଦ୍ୱାରା ମଣିଷ ଶିକାର ହେଉଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ବନ ବିଭାଗ ନୂଆ ଯୋଜନା କରୁଛି। ହାତୀଙ୍କ ବାଟ ରୋକିବାକୁ ସରକାରୀ ଜମି ପରିବର୍ତ୍ତେ ଏବେ ଘରୋଇ ଜମିରେ ଟ୍ରେଞ୍ଚ୍ ଖୋଳାଯିବା ସହ ସୋଲାର ଫେନ୍ସିଂ କରାଯିବ। ସମ୍ପୃକ୍ତ ଜମି ମାଲିକଙ୍କୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବ। ପିପିପି ମୋଡ୍‌ରେ ଏହା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ଦୀପ ତ୍ରିପାଠୀ କହିଛନ୍ତି।

ସେହିପରି ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ରୋକିବା ପାଇଁ ହାତୀଙ୍କୁ ଘଉଡ଼ାଇବା ଲାଗି ମାସକ ମଧ୍ୟରେ ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର 'ଗଜ' ଗାଡ଼ି ଅଣାଯିବ। ଏଥିରେ ସାଇରନ୍, ଟ୍ରାଙ୍କୁଲାଇଜରଠାରୁ ଆରମ୍ଭ କରି କ୍ରେନ୍ ଭଳି ବିଭିନ୍ନ ସରଞ୍ଜାମ ରହିଛି। ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ଲକ୍ଷ ବଦଳରେ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ବନ ବିଭାଗ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ପିସିସିଏଫ୍ କହିଛନ୍ତି।

ଅନ୍ୟପଟେ ଏହି ଯୋଜନାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ସନ୍ତୁଷ୍ଟ ନୁହନ୍ତି। ସେମାନଙ୍କ ମତରେ ବନ୍ୟପ୍ରାଣୀ ସୁରକ୍ଷା ସହିତ ହାତୀ-ମଣିଷ ଲଢ଼େଇ ପାଇଁ ବନ ବିଭାଗ ଅନେକ ପଦକ୍ଷେପ ନେଉଛି। ତେବେ ଯୋଜନା କାର୍ଯ୍ୟକ୍ଷମ ହେବା ପରେ ହିଁ ସଫଳ ହେବ କି ନାହିଁ ଜଣାପଡ଼ିବ। ସୂଚନା ମୁତାବକ, ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଆକ୍ରମଣରେ ୬୮୦ ଜଣଙ୍କ ଜୀବନ ଯାଇଛି। ଏହି ସମୟରେ ୫୪୮ ହାତୀଙ୍କ ମୃତ୍ୟୁ ଘଟିଛି। ହାତୀ-ମଣିଷ ଲଢ଼େଇ ରୋକିବାକୁ ବନବିଭାଗର ପ୍ରୟାସ କେତେ ସଫଳ ହେଉଛି ତାହା ଭବିଷ୍ୟତରେ ଜଣାପଡ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସବୁ ଦଳ ନିର୍ବାଚନୀ...

ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହା ଭାଜପାର ଆକ୍ରମଣାତ୍ମକ ରଣନୀତିର ଆଭାସ ଦେଲାଣି ବୋଲି କୁହାଯାଉଛି।

ରାଜ୍ୟର ଅନୁସୂଚିତ ଜାତି(ଏସ୍‌ସି) ଭୋଟ ପ୍ରାୟ ୧୬ ପ୍ରତିଶତ ରହିଛି। ଏହାକୁ ସମସ୍ତ ଦଳ ନିଜ ଆଡ଼କୁ ଆକର୍ଷିତ କରିବାକୁ ଚାହୁଁଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ବିଜେଡି ନିକଟରେ ଏସ୍‌ସି ସେଲ୍ କାର୍ଯ୍ୟକାରିଣୀ ବୈଠକ ସାରିଛି। ଚଳିତ ମାସରେ ଏକ ବିରାଟ ଏସ୍‌ସି ସମାବେଶ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି। କେନ୍ଦ୍ର ଦ୍ୱାରା ଏସ୍‌ସି ବର୍ଗର ଛାତ୍ରୀଛାତ୍ରଙ୍କ କେନ୍ଦ୍ରୀୟ ଅନୁଦାନ ହ୍ରାସ ପ୍ରସଙ୍ଗକୁ ମୁଖ୍ୟ ଆୟୁଧ କରିଛି। ହେଲେ କୁନ୍ଦୁଲୀ ପୀଡ଼ିତାର ଆତ୍ମହତ୍ୟା, ରାଜ୍ୟ ସଭାରୁ ଏସ୍‌ସି ବର୍ଗର ପ୍ରତିନିଧି ବିଷ୍ଣୁ ଦାସଙ୍କୁ ଅପସାରଣ କରାଯିବା ପ୍ରସଙ୍ଗକୁ ଆୟୁଧ କରି ବିରୋଧୀ ଘେରି ପାରନ୍ତି। ଗତ ଡିସେମ୍ବର ୬ରେ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣ ସଗରିଆଙ୍କ ସମାବେଶରେ ଏସ୍‌ସି ବର୍ଗର ସଂଖ୍ୟାଧିକ ଉପସ୍ଥିତ ସବୁ ଦଳକୁ ଚିନ୍ତାରେ ପକାଇଛି, ଯେଉଁଥି ପାଇଁ ବିଜେଡି ଏସ୍‌ସି ସମାବେଶ ଉପରେ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଜାନୁୟାରୀରେ ମହିଳା କଂଗ୍ରେସ ପିପିଲି ଗଣବଳାତ୍କାର ପ୍ରସଙ୍ଗରେ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିରୋଧରେ ଆନ୍ଦୋଳନ ଜାରି ରଖିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଜାନୁୟାରୀ ଶେଷ ଅର୍ଥାତ୍ ଫେବୃୟାରୀ ପ୍ରଥମ ସପ୍ତାହରେ ଭାଜପା ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚାର ସମାବେଶ ଓଡ଼ିଶାରେ କରିବ। ତେଣୁ ରାଜ୍ୟରେ ୨୨ ପ୍ରତିଶତ ଆଦିବାସୀଙ୍କ ଭୋଟ୍ ଉପରେ ଏହା ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି।

ଏନେଇ ବିଜେଡି ସାଧାରଣ ସମ୍ପାଦକ ଅରୁଣ ସାହୁ କହିଛନ୍ତି ଯେ, ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଏକାକୀ କଂଗ୍ରେସ ବିରୋଧୀ ଦଳ ଭାବେ ଲଢ଼ି ଆସୁଥିଲା। ୨୦୦୯ରୁ ଭାଜପା ଅନ୍ୟତମ ବିରୋଧୀ ଦଳ ଭାବେ ଉଭା ହୋଇଛି। ହେଲେ ୨୦୦୯ ଏବଂ ୨୦୧୪ରେ ବିଜେଡିର ଆସନ ସଂଖ୍ୟା ବୃଦ୍ଧି ପାଇଛି। ୧୯ ବର୍ଷର ରାଜ୍ୟ ରାଜନୀତିକୁ ସମୀକ୍ଷା କଲେ, ବିଜେଡି ଭୋଟ ସ୍ଥିର ରହିଥିବା ପ୍ରତୀୟମାନ ହୋଇଛି। ଅପରପକ୍ଷରେ ବିରୋଧୀ ଭୋଟ ଭାଗ ହୋଇ ଚାଲିଛି। ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୌଣସି ବିକଳ୍ପ ଉଭା ହୋଇନାହିଁ। ତେଣୁ ୨୦୧୯ରେ ବିଜେଡି ତା'ର ପୂର୍ବ ସଫଳତା ବଜାୟ ରଖିବ ବୋଲି ଅରୁଣ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଭାଜପା ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ଯେ, ୨୦୦୦ରୁ ୨୦୧୪ ମଧ୍ୟରେ ପ୍ରତିଯୋଗିତାମୂଳକ ରାଜନୀତି ଦେଖିବାକୁ ମିଳି ନ ଥିଲା। ୨୦୧୪ ପରେ ଭାଜପା ଏକ ଦୃଢ଼ ବିରୋଧୀ ଦଳ ଭାବେ ଉଭା ହୋଇଛି। ଓଡ଼ିଶା ଗ୍ରାମାଞ୍ଚଳ ବହୁଳ ରାଜ୍ୟ। ପଞ୍ଚାୟତ ନିର୍ବାଚନରେ ବିଜେଡି ଆସନ ସଂଖ୍ୟା ଅଧିକ ରହିଥିଲା, ମାତ୍ର ଜିଲା ପରିଷଦ ଭୋଟ ପ୍ରତିଶତ ଏତେଟା ଅଧିକ ନ ଥିଲା। ତେଣୁ ୧୮ ବର୍ଷର ସରକାର ବିରୋଧରେ ଏକ ସରକାରୀ ବିରୋଧୀ ଜନମତ ରହିଛି। ଏହାକୁ ଭାଜପା ହିଁ ବିକଳ୍ପ ଭାବେ ପୁଞ୍ଜି କରି ବିଜେଡିର କଡ଼ା ମୁକାବିଲା କରିପାରିବ। ନିର୍ବାଚନରେ ବ୍ୟାପକ ଅର୍ଥ ବଳ ଜନମତକୁ ପ୍ରଭାବିତ କରିପାରିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ସରକାରୀ ବିରୋଧୀ ହାୱା ଆହୁରି ବୃଦ୍ଧି ପାଇବ ବୋଲି ସଜ୍ଜନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ଉଭୟ ଭାଜପା-ବିଜେଡିକୁ ସମାଲୋଚନା କରାଯାଇଛି। ବିଧାୟକ ପ୍ରଫୁଲ୍ଲ ମାଝୀ କହିଛନ୍ତି ଯେ, ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା କ୍ଷମତାରେ ଅଛନ୍ତି। କଂଗ୍ରେସ କ୍ଷମତାରେ ନାହିଁ। ଭାଜପା ବିକଳ୍ପ ନୁହେଁ ବୋଲି ୩ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇସାରିଛି। ବିଜେଡି-ଭାଜପା ମଧ୍ୟରେ ଆଘୋଷିତ ମେଣ୍ଟ ରହିଛି। ୨୦୧୯ ନିର୍ବାଚନରେ ଚାଷୀ ଭୋଟ୍ ନିର୍ଣ୍ଣାୟକ ହେବ। କଂଗ୍ରେସ ଜିତିଥିବା ସବୁ ରାଜ୍ୟରେ ଋଣଛାଡ଼ ହୋଇସାରିଛି। ତେଣୁ ଚାଷୀ କଂଗ୍ରେସ ସହ ରହିବେ। ଛତିଶଗଡ଼ ଇସ୍ତାହାର ପିସିସି ଇସ୍ତାହାରରେ ପ୍ରତିଫଳିତ ହେବ। ତେଣୁ ଛତିଶଗଡ଼ ପରି କଂଗ୍ରେସ ଓଡ଼ିଶାରେ ମଧ୍ୟ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ। ବିଜେଡିର ବହୁ ବିଧାୟକ କଂଗ୍ରେସ ଦଳ ଯୋଗାଯୋଗରେ ରହିଛନ୍ତି।

### ଆନ୍ଧ୍ର ପାଇଲା ...

ଦୁଇ ରାଜ୍ୟ ପାଇଁ ଗୋଟିଏ ହାଇକୋର୍ଟ ଥିଲା। ଏହା ତେଲେଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ଅବସ୍ଥିତ। ଆନ୍ଧ୍ର ହାଇକୋର୍ଟକୁ ମିଶାଇ ଦେଶରେ ହାଇକୋର୍ଟ ସଂଖ୍ୟା ୨୫ରେ ପହଞ୍ଚିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଏହାକୁ 'ଐତିହାସିକ ଦିନ' ବୋଲି ଅଭିହିତ କରି ଖୁସିବ୍ୟକ୍ତ କରିଛନ୍ତି। ନୂଆ ହାଇକୋର୍ଟ ପାଇଁ କୋଠା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ରାଜ୍ୟ ସରକାର ବିଜୟୱାଡ଼ାସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ୍ ଅଫିସକୁ ଅସ୍ଥାୟୀ କୋର୍ଟ ପରିସରରେ ପରିବର୍ତ୍ତିତ କରିଛନ୍ତି। ଏହାକୁ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମାନ୍ନା ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି। ହାଇକୋର୍ଟ ପାଇଁ ନୂଆ କୋଠା ନିର୍ମାଣ କାର୍ଯ୍ୟ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଉଛି। ଶପଥ ନେଇଥିବା ୧୩ ବିଚାରପତି ହେଲେ ଜଷ୍ଟିସ୍ ଏସ୍.ଭି. ଭଟ୍ଟ, ଏ.ଭି. ଶେଷ ସାଇ, ଏମ୍. ସୀଥାରାମା ମୂର୍ତ୍ତି, ୟୁ. ଦୁର୍ଗାପ୍ରସାଦ ରାଓ, ଟି. ସୁନୀଲ ଚୌଧୁରୀ, ଏମ୍. ସତ୍ୟନାରାୟଣ ମୂର୍ତ୍ତି, ଜି. ଶ୍ୟାମାପ୍ରସାଦ, ଜେ. ଉମାଦେବୀ, ଏନ୍. ବାଲାଯୋଗୀ, ଟି. ରଜନୀ, ଡିଭିଏସ୍‌ଏସ୍ ସୌମ୍ୟଜୁଲୁ, କେ. ବିଜୟଲକ୍ଷ୍ମୀ ଏବଂ ଏମ୍. ଗଙ୍ଗାରାଓ।

### ବିଶିଷ୍ଟ ଅଭିନେତା-ନିର୍ଦ୍ଦେଶକ ...

ମଧ୍ୟରେ କାଦର ଖାନ୍‌ଙ୍କ ମୃତ୍ୟୁକୁ ନେଇ ସୋସିଆଲ ମିଡିଆରେ ଗୁଜବ ଉଠିବା ସହ କେତେକ ଗଣମାଧ୍ୟମ (ଧରିତ୍ରୀ ନୁହେଁ)ରେ ଭୁଲ ଖବର ପ୍ରକାଶ ପାଇଥିଲା। ଯାହା ତାଙ୍କ ପରିବାର ଏବଂ ଆତ୍ମୀୟଙ୍କୁ ଖୁବ୍ ମାନସିକ ଧକ୍କା ଦେଇଥିଲା। ସେ ପାଖାପାଖି ୪ମାସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶ୍ୱାସକ୍ରିୟାରେ ସମସ୍ୟା ସହିତ ବୟସବୃଦ୍ଧି ଜନିତ ଅନେକ ରୋଗରେ ସେ ପୀଡ଼ିତ ଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ନେତା, ବଲିଉଡ କଳାକାର କାଦରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

୧୯୩୭ ଅକ୍ଟୋବର ୨୨ରେ ଆଫଗାନିସ୍ତାନର କାବୁଲରେ ସେ ଜନ୍ମଗ୍ରହଣ କରିଥିଲେ। ମ୍ୟୁନିସିପାଲ ସ୍କୁଲ୍‌ରେ ଶିକ୍ଷାଲାଭ କରିବା ପରେ ମୁମ୍ବାଇର ଇସମାଇଲ୍ ୟୁସୁଫ୍ କଲେଜରୁ ସ୍ନାତକ ପାଶ୍ କରିଥିଲେ। ସେ ଫିଲ୍ମ ନିର୍ମାଣ ସମ୍ପର୍କିତ ଅନେକ ପୁସ୍ତକ ରଚନା କରିଛନ୍ତି। ଫିଲ୍ମର କାହାଣୀ ଓ ସଂଳାପ ରଚନା କରିବାରେ ତାଙ୍କର ଖୁବ୍ ଦକ୍ଷତା ଥିଲା। ସେ ଉର୍ଦ୍ଦୁରେ ମଧ୍ୟ ବେଶ୍ ପାରଙ୍ଗମ। ୧୯୭୩ରେ 'ଦାଗ୍' ଫିଲ୍ମରେ ସେ ପ୍ରଥମ କରି ଅଭିନୟ କରିଥିଲେ। ଫିଲ୍ମ କ୍ୟାରିୟରର ଦୀର୍ଘ ୩୫ବର୍ଷ ମଧ୍ୟରେ ସେ ୩୦୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିବା ସହିତ ହିନ୍ଦୀ ଓ ଉର୍ଦ୍ଦୁ ଭାଷାର ୨୫୦ରୁ ଅଧିକ ଫିଲ୍ମର କାହାଣୀ ଓ ସଂଳାପ ରଚନା କରିଛନ୍ତି। ୧୯୭୪ରେ ପ୍ରଥମକରି ତାଙ୍କ କାହାଣୀକୁ ନେଇ 'ରୋଟି' ଫିଲ୍ମ ନିର୍ମାଣ ହୋଇଥିଲା।

### ନ୍ୟାୟିକ ପ୍ରକ୍ରିୟା...

ଇସ୍ତାହାରରେ କହିଥିଲା। ଏହି ନ୍ୟାୟିକ ପ୍ରକ୍ରିୟାକୁ କଂଗ୍ରେସ ମନ୍ଥର କରିଦେଇଥିଲା। କୋର୍ଟରେ ବାଧା ସୃଷ୍ଟିକରୁଥିବା କଂଗ୍ରେସର ଓକିଲମାନେ ଏଥିରୁ କ୍ଷାନ୍ତ ରହିବା ଉଚିତ। ବିଚାର ପ୍ରକ୍ରିୟାକୁ ତା' ବାଟରେ ଯିବାକୁ ଦିଆଯାଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୭୦ ବର୍ଷ ଧରି ସରକାରରେ ଥିବା ଲୋକେ ଏହାର ସମାଧାନକୁ ସ୍ଥଗିତ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ବୋଲି ସେ ସମାଲୋଚନା କରିଛନ୍ତି। ଟ୍ରିପଲ ତଲାକ୍ ପ୍ରସଙ୍ଗରେ ଯଦି ଅଧ୍ୟାଦେଶ ଅଣାଯାଇ ପାରିଲା ତେବେ ରାମମନ୍ଦିର ପ୍ରସଙ୍ଗରେ କାହିଁକି ଅଣାଯାଇ ପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା। ମୋଦି ଏହାର ଉତ୍ତରରେ କହିଛନ୍ତି, ତିନି ତଲାକ୍‌କୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରି ରାୟ ଦେବା ପରେ ଏହି ପ୍ରସଙ୍ଗରେ ଅଧ୍ୟାଦେଶ ଆସିଥିଲା। ବିହାରରେ ଭାଜପାର ସହଯୋଗୀ ଦଳଗୁଡ଼ିକର ମତ ହେଉଛି, ରାମମନ୍ଦିର ପ୍ରସଙ୍ଗ ଏନ୍‌ଡିଏର କାର୍ଯ୍ୟସୂଚୀରେ ନାହିଁ, ବରଂ ଏହା ଭାଜପାର ଏଜେଣ୍ଡା। ମନ୍ଦିର ବିବାଦକୁ ନେଇ କୋର୍ଟ ଭିତରେ ହିଁ ନିଷ୍ପତ୍ତି ହେଉ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିକଟରେ କହିଥିଲେ। ଏହି ପରିପ୍ରେକ୍ଷୀରେ ମୋଦି ଏଭଳି ମନ୍ତବ୍ୟ ଦେଇଥିବା କୁହାଯାଉଛି। ପ୍ରକାଶ ଯେ, ସୁପ୍ରିମକୋର୍ଟରେ ଏହି ପ୍ରସଙ୍ଗରେ ଦୈନନ୍ଦିନ ଶୁଣାଣି କରିବା ଲାଗି ପିଟିଶନ ଦାଏର ହୋଇଛି। ଆସନ୍ତା ୪ ତାରିଖରେ ବିଚାର ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

### ୬ ସହରର ପ୍ରଦୂଷଣ...

ଉକ୍ତ ୬ ସହରରେ କାର୍ଯ୍ୟକାରୀ କରାଯିବ। ପ୍ରତ୍ୟେକ ସହରର ବାୟୁ ପ୍ରଦୂଷଣ ସ୍ତରକୁ ମାନୁଆଲ ବଦଳରେ ଅନଲାଇନରେ ମନିଟରିଂ କରାଯିବ। କେଉଁ ସହରର ପ୍ରଦୂଷଣ କେତେ ତାହା ସବୁ ସମୟରେ ଜଣାପଡ଼ିବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବାୟୁ ପ୍ରଦୂଷଣକୁ ନିୟମିତ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ଦେବେ ବୋଲି ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି। ସହରାଞ୍ଚଳରେ ଧୂଳିଜନିତ ପ୍ରଦୂଷଣକୁ ରୋକିବା ପାଇଁ ଆକ୍ସନ ପ୍ଲାନରେ ଅନେକ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିବା ପରେ ତାହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମୁରୁଗେସେନ ସୂଚନା ଦେଇଛନ୍ତି।





**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ରମାମଣୀ ଦାଶ
ଗ୍ରାମ- ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୨।୦୨।୧୯୩୯
ତିରୋଧାନ: ୧୪।୧୨।୨୦୧୭

ବୋଉ, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ମନୋବୃତ୍ତି ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣ ଯେଉଁଠାରେ ବି ଥାଆନ୍ତୁ ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳିର ସହ: ପୁତ୍ର- ବୁଡା, ପୁପୁ, ଧଡୁ, ବୁନା, ବାପୁନୀ, ବୋହୂ- ମମତା, ରାନୁ, ସୋନି, ଉଷା, ପିଙ୍କି ଏବଂ ନାତି ଓ ନାତୁଣୀମାନେ।
ଧ-୬୪୬୭୪

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ଅନୀମା ନନ୍ଦ
ସ୍ୱାମୀ-ବସନ୍ତ କୁମାର ନନ୍ଦ
କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ: ୨୯।୦୯।୧୯୫୭
ତିରୋଧାନ: ୦୨।୦୧।୨୦୧୫

ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ।
ଧ-୧୦୩୩୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଗୀତା ଚାନ୍ଦ
ଇବ୍ ନଗର, ସୁନ୍ଦରଗଡ଼
ଆବିର୍ଭାବ: ୨୫।୦୩।୧୯୫୦
ତିରୋଧାନ: ୨୩।୧୨।୨୦୧୮

ଆପଣଙ୍କ କର୍ମମୟ ଜୀବନ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳ ଜୀବନ ଶୈଳୀ ଆମ୍ଭର ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ବାବା ନୀଳକଣ୍ଠେଶ୍ୱର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ସ୍ୱାମୀ- ଗୌର ଚନ୍ଦ୍ର ଚାନ୍ଦ, ପୁତ୍ର- ବାବୁ, ପିନ୍ଟୁ, ପୁତ୍ରବଧୂ- ଶୁଭ, ମିତୁ, ଝିଅ- ନିର୍ମଳା, ଉର୍ମିଳା, ଶର୍ମିଳା, ଜ୍ୱାଇଁ- ଉମେଶ, ଦୁର୍ଗା, ଅନନ୍ତ ଏବଂ ନାତି-ନାତୁଣୀ ଓ ପରିବାରବର୍ଗ।
ଧ-୧୦୩୩୯


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅଷ୍ଟମ ଭାବରେ ଚନ୍ଦ୍ର ଦୁଇ ପଣ୍ଡିତଙ୍କୁ ସାଙ୍ଗରେ ଧରି ଶାରୀରିକ ଅସୁସ୍ଥତା, ଆର୍ଥିକ ଦୁଃସ୍ଥିତି ଓ ପାରିବାରିକ ଅସ୍ଥିରତାର ନିରାକରଣ ଦିଗରେ ଆଲୋଚନା କରିବେ। ବନ୍ଧୁମାନଙ୍କ ପ୍ରେରଣା ଓ ପରାମର୍ଶ କ୍ଷେତ୍ରବିଶେଷରେ ଉତ୍ସାହ ଓ ପ୍ରେରଣା ପାଇଁ ଖୋରାକ ଯୋଗାଇବ। ସନ୍ତାନ ସନ୍ତତିଙ୍କ ଯୋଗୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ସୂଚନା ପାଇବେ।

**ବୃଷ**
ଆଜି କୌଣସି କ୍ଷେତ୍ରରେ ଯୁକ୍ତିତର୍କ, ପ୍ରତିଯୋଗିତା, ଆଲୋଚନା କରିବା ଓଲଟା ଫଳ ପ୍ରଦାନ କରିବ। ଅବଶ୍ୟ ଲକ୍ଷ୍ୟହାସଲରେ ଯାତ୍ରା, ଆମଦାନୀ କାରବାର, ଯାନ୍ତ୍ରିକ ଜିନିଷର ମରାମତି ଦିଗରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମିଥୁନ**
ଦୈହିକ ଅସୁସ୍ଥତା, ଧୈର୍ଯ୍ୟର ଅଭାବ, ବନ୍ଧୁଙ୍କ ଅସହିଷ୍ଣୁ ମନୋଭାବ ମାନସିକ ସ୍ଥିତିକୁ ସୁସ୍ଥ ରଖି ନ ପାରେ। ଅବଶ୍ୟ ଅର୍ଥଲାଭ, ସହକର୍ମୀଙ୍କ ଉଦାରତା, ଉପର ଅଧିକାରୀଙ୍କ ସାହାଯ୍ୟରୁ ଉପକୃତ ହେବେ। ଆମୋଦ ପ୍ରମୋଦର ମଉକା, ଖୋଜୁଥିବା ଜିନିଷ ପ୍ରାପ୍ତି, ସ୍ଥଗିତ କାର୍ଯ୍ୟର ପୁନଃ ଆରମ୍ଭ କେତେକାଂଶରେ ଖୁସି କରାଇବ।

**କର୍କଟ**
ଗୁରୁଚାନ୍ଦ୍ରୀଯୋଗର ପ୍ରଭାବରେ ଯେଉଁ କାର୍ଯ୍ୟାରମ୍ଭ କରିବେ ତାହା କଦାପି ନିଷ୍ଫଳ ହେବନାହିଁ। ସଭାସମିତି, ସଙ୍ଗଠନ, ରାଜନୀତି ତଥା ପ୍ରଶାସନିକ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା, ଆନୁଷ୍ଠାନିକ କାମ ଓ ଶିଳ୍ପ, ବାଣିଜ୍ୟାଦିରେ ଅଗ୍ରଣୀ ହୋଇପାରନ୍ତି। ଦୂରଯାତ୍ରା କରିପାରନ୍ତି।

**ସିଂହ**
ପାରିବାରିକ ସଦ୍‌ଭାବ, କର୍ମକ୍ଷେତ୍ରର ସମ୍ମାନ, ସାମାଜିକ ପ୍ରତିଷ୍ଠା ଈର୍ଷାପରାୟଣ ସହକର୍ମୀଙ୍କ ଗାତ୍ରଦାହର କାରଣ ହେବ। ସୁପରିକଳ୍ପିତ ଉନ୍ନତ ଚିନ୍ତା ଓ ବାସ୍ତବମୁଖୀ ଯୋଜନାକୁ ସାକାର କରାଇବାରେ ସମର୍ଥ ହେବେ। ଅଫିସ୍‌ରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତ ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ବିବାଦ ଘେରରେ ପଡିବେ।

**କନ୍ୟା**
ଅନୁକୂଳ ଗ୍ରହସ୍ଥିତିର ସୁପ୍ରଭାବରେ ଅଭାବ ଦୂରହେବ ଏବଂ ଅଟକି ରହିଥିବା କାମଗୁଡିକ ମଧ୍ୟ ସମ୍ପନ୍ନ ହୋଇପାରିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ ତଥାପି ମତଭେଦ କାରଣରୁ ବିବାଦୀୟ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶା ପୂରଣ ହେବ। ଭାବପ୍ରବଣତା ଯୋଗୁ ମନୋବଳ ଉନ୍ନତ ରହି ନ ପାରେ।

**ତୁଳା**
ଦ୍ୱିତୀୟସ୍ଥ ଗ୍ରହଜନିତ କହିବେ ଯେମିତି କରିବେ ମଧ୍ୟ ସେମିତି ଯାହାକି ବନ୍ଧୁମାନଙ୍କ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଯିବ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ନୂତନ ଚୁକ୍ତିନାମା, ଆନୁଷ୍ଠାନିକ କାମ ପ୍ରଭୃତି ମାନସିକ ଶାନ୍ତି ପ୍ରଦାନ କରିପାରେ। ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ ନଚେତ୍ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିବେ।

**ବିଛା**
ଆଜିର ଦିନଟି ବହୁତ ଭଲ ସଫଳତାର ଆନନ୍ଦରେ ମସ୍‌ଗୁଲ୍ ରହିପାରନ୍ତି। ଖଳପ୍ରକୃତିଙ୍କ ବିରୁଦ୍ଧାଚରଣ, ବନ୍ଧୁଙ୍କ ଅସହଯୋଗ ମନୋଭାବ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱଜନିତ ଅନୁରାଧା ବିଷର୍ଣ୍ଣ ରହିପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନୂତନ ଚୁକ୍ତିପତ୍ର, ବନ୍ଧୁଙ୍କ ସହ ଆଲୋଚନା ପାଇଁ ଦିନଟି ଭଲ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଓ ତର୍କବିବାଦର ରୂପ ନେଇପାରେ।

**ଧନୁ**
ବିଗତ ସମସ୍ୟା, କରଜଦାତାଙ୍କ ଚାପ ଧୀରେ ଧୀରେ ନୈରାଶ୍ୟର ଅନ୍ଧକାର ଆଡକୁ ଆପଣଙ୍କୁ ଠେଲି ଦେଇପାରେ। କର୍ମକ୍ଷେତ୍ରରେ ଅନାଗତ ଭୟ, ଆଶଙ୍କା ଓ ମନସ୍ତାପ ବୃଦ୍ଧିକରିବାରେ ପୃଷ୍ଠଭୂମି ସାଜିପାରେ। ପରିବାରରେ ସୁଖ, ଶାନ୍ତି ପୂର୍ବବତ୍ ଅବ୍ୟାହତ ରହିବ। ସାମାଜିକ ସ୍ତରରେ କାର୍ଯ୍ୟଦକ୍ଷତାକୁ ନେଇ ପଡୋଶୀ ପ୍ରଶଂସା କରିପାରନ୍ତି।

**ମକର**
ସମୟର ଅନୁକୂଳତା ପ୍ରଭାବରେ ଆପଣ ଯାହା ଚିନ୍ତା କରିବେ ତାହା ହିଁ ବାସ୍ତବତାରେ ପରିଣତ ହୋଇପାରିବ। ସମସ୍ତ ଆଶା, ଆକାଂକ୍ଷା ଓ କାମନା ପ୍ରଭୃତିରେ କୌଣସି ପରିସ୍ଥିତି ପ୍ରତିବନ୍ଧକ ସାଜି ପାରିବ ନାହିଁ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତା, ପାରିବାରିକ ସହଯୋଗ, ମନ ପସନ୍ଦର ଜିନିଷ ଲାଭକରି ଖୁସି ମନେଇବେ।

**କୁମ୍ଭ**
ଦଶମ ଓ ଏକାଦଶସ୍ଥ ଗ୍ରହ ପ୍ରଭାବରୁ ସଫଳତା ପାଇଲେ ମଧ୍ୟ ମନସ୍ତାପ ଦୈହିକ ଅସୁସ୍ଥତାକୁ ନିମନ୍ତ୍ରଣ କରିପାରେ। ଦୂରଦର୍ଶିତାର ଅଭାବ ଆକସ୍ମିକ ଶତ୍ରୁତା ଓ ସମସ୍ୟା ସୃଷ୍ଟିପାଇଁ ପରିବେଶ ତିଆରି କରିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ, ଅର୍ଥଲାଭର ନୂତନ ଦିଗ, କର୍ମକ୍ଷେତ୍ରରେ ପ୍ରଭାବ, ସାମାଜିକ ସ୍ଥିତିକୁ ସୁଦୃଢ଼ କରିବ।

**ମୀନ**
ଦୁରବସ୍ଥାର ଆକସ୍ମିକ ଦୃଶ୍ୟାନ୍ତର ମାନସିକ ସ୍ତରରେ ବିସ୍ମୟଜନକ ସ୍ଥିତି ଉତ୍ପନ୍ନ କରିବ। ଅପ୍ରାପ୍ୟ ଆକାଶ କୁସୁମ ଭଳି ଦୁର୍ଲଭ ଜିନିଷ ହାତମୁଠାରେ ପାଇ ଆଶ୍ଚର୍ଯ୍ୟାନ୍ୱିତ ହୋଇପାରନ୍ତି। ବିବାଦର ଅବସାନ, ବାଣିଜ୍ୟର ଅଭିବୃଦ୍ଧି, ପଦୋନ୍ନତିର ସୂଚନା ଲାଭକରି ଖୁସି ହେବେ। କିନ୍ତୁ ପାରିବାରିକ ମତାନ୍ତର, ଧର୍ମକାର୍ଯ୍ୟରେ ବାଧା ମନସ୍ତାପର କାରଣ ହେବ।

ଆଜି ପୌଷ କୃଷ୍ଣ ଦ୍ୱାଦଶୀ ବୁଧବାର, ବୈଷ୍ଣବ ସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ଜାନୁୟାରୀ ୨ ତାରିଖ, ରାଶି, ନକ୍ଷତ୍ର-ବିଶାଖା/ବିଛା, ଦିବା ଘ୧୦।୩୮ମି. ଗତେ, ଅନୁରାଧା/ନକ୍ଷତ୍ର, କର୍କଟରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୫୦ମି. ଗତେ ଘ୯।୧୦.ମି. ମଧ୍ୟେ, ଘ୨।୩୫ମି. ଗତେ ଘ୩।୫୬ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୦ମି. ମଧ୍ୟେ ଘ୧୦।୩୨ମି. ଗତେ, ଘ୧୧।୫୨ମି. ମଧ୍ୟେ ଘ୩।୫୬ମି. ଗତେ, ଘ୫।୧୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୦ମି. ଗତେ ଘ୧।୧୨ମି. ମଧ୍ୟେ ରାହୁକାଳ।




# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ପାଟଣାଗଡ,୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଦନ୍ଦ୍ରାବାହାଲ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଦନ୍ଦ୍ରାବାହାଲ ଗ୍ରାମର ଦିବାକର ରାଏ। ଏକ ନମ୍ବର ବିହୀନ ଟ୍ରାକ୍ଟର ନେଇ ସେ ଦନ୍ଦ୍ରାବାହାଲ ଗ୍ରାମରୁ ଆମଦର୍ହ ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ଡ୍ରାଇଭର ଦିବାକର ଚାପି ହୋଇଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।




■ ପିପିଲି ଗଣବଳାତ୍କାର ମାମଲା ପ୍ରସଙ୍ଗ

# ଭାଜପା କର୍ମୀ-ପୋଲିସ ଧସ୍ତାଧସ୍ତି

ଭୁବନେଶ୍ୱର, ୧୧
(ବ୍ୟୁରୋ)


ଜଣେ ଭାଜପାକର୍ମୀଙ୍କୁ ପୋଲିସ ଗିରଫ କରି ନେଉଛି।

ମହିଳାମାନଙ୍କ ପାଇଁ ରାଜ୍ୟ ସରକାର କରୁଥିବା ଯୋଜନା ଏବଂ ଦେଉଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ପୋଲିସ ଶାସକ ଦଳର ଚାପରେ କାର୍ଯ୍ୟ କରୁଥିବା ଭାଜପା ଅଭିଯୋଗ କରିଛି। ପିପିଲି ଗଣବଳାତ୍କାର ଘଟଣାରେ ବରିଷ୍ଠ ମନ୍ତ୍ରୀ ପ୍ରଦୀପ ମହାରଥୀ ଦେଇଥିବା ମନ୍ତବ୍ୟକୁ ନେଇ ଭାଜପା ମହିଳା ମୋର୍ଚ୍ଚା ଜୋର୍‌ଦାର ଆନ୍ଦୋଳନ ଚଳାଇଛି। ଏହି ପ୍ରସଙ୍ଗରେ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ଉଭୟ ଭାଜପା ଏବଂ କଂଗ୍ରେସ ଦାବି କରିଛି। ମଙ୍ଗଳବାର ଏହି ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା। ଅନ୍ୟପଟେ ଆସନ୍ତା ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ନବୀନ ନିବାସ ଘେରାଉ ସମୟରେ ଭାଜପା ମହିଳା ମୋର୍ଚ୍ଚା କର୍ମୀ ଏବଂ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସରକାରଙ୍କୁ ଟୁଇଟ୍ କରି ସମାଲୋଚନା କରିଛନ୍ତି।

ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର ଏବଂ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ସିବିଆଇ ତଦନ୍ତ ଦାବି କରି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଓ କରିବାକୁ ମଙ୍ଗଳବାର ଉଦ୍ୟମ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମହିଳା କର୍ମୀ ରାଲିରେ ବାହାରି ନବୀନ ନିବାସ ଅଭିମୁଖେ ଯାତ୍ରା କରିଥିଲେ। ଏହି ସମୟରେ ଏୟାରପୋର୍ଟ ଟ୍ରାଫିକ ନିକଟରେ ପୋଲିସ ମୁତୟନ ରହିଥିଲେ। ସେଠାରେ ମହିଳା କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସେଠାରୁ ୨୫ଜଣ ମହିଳା କର୍ମୀଙ୍କୁ ପୋଲିସ ଉଠାଇ ନେଇ ରିଜର୍ଭରେ ୪ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲା। ଏହାପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିବା ଜଣାପଡିଛି। ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଭାତୀ କହିଛନ୍ତି ଯେ, ପିପିଲି ଘଟଣାରେ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହେଉଛି। ପୂର୍ବରୁ କୁନ୍ଦୁଲି ପୀଡିତା

■ ୩ରେ ନବୀନ ନିବାସ ଘେରିବ କଂଗ୍ରେସ
■ ଲୋକଙ୍କର ଜବାବ ମାଗିବାକୁ ପୂରା ଅଧିକାର ରହିଛି: ଧର୍ମେନ୍ଦ୍ର

ଗଣବଳାତ୍କାରର ଶିକାର ହୋଇ ନ୍ୟାୟ ନ ପାଇ ଆତ୍ମହତ୍ୟା କରିବା ଏବଂ ପିପିଲି ବଳାତ୍କାର ଘଟଣାରେ କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରମାଣ ଅଭାବରୁ ଦୋଷୀ ନିର୍ଦ୍ଦୋଷରେ ଖଲାସ ହେବା, ଏହା ପ୍ରମାଣିତ କରୁଛି। ମହାରଥୀ ଏହି ଘଟଣାରେ ଯେଉଁଭଳି ବୟାନବାଜି କରିଥିଲେ ତାହା ସମଗ୍ର ମହିଳା ଜାତିକୁ ଅପମାନିତ କରିଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଭୟାନକ ହେବ ବୋଲି ପ୍ରଭାତୀ କହିଛନ୍ତି।

ଆସନ୍ତା ୩ତାରିଖ ମଧ୍ୟରେ ମହାରଥୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦିଅନ୍ତୁ, ନଚେତ୍ ଆସନ୍ତା ଗୁରୁବାର ମହିଳା କଂଗ୍ରେସ ନବୀନ ନିବାସ ଘେରାଉ କରିବା ସହ ଯେଉଁସବୁ ସ୍ଥାନକୁ ମନ୍ତ୍ରୀ ଯିବେ ସେଠାରେ ମହିଳା କଂଗ୍ରେସ ବିରୋଧ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି, ପିପିଲି ଗଣବଳାତ୍କାର ଘଟଣାର ଅଭିଯୁକ୍ତ ପ୍ରମାଣ ଅଭାବରୁ ଖଲାସ ହେବା ପ୍ରସଙ୍ଗରେ ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ଆନ୍ଦୋଳନ କରୁଥିଲେ। ସେମାନଙ୍କ ଉପରେ ପୋଲିସର ମାତ୍ରାଧିକ ବଳ ପ୍ରୟୋଗ ନିନ୍ଦନୀୟ। ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଦାବି ଜଣାଇବାକୁ ଯିବାରେ କ'ଣ କିଛି ପ୍ରତିବନ୍ଧକ ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଲୋକମାନଙ୍କର ଜବାବ ମାଗିବାର ପୂରା ଅଧିକାର ରହିଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ମହାରଥୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ,୧୧


ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।

ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ସଡ଼କ ପଥରେ ଆସି ମଧ୍ୟାହ୍ନ ୧୨ଟା ୧୩ରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ, ବିଧାୟକ ସଞ୍ଜୟ ଦାସବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଯୋଗୁ ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ଦର୍ଶନ କରି ମଧ୍ୟାହ୍ନ ୧୨ଟା ୨୦ରେ ଫେରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇବା ସହ ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ପରେ ସ୍ୱର୍ଗଦ୍ୱାର ଯାଇ ତାଙ୍କ ପିତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଦେଇ ପ୍ରଣାମ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯାଇଥିଲେ।

■ ରାଜ୍ୟବାସୀଙ୍କ ସୁଖ, ଶାନ୍ତି କାମନା କଲେ
■ ଭିତରକୁ ଗଲେନି, ସିଂହଦ୍ୱାର ଗୁମୁଟରୁ ଫେରିଲେ

# ଶିମିଳିପାଳରେ ତୁଷାରପାତ

ବାରିପଦା ଅଫିସ,୧।୧


ଶିମିଳିପାଳରେ ତୁଷାରପାତର ଦୃଶ୍ୟ।

ସମଗ୍ର ରାଜ୍ୟରେ ହଡଭଙ୍ଗା ଶୀତ ହେଉଥିବା ବେଳେ ମୟୂରଭଞ୍ଜ ଜିଲାର ପ୍ରସ୍ତାବିତ ଜାତିୟ ଉଦ୍ୟାନ ଶିମିଳିପାଳରେ ତୁଷାରପାତ ହେଉଛି। ଏଠାରେ କିଛି ଦିନ ଧରି ସର୍ବନିମ୍ନ ତାପାମାତ୍ରା ୨ କିମ୍ବା ୩ ଡିଗ୍ରୀ ସେଲସିୟସ ରହୁଛି। ତେବେ ଏଥିଯୋଗୁ ବନ୍ୟପ୍ରାଣୀଙ୍କର କୌଣସି ସମସ୍ୟା ହେଉନାହିଁ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣା ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି। ବାରାହାମୁଣ୍ଡା ଅଞ୍ଚଳରେ ୨ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ନଅଣା ଓ ଚହଲା ଆଦି ସ୍ଥାନରେ ୩ ଡିଗ୍ରୀ ସେଲସିୟସ ତାପାମାତ୍ରା ରହୁଛି। ତେବେ ଏହି ଶୀତରେ ମଧ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେଉଛି। ସେହିପରି ବାରିପଦା ସହରରେ ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।





ଝାରସୁଗୁଡା ଜିଲ୍ଲା ଗଠନର ରୌପ୍ୟ ଜୟନ୍ତୀ
ତଥା
ଜିଲ୍ଲା ମହୋତ୍ସବ "ଦୁଲ୍ ଦୁଲି" ୨୦୧୯
ମନମୋହନ ସ୍କୁଲ ପଡ଼ିଆ, ଝାରସୁଗୁଡା
(୧ ଜାନୁଆରୀରୁ ୫ ଜାନୁଆରୀ ପର୍ଯ୍ୟନ୍ତ)
ନବବର୍ଷ ତଥା ଜିଲ୍ଲା ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
ବିଭୂତି ଭୂଷଣ ପଟ୍ଟନାଏକ
ଜିଲ୍ଲାପାଳ – ତଥା – ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଝାରସୁଗୁଡା










SAHARAYN UNIVERSAL MULTIPURPOSE SOCIETY LIMITED
(Formerly Known as Saharayn E-Multipurpose Society Limited) (Regd. No.-MSCS/CR/935/2014)
Regd. Office: 195, Zone-1, In Front of D.B. Mall, M.P. Nagar, Bhopal, Madhya Pradesh-462011
Tel.: 0755-4296180, Email Id: sumsl.cooperative@sumsl.in, sumsl.cooperative@gmail.com

NOTICE

To all members, notice is hereby given for conducting the Election of Delegates in terms of the provisions of Bye-Laws and subsidiary rules for Constituting a Smaller Representative General Body of Saharayn Universal Multipurpose Society Ltd., election programme is as under:-

| | | |
|---|---|---|
| 1. | Place of filing nominations: | At respective polling places. |
| 2. | Date & Time of filling nominations: | Part A- 16/01/2019 till 12:00 Noon & Part B- 17/01/2019 till 12:00 Noon |
| 3. | Date and Time of Scrutiny and publication of list of nominations: | Part A- 16/01/2019 till 02:00 P.M. & Part B-17/02/2019 till 02:00 PM |
| 4. | Last Date, Time of withdrawal of nominations: | Part A- 16/01/2019 till 05:00 P.M. & Part B- 17/01/2019 till 05:00 PM |
| 5. | Date of declaration of list of final valid nominations: | Part A- 16/01/2019 till 06:00 P.M. & Part B-17/01/2019 till 06:00 PM |
| 6. | Date, Time & Place of voting: at venues mentioned below. | Part A-18/01/2019 till 02:00 P.M. Part B- 19/01/2019 till 02:00 PM |

| S.No. | Place of Election | Address |
|---|---|---|
| | | Part A |
| 1. | Vijaywada | Smt&Sri Nandamuri Trivikrama Rao Municipal Corporation Community Building, Nagarjuna Nagar, Vijaywada. |
| 2 | Raipur | Chhattisgarh Chamber Of Commerce Industries,Second Floor Bombey Market Raipur. |
| 3. | Ahemdabad | Hotel Naeeka, Near Shahi Bagh, Under Bridge Shahi Baug, Ahmedabad, Gujrat. |
| 4. | Ambala | Sanatan Dharm, Shiv Mandir Dharamshala, Behind Sainik Aram Gah, Lal Kurti Bazar. Opp. Railway Stn, Ambala Cantt, Ambala, Haryana. |
| 5. | Delhi | N.D. Tiwari Bhawan, Near Ito New Delhi. |
| 6. | Bhopal | Hotel Amar Vilas-2 Hig-20, Shivaji Nagar, Behind Hotel Motel Shiraz, Bhopal, M.P. |
| 7. | Jaipur | Rawat Public School, Sector-17, Pratap Nagar, Opp. Mewar Apartment, Sanganer, Jaipur, Rajasthan. |
| 8. | Jodhpur | Blooming Lotus School, 16/505 Chopasani Housing Board, Jodhpur, Rajasthan. |
| 9. | Sambalpur | Bonvenon, Tangerpali, Near St.Jhon's School, Sambalpur, Odisha. |
| 10. | Bhuvaneshwar | Institure of Engineers, Sachivalaya Marg, Unit - 4 Bhubaneswar, Disha. |
| 11. | Ranchi | Budhh Smriti Bhawan[Kushwah Dharmshala], Pragati Path Makchund Toli,Near Oxford School Chutia, Ranchi, Jahrkhand. |
| 12. | Bokaro | Modak Complex, Near Neelam Nursing Home, Jodhadih More, Chas, Bokaro, Jharkhand. |
| 13. | Siliguri | Hma Hall Smriti Dham Building, Sevoke Road, Siliguri, West Bengal. |
| 14. | Kolkata | Sujata Sadan 7 No, Hazra Road Kolkata, West Bengal. |
| 15. | Dehradoon | Hindi Sahitya Bhavan, Near Pared Ground, Dehradoon, Uk |
| 16. | Mumbai | All India Institute Of Local Self Government, Sthanik Raj Bhawan, C.D. Barfiwala Marg, Juhu Lane Andheri (West),Mumbai. |
| 17 | Patna | B.D. Public School, Buddha Colony, Patna, Bihar. |
| 18. | Mujaffarpur | Asha Business Centre, Part2 Ground Floor Brahmpura Muzaffarpur, Bihar. |
| 19. | Lahariya Sarai | Kanha Vivah Bhawan, Barhetta Road, Kali Asthan Saidnagar Laheriyasarai Bihar. |
| 20. | Hajipur | Utsav Marriage Hall, Gandhi Ashram Near Railway Station Hazipur, Vaishali, Bihar. |
| 21. | Navada | Pink Garden, Gaya Road Sadbhawna Chowk, Nawadah, Bihar. |
| 22. | Shimla | Kalibadi, The Mall Road Shimla, Himachal Pradesh |
| | | Part B |
| 1. | Mohali | Gyan Jyoti Management Institute & Sr. Sec School, Near Bassi Theatre, Phase 2 Mohali, Punjab. |
| 2 | Hazaribagh | Jan Vikash Kendra, Julu Park Hazaribag, Jharkhand. |
| 3. | Tata Nagar | Teli Chaurasi Panchayat , Sahu Dharamshala Sewasadan Road, Jugsalai Dist East Singhbhum, Jamshedpur, Jharkhand. |
| 4. | Gaya | Prem Parmeshwar Bhawan, Near T.O.P. Nai Sadak, Chandchaura, Gaya, Bihar. |
| 5. | Samastipur | Fun & Learn School Nachari Jha, Path Near Petrol Pump, W.N.27 Bahadurpu, Samastipur Bihar. |
| 6. | Motihari | Monalisha Hall Pani Tanki Near Bank Of Baroda Motihari Champaran Bihar. |
| 7. | Siwan | Indira Smriti, Rajendra Ashram Sewa Sansthan, Rajeev Nagar Gaushala Road, Siwan, Bihar. |
| 8. | Bhagalpur | Durga Charan High School, Manik Sarkar, Near Lajpatpark, Bhagalpur, Bihar. |

Counting will be done immediately after the polling is over on 18th & 19th January 2019 and the Assistant Returning Officer will declare the result & submit the same along with election record to the under signed.

Note:
1. Nomination process and voting will commence in the morning at 10:00 A.M on respective dates.
2. At the time and place of election, members are requested to bring their photo-ID card with them.
3. The nomination paper will be made available at the respective centres.
4. Members who are eligible as per provisions of the act and whose names are included in the list of members published by the Returning Officer, only be entitled to vote in the election.
5. List of valid candidates shall be published at the respective centres of the Society.

Date: 10.12.2018
Place: Bhopal

For and on behalf of Saharayn Universal Multipurpose Society Limited
S/d
Returning Officer



# ସ୍ଥାନୀୟଙ୍କୁ ଗୁରୁତ୍ୱ

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ସଦ୍ୟ ଦାୟିତ୍ୱ ନେଇଥିବା କମଲନାଥ ରାଜ୍ୟର ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସଂସ୍ଥାରେ ୭୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ହେଲେ କମ୍ପାନୀଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦିଆଯିବ ବୋଲି ସେ ସର୍ତ୍ତ ରଖିଛନ୍ତି। କୁହାଯାଉଛି ମଧ୍ୟପ୍ରଦେଶରେ ଉତ୍ତରପ୍ରଦେଶ ଓ ବିହାର ଲୋକମାନେ ବହୁଳ ମାତ୍ରାରେ ରହି କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଧିବାସୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଥିବାରୁ କମଲନାଥ ଉଦ୍ୟୋଗୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅତୀତରେ ଉତ୍ତରପ୍ରଦେଶ ଓ ବିହାରର ଲୋକମାନେ ମହାରାଷ୍ଟ୍ରରେ ଅତ୍ୟଧିକ ମାତ୍ରାରେ କାର୍ଯ୍ୟ କରି ସେମାନଙ୍କ ରୋଜଗାର ଛଡ଼ାଇ ନେଉଛନ୍ତି ବୋଲି ମରାଠୀମାନେ ଅଭିଯୋଗ କରିଥିଲେ। ସେତେବେଳେ ଅନେକ ସ୍ଥାନରେ ଉତ୍ତର ଭାରତୀୟ ଲୋକଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଉତ୍ତର ପୂର୍ବାଞ୍ଚଳ ଲୋକେ ମଧ୍ୟ ଦକ୍ଷିଣ ଭାରତରେ ଅସ୍ୱାଭାବିକ ପରିସ୍ଥିତିର ସାମ୍ନା କରିଥିଲେ। କିନ୍ତୁ ଉତ୍ତର ପୂର୍ବାଞ୍ଚଳର ଯୁବତୀଯୁବକ ଭାରତର ବିଭିନ୍ନ ଜାଗାରେ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିରେ ସ୍ଥାନୀୟ ଲୋକଙ୍କର ସ୍ଥାନ ରହିବା ସମ୍ଭବପର ହୋଇ ନ ଥାଏ। ଏବେ କମଲନାଥଙ୍କ ବିବୃତି ସ୍ଥାନୀୟ ଯୁବକଙ୍କ ମଧ୍ୟରେ ଉତ୍ତର ଭାରତୀୟଙ୍କ ପ୍ରତି ଅସନ୍ତୋଷ ସୃଷ୍ଟି କଲାଣି। ହେଲେ ଅନେକେ ଯୁକ୍ତି ବାଢୁଛନ୍ତି ଯେ, ଏକ ରାଷ୍ଟ୍ର ମଧ୍ୟରେ ନାଗରିକ ଯେଉଁଠାରେ ରହି ଜୀବିକା ଉପାର୍ଜନ ପାଇଁ କର୍ମସଂସ୍ଥାନ ଖୋଜିପାରିବେ। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ଜନସଂଖ୍ୟାବହୁଳ ଉତ୍ତରପ୍ରଦେଶ ଓ ବିହାରରୁ ଅନେକ ଯୁବତୀଯୁବକ ଦେଶର ବିଭିନ୍ନ ଭାଗକୁ ଯାଇ ସ୍ଥାନୀୟ ନିଯୁକ୍ତି ବଜାରରେ ଭାଗ ବସାଉଛନ୍ତି। କୁହାଯାଉଛି ନିଯୁକ୍ତି ପାଇବା ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ପୃକ୍ତ ସଂସ୍ଥା ପ୍ରତି ଉତ୍ତରଦାୟୀ ଥିବା ଭଳି ମନେହେଉ ନାହିଁ। କେବଳ ସେତିକି ନୁହେଁ, ବିଭିନ୍ନ ପ୍ରକାର ରାଜନୈତିକ ହିଂସାକାଣ୍ଡରେ ସେମାନେ ସମ୍ପୃକ୍ତ ରହୁଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଗଲେ ରାଜ୍ୟର ବେକାର ଯୁବତୀଯୁବକଙ୍କ ସଂଖ୍ୟା କମିବା ସହିତ କମ୍ପାନୀ ପ୍ରୀତି ବଢ଼ନ୍ତା, ଯାହାର ସୁଫଳ ପରୋକ୍ଷରେ ହେଲେ ବି ଜନସାଧାରଣଙ୍କ ପାଖରେ ପହଞ୍ଚିପାରନ୍ତା। ଏହି ଦୃଷ୍ଟିରୁ ବିଚାର କଲେ କମଲନାଥଙ୍କ ଚିନ୍ତାଧାରାକୁ କେତେକେ ବିରୋଧ କରୁଥିବା ସତ୍ତ୍ୱେ ଆମେ ସ୍ୱାଗତ କରୁଛୁ।

ଓଡ଼ିଶା କଥା ଚିନ୍ତା କଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି। କମ୍ପାନୀ ଖୋଲିବା ପାଇଁ ଯେଉଁମାନଙ୍କଠାରୁ ଜମି ନିଆଯାଇଛି ସେମାନଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ଫଳରେ ଅସନ୍ତୋଷ ଦାନା ବାନ୍ଧୁଛି। ସେଭଳି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କେତେଜଣଙ୍କୁ ତଳିଆ କାମରେ ନିୟୋଜିତ କରାଯାଉଛି। ଟପ୍ ପୋଷ୍ଟରେ ଚାକିରି ପାଉଛନ୍ତି ରାଜ୍ୟ ବାହାରର ଲୋକ। ଏଭଳିସ୍ଥଳେ ପ୍ରତିବାଦ କରାଗଲେ କମ୍ପାନୀ କର୍ତ୍ତୃପକ୍ଷ ଯୁକ୍ତି ବାଢୁଛନ୍ତି ଯେ, ଦକ୍ଷତାକୁ ଅଗ୍ରାଧିକାର ଦିଆଯାଉଛି। ଦେଖିବାକୁ ଗଲେ କେହି ମା' ପେଟରୁ ସବୁ ଶିଖି ଆସି ନ ଥାନ୍ତି। ସୁଯୋଗ ମିଳିଲେ ଜଣେ ଉତ୍କର୍ଷ ପ୍ରତିପାଦନ କରିପାରିବେ। ସବୁବେଳେ ନ୍ୟୂନ ଦୃଷ୍ଟିରେ ସ୍ଥାନୀୟ ନିଯୁକ୍ତି ଆଶାୟୀଙ୍କୁ ହତାଦର କରାଗଲେ ମହାରାଷ୍ଟ୍ର ଓ ନିକଟରେ ଗୁଜରାଟରେ ଉପୁଜିଥିବା ପରିସ୍ଥିତି ସୃଷ୍ଟି ହେବ।

ସାମାନ୍ୟ ପ୍ରସଙ୍ଗ ବାହାରକୁ ଯାଇ ଏକ ବିଷୟ ଉପରେ ନଜର ପକାଯାଇପାରେ। ପୂର୍ବରୁ କାଉଡ଼ିଆ ବା ବୋଲବମ୍ ଭଳି ଅନୁଶାସନହୀନ ଗୋଷ୍ଠୀ ଭୁବନେଶ୍ୱରର ଲିଙ୍ଗରାଜ ସମେତ ରାଜ୍ୟର ବିଭିନ୍ନ ଶୈବପୀଠରେ ଦେଖିବାକୁ ମିଳୁ ନ ଥିଲେ। ଗତ କିଛି ବର୍ଷ ହେବ ସେମାନଙ୍କ ପ୍ରାଦୁର୍ଭାବ ବଢ଼ିଛି । କାଉଡ଼ିଆଙ୍କଠାରୁ ଆରମ୍ଭ କରି ଛଟ୍ ପୂଜା ପାଳନ କରୁଥିବା ବ୍ୟକ୍ତିଙ୍କୁ ଦେଖିଲେ ସେମାନେ ଓଡ଼ିଶାର ସ୍ୱାଭାବିକ ଶାନ୍ତ ପରିସ୍ଥିତିକୁ ଯଥେଷ୍ଟ ବିଚଳିତ କରିଦେଇପାରିଛନ୍ତି। ଓଡ଼ିଆମାନେ ଏହା ବୁଝି ନ ପାରିବା ସତ୍ତ୍ୱେ ସେମାନଙ୍କୁ ମନେରଖିବାକୁ ହେବ ଯେ ଏହିଭଳି ଆମଦାନୀ ହେଉଥିବା ଉତ୍ତର ଭାରତୀୟ ସଂସ୍କୃତି ଆମ ରାଜ୍ୟର ଐତିହ୍ୟକୁ ଧ୍ୱଂସ କରିଦେବ। ତେଣୁ ସେଥିପ୍ରତି ସଜାଗ ଦୃଷ୍ଟି ଦିଆଯିବା ଆମ ପାଇଁ ମଙ୍ଗଳ ହେବ।

କମଲନାଥ ମଧ୍ୟପ୍ରଦେଶ ଶାସନ ଗାଦିରେ ବସୁବସୁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ତାଙ୍କ ରାଜ୍ୟର ହିତ ପାଇଁ ସକାରାତ୍ମକ। କମ୍ପାନୀ ବା ସଂସ୍ଥା ସ୍ଥାପନ ଲାଗି ଏକ ରାଜ୍ୟ ଭିତ୍ତିଭୂମିଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା ସୁଯୋଗ ରିହାତିରେ ଯୋଗାଇ ଦେଉଥିବାବେଳେ ମାନବ ସମ୍ବଳ କ୍ଷେତ୍ରରେ ସ୍ଥାନୀୟ ଯୁବତୀଯୁବକଙ୍କୁ ଅଗ୍ରାଧିକାର କାହିଁକି ଦିଆଯିବ ନାହିଁ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ସକାରାତ୍ମକ ଭାବେ ଚିନ୍ତା କଲେ କମଲନାଥଙ୍କ ଚିନ୍ତାଧାରା ଓଡ଼ିଶା ଭଳି କେତେକ ଶିଳ୍ପାଭିମୁଖୀ ରାଜ୍ୟ ପାଇଁ ଅନୁସରଣୀୟ। ଓଡ଼ିଶା ଭଳି ମଧ୍ୟପ୍ରଦେଶ ଏକ କୃଷିଭିତ୍ତିକ ରାଜ୍ୟ। ଏକ ପରିବର୍ତ୍ତନ ଆଣିବାକୁ ହେଲେ ଓଡ଼ିଶା ସରକାରଙ୍କୁ ମଧ୍ୟ ଅତ୍ୟନ୍ତ କଠୋର ସାମାଜିକ ନିଷ୍ପତ୍ତି ନେବାକୁ ପଡ଼ିବ। ଦୁଃଖର କଥା ଯେ ଓଡ଼ିଶାରେ ସେଭଳି କୌଣସି ରାଜନୈତିକ ଇଚ୍ଛାଶକ୍ତି ଦେଖିବାକୁ ମିଳୁନାହିଁ। ଏହା ରାଜ୍ୟ ପାଇଁ କ୍ଷତିକାରକ ସାଜୁଛି।

# ସୁଯୋଗ୍ୟ ଭାରତ



ରଞ୍ଜନ କୁମାର ଦାସ

କିଛିଦିନ ତଳେ ଲେଖକ କାର୍ଯ୍ୟ କରୁଥିବା ସରକାରୀ ଦପ୍ତରରେ ଖାଲିଥିବା କିଛି ପଦବୀରେ ସରକାରଙ୍କ ଦ୍ୱାରା ମନୋନୀତ କିଛି ପ୍ରାର୍ଥୀ ଯୋଗଦେବା ପାଇଁ ଆସିଥିଲେ। ୧୨ ଜଣ ଅତିରିକ୍ତ ତହସିଲଦାର ପଦବୀରେ ଯୋଗଦେଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣ ଥିଲେ ବିଭିନ୍ନ ବର୍ଗର ଇଞ୍ଜିନିୟର। ସେଇଭଳି ୨୨ଜଣ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ମଧ୍ୟରୁ ୧୬ଜଣ ଥିଲେ ଇଞ୍ଜିନିୟର ଏବଂ ଜଣେ ଥିଲେ ବାୟୋଟେକ୍ନୋଲୋଜି ଛାତ୍ରୀ। ଆଉ ଜଣେ କରୁଥିଲେ ପିଏଚ୍‌ଡି। ସେଇଭଳି ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ୮ଜଣଙ୍କ ଭିତରୁ ୬ଜଣ ଥିଲେ ଇଞ୍ଜିନିୟର। ୮ଟି ଡାଟା ଏଣ୍ଟ୍ରି ଅପରେଟର ପଦବୀରେ ୨ଜଣ ଥିଲେ ଇଞ୍ଜିନିୟର। ମଝିରେ ସେମିତି ଖାଲିଥିବା ପାଞ୍ଚ ସାତଟି ପିଅନ ପଦବୀ ପୂରଣ କରିବା ବେଳେ ଦେଖାଗଲା ଯେ ଆବେଦନ କରିଥିବା ଚାରିଶହ ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ପ୍ରାର୍ଥୀ ସ୍ନାତକ କିମ୍ବା ସ୍ନାତକୋତ୍ତର ଡିଗ୍ରୀଧାରୀ। ଏପରି କି ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେଉଁଦିନ ଦେଖିଲି ଜଣେ ଦନ୍ତଚିକିତ୍ସକ ଆସି ଖାଲିଥିବା ଏକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀରେ ଯୋଗଦେଲେ। ସେମାନଙ୍କୁ ସମସ୍ତଙ୍କୁ ମୁଁ ପଚାରିଥିଲି ଆପଣମାନେ କାହିଁକି ନିଜ ଯୋଗ୍ୟତାଠାରୁ ନ୍ୟୂନ ଲାଗୁଥିବା ପଦବୀରେ ଯୋଗଦେବାକୁ ଇଚ୍ଛା କରିଛନ୍ତି। ଏ କାମ କରିବାକୁ କ'ଣ ସତରେ ଆପଣମାନଙ୍କୁ ଭଲ ଲାଗିବ? ସମସ୍ତଙ୍କର ସେଇ ଏକା ଉତ୍ତର ଥିଲା, ଆଜିକାଲି ତ ଚାକିରି ବାକିରି ମିଳୁନି। ଯାହା ମିଳୁଛି ବରଂ ତାକୁ ଗ୍ରହଣ କରିନେବା ବିଜ୍ଞତାର ପରିଚାୟକ। ଅନ୍ତତଃ ପାଠଶାଠ ପଢ଼ି ବେକାର ବସିଛି ବୋଲି ତ କେହି କହିବେ ନାହିଁ। ତା' ଛଡ଼ା ଆମ ବିବାହ ବଜାରରେ ସରକାରୀ ଦପ୍ତରରେ ଯେତେ ଛୋଟ ଚାକିରି କରିଥିବା ପ୍ରାର୍ଥୀଟିଏ ହେଉ ପଛେ ତା'ର ଭାଉ ଅଲଗା। ସରକାରୀ ଚାକିରିଆ ବରଟିଏ ମିଳିଗଲେ ଯେତେ ଭଲ ବ୍ୟବସାୟ ବା କଳକାରଖାନା କରିଥିବା ପାତ୍ରଙ୍କୁ ଆଉ ଲୋକେ ପଚାରନ୍ତିନି।

ଏସବୁ କଥା ଶୁଣିଶୁଣି ମୁଁ ଚିନ୍ତାକଲି ଦେଶ ଏତେ ପ୍ରଗତି କରୁଛି। ଏତେ କଳକାରଖାନା, ବ୍ୟବସାୟ ଖୋଲୁଛି। ରାସ୍ତାଘାଟ, ଦପ୍ତର, କୋଠାବାଡ଼ି ତିଆରି ହେଉଛି। କମ୍ପ୍ୟୁଟରୀକରଣ, ଟେଲି ଯୋଗାଯୋଗର ସୁଯୋଗ ସୃଷ୍ଟି ହେଉଛି। ଏତେ ସବୁ ହେବା ସତ୍ତ୍ୱେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଇଞ୍ଜିନିୟରିଂ ପାଠ ପଢ଼ିଥିବା ପିଲାମାନେ କାହିଁକି ତାଙ୍କ ପାଠ ମୁତାବକ ମନଲାଖି ଚାକିରିଟିଏ ପାଉନାହାନ୍ତି ଏବଂ ଯାହା ଛୋଟମୋଟ ଚାକିରି ମିଳିଗଲେ ତାକୁ ଗ୍ରହଣ କରି ନେଉଛନ୍ତି? ଏପରି କି ବହୁ ଇଞ୍ଜିନିୟରିଂ ପାଠପଢ଼ା ପିଲା କଣ୍ଟ୍ରାକ୍ଟି କରିବାକୁ ବି କୁଣ୍ଠାବୋଧ କରୁନାହାନ୍ତି। ତାଙ୍କ ଭିତରୁ କିଏ ଫଙ୍କ୍‌ଶ୍ୱେ, ବାସ୍ତୁ ଦୋକାନ କଲାଣି ତ କିଏ ହୋଟେଲ ରେଷ୍ଟୁରାଣ୍ଟ ଖୋଲିଲାଣି। କିଏ ଇ-କମର୍ସ ସାଇଟ୍ ଖୋଲି ରିଟେଲ ବିଜ୍‌ନେସ କଲାଣି ତ କିଏ ବୟସ ଗଡ଼ିବା ଯାଏ ଚାକିରି ଖୋଜିଖୋଜି ଶେଷରେ ଟ୍ୟୁଟୋରିଆଲ ଖୋଲି କୋଚିଙ୍ଗ୍ ଦେଉଛି। ଏମିତିରେ ବହୁତ ଚିହ୍ନାଜଣା ଅଭିଭାବକ ମତେ ଅନୁରୋଧ କରନ୍ତି ଟିକେ କୋଉଠି କୁହାବୋଲା କରି ତାଙ୍କ ପିଲାକୁ ଅଳ୍ପ ଦରମାରେ ହଉ ପଛେ ରଖେଇ ଦେବାପାଇଁ। କୁହାକୁହି କରି ତାଙ୍କୁ ଇଣ୍ଟରଭ୍ୟୁ ଦେବାକୁ ପଠେଇଲେ ବି ସେଠି ସେମାନେ ପାସ୍ କରିପାରନ୍ତି ନାହିଁ। ନିଜ ଦକ୍ଷତା ବା ନିଜ ଭାଗ୍ୟକୁ ଦୋଷ ନ ଦେଇ, ସେମାନେ ବରଂ ଆମକୁ ଦୋଷ ଦିଅନ୍ତି ଯେ ଇଏ ବୋଧହୁଏ ଆମ ପାଇଁ ଜୋର୍ ଦେଇ କହିଲେନି, ଯେଉଁଥିପାଇଁ ଚାକିରିଟା ହେଲା ନାହିଁ।

ଏକ ପରିସଂଖ୍ୟାନ ଅନୁସାରେ ଭାରତରେ ପ୍ରତିବର୍ଷ ପ୍ରାୟ ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ସ୍ନାତକ ବା ସ୍ନାତକୋତ୍ତର ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୁଅନ୍ତି। ତାଙ୍କ ଭିତରୁ ଅର୍ଦ୍ଧାଧିକ ଇଞ୍ଜିନିୟରିଂ କିମ୍ବା ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଭାଗ୍ୟ ଏଇଭଳି ହୋଇଥାଏ। ଏତେ ଭଲ ଘରର ପିଲା ଏମାନେ। ଅର୍ଥ ପ୍ରତିପତ୍ତି ବା ସ୍ମାର୍ଟନେସ୍‌ରେ ଏମାନେ ପଛୁଆ ନୁହନ୍ତି। ମାତ୍ର କାହିଁକି ଏମାନେ ଏଭଳି ପରିସ୍ଥିତି ଭୋଗନ୍ତି? ଏହାର ଉତ୍ତର ଖୋଜୁଖୋଜୁ ଦିନେ ନାସ୍‌କମ୍ ମୁଖ୍ୟଙ୍କର ଏକ ବୟାନ ଦୃଷ୍ଟିଗୋଚର ହେଲା। ନାସ୍‌କମ୍ ହେଲା ୧୯୮୮ ମସିହାରେ ପ୍ରତିଷ୍ଠିତ ଏକ କନ୍‌ଫେଡେରେଶନ ଯାହା ଭାରତୀୟ ଶିଳ୍ପମାନଙ୍କର ପ୍ରତିନିଧିତ୍ୱ କରେ। ଆଇଟି ଏବଂ ବିପିଏମ୍ ଇଣ୍ଡଷ୍ଟ୍ରିଗୁଡ଼ିକର ମିଳିତ ୧୫୪ ବିଲିୟନ୍ ଡଲାରର ଯେଉଁ ବିଶାଳ ଭିତ୍ତିଭୂମି ତା'ର ସର୍ବୋଚ୍ଚ ସ୍ତରରେ ପ୍ରତିନିଧିତ୍ୱ କରୁଥିବା ଏଇ ସଂସ୍ଥାର ମୁଖ୍ୟଙ୍କର କହିବା କଥା ହେଲା ଆମର ଉତ୍ତୀର୍ଣ୍ଣ ହେଉଥିବା ଇଞ୍ଜିନିୟରିଂ ବା ମ୍ୟାନେଜମେଣ୍ଟ ଗ୍ରାଜୁଏଟ୍‌ମାନଙ୍କ ମଧ୍ୟରୁ ପ୍ରାୟ ୨୫% ସମ୍ପୂର୍ଣ୍ଣଭାବେ ଅଣନିୟୋଜନଯୋଗ୍ୟ। ଏମାନେ ନାଁକୁ କେବଳ ଡିଗ୍ରୀ ହାସଲ କରିଥିବା କିଛି ଅପଦାର୍ଥ ଓ ଅଯୋଗ୍ୟ ବ୍ୟକ୍ତି। ଏମାନଙ୍କ ଦ୍ୱାରା କିଛି ହୋଇପାରିବ ନାହିଁ। ତେଣୁ କୌଣସି ଶିଳ୍ପ ବା ବ୍ୟବସାୟ ପ୍ରତିଷ୍ଠାନ ତାଙ୍କୁ କେବେ ନିୟୋଜନ କରି ନିଜର କ୍ଷତି କରିବାକୁ ଚାହିଁବେନି। ଚିନ୍ତା କଲି, ଏଇଥିରେ ଆମେ ବିଶ୍ୱଗୁରୁ ହେବାର ଆସ୍ଫାଳନ କରୁଛୁ? ନଲେଜ ସୁପରପାୱାର ହେବାର ଆସ୍ପର୍ଦ୍ଧା କରୁଛୁ!

ପ୍ରକୃତରେ ଆମର ବାସ୍ତବ ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଆମର ଶିକ୍ଷା ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ। ଆମ ଦେଶରେ ଗବେଷଣା ପାଇଁ ପରିବେଶ ନାହିଁ। ଗବେଷଣା ପାଇଁ ଏଠି କେହି କାହାକୁ ଉତ୍ସାହିତ କରନ୍ତି ନାହିଁ। ବାପ ମା' ସବୁବେଳେ ଚାହାନ୍ତି ତାଙ୍କ ପିଲା ବେଶି ପଣ୍ଡିତ ନ ହୋଇ ବରଂ ବେଶି ରୋଜଗାରିଆ ହେଉ। ଏଟିଏମ୍ ମେଶିନ ଭଳି ଅହରହ ତା' ମୁଣିରୁ ପଇସା ବାହାରିବାର କ୍ଷମତା ଅର୍ଜନ କରୁ। ତେଣୁ ତାକୁ ଏଭଳି ପାଠ ପଢ଼ାଉ ଯେଉଁଥିରେ ଭବିଷ୍ୟତରେ ଭଲ ପଇସା ଅର୍ଜନ କରିବାର ସୁଯୋଗ ଥିବ। ବନ୍ଧୁବାନ୍ଧବ ଦେଖିଲେ ପଚାରନ୍ତି ପୁଅ କେତେ ଦରମା ପାଉଛି। ତେଣୁ ଏଭଳି ମାନସିକତାରେ ଆମେ ଚାହୁଁ ପୁଅ ଶୀଘ୍ର ପଢ଼ା ସାରୁ, ଏଭଳି ମାର୍କ ରଖୁ ଯେମିତି କ୍ୟାମ୍ପସରୁ ଏକାଥରେ କମ୍ପାନୀ ତାକୁ ଡାକିନେବ। ଯେନତେନ ପ୍ରକାରେ ଘୋଷାଘୋଷି କରି ବା କପି କରି ୯୫ ପ୍ରତିଶତ ମାର୍କ ରଖିଦେଲେ ଆମେ ସଫଳତାର ଶୀର୍ଷରେ ପହଞ୍ଚିଗଲୁ ବୋଲି ଭାବିନେଉ। ଆମକୁ ମନେରଖିବାକୁ ହେବ ଯେ ଘୋଷାଘୋଷି ବା କପି କରି ଅଧିକ ମାର୍କ ରଖିହୁଏ, କିରାଣି ବା ପିଅନ ହୋଇହୁଏ ମାତ୍ର ଗବେଷକ, ବୈଜ୍ଞାନିକ ବା ଦାର୍ଶନିକ ହୋଇହୁଏନି। ବେଳେ ବେଳେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ବିଦେଶରେ ସ୍କୁଲ ଛାତ୍ରମାନେ ଗବେଷଣା କରି ନୂଆନୂଆ ଜିନିଷ ଉଦ୍ଭାବନ କରୁଛନ୍ତି, ଅଳ୍ପ ବୟସର ପିଲାଏ ଷ୍ଟାର୍ଟ-ଅପ୍ ବିଜ୍‌ନେସ କରି ଅଠର-କୋଡ଼ିଏ ବର୍ଷରେ ବି କୋଟିପତି ବନିପାରୁଛନ୍ତି। ମାତ୍ର ଆମ ଦେଶରେ ଚାଳିଶ ବର୍ଷ ଯାଏ ପୁଅ ବାପାର ପେନ୍‌ସନ ପଇସାରେ ଚଳିଚଳି ବୁଢ଼ା ହୋଇଯାଉଛି ପଛେ ନିଜେ କିଛି କରିପାରୁନି। ଏପରି କି ତା' ସ୍ତ୍ରୀ ପିଲାଛୁଆଙ୍କ ଦାୟିତ୍ୱ ମଧ୍ୟ ବୁଢ଼ା ବାପାକୁ ନେବାକୁ ପଡ଼ୁଛି।

ଏଥିରେ ଦୋଷ କାହାର? ଆମ ସମାଜରେ ପିଲା ବଢ଼ିବଢ଼ି ପଚିଶ ସତେଇଶ ବର୍ଷର ହେବାଯାଏ ତାକୁ ପିଲା ବୋଲି ଗଣାଯାଏ। ମା' ତାକୁ ସବୁବେଳେ ପଣତକାନିରେ ଘୋଡେଇ ରଖିବାକୁ ଚିନ୍ତାକରେ। ପଚିଶ ବର୍ଷର ହେବାଯାଏ ମା' ଭାବେ ପୁଅ ମୋର ମାଛ, ମାଂସ ପରିବା ଆଦି କିଣି ଜାଣିବନି, ତେଣୁ ତା' ବାପା ଯାଇ ପରିବା କିଣି ଆଣନ୍ତୁ। ପୁଅ ମୋର ସକାଳ ନଅଟା ଯାଏ ଘୋଡିଘାଡି ହୋଇ ଶେଯରେ ଉଷୁମ ଟାଣୁଥାଉ। ଚାକିରି କି ଇଣ୍ଟରଭ୍ୟୁ ପାଇଁ ପୁଅ ଗଲେ, ମା' ଭାବେ ପୁଅ ମୋର କାଳେ ହଜିଯିବ ତାକୁ ଡେଉଁରିଆ ବାନ୍ଧିକି ଛାଡେ। ରକ୍ତଦାନ ଶିବିରକୁ ଡାକରା ଆସିଲେ ମା' କୁହେ ପୁଅ ମୋର ଶୁଖିଯିବ। ସ୍ୱଚ୍ଛ ଭାରତ ଅଭିଯାନକୁ ଡକାଗଲେ ମା' କହେ ପୁଅକୁ ମୋର ଇନ୍‌ଫେକ୍‌ଶନ ହୋଇଯିବ। ଗେଲବସରରେ ଏଭଳି ବଢ଼ିଥିବା ପୁଅ ପରବର୍ତ୍ତୀ ସମୟରେ ଜୀବନର ନିଷ୍ଠୁର ସତ୍ୟକୁ କିଭଳି ସାମ୍ନା କରିପାରିବ? ଗ୍ରାଜୁଏଟ୍ ହୋଇଥିବା ପିଲା ବ୍ୟାଙ୍କକୁ ଯାଇ ଟଙ୍କା ଡିପୋଜିଟ୍ କରିବା ପାଇଁ ଫର୍ମଟିଏ ପୂରଣ କରିପାରେ ନାହିଁ। ପାଣି କି ଇଲେକ୍ଟ୍ରିକ୍ ଲାଇନ ପାଇଁ ଦରଖାସ୍ତଟିଏ ଲେଖିପାରେ ନାହିଁ। ଝିଅ ବାହାହୋଇ ଶାଶୁଘରକୁ ଗଲାଯାଏ ଚା' ଟିକେ କରିବା ଶିଖି ନ ଥାଏ। ଅଧିକାଂଶ ପାଠକ ଲକ୍ଷ୍ୟ କରିଥିବେ ଆଜିକାଲି ଆମେ ଅତି ଆଗ୍ରହରେ ଆମ ପିଲାଙ୍କୁ ପଢ଼ାଉଥିବା ଇଂଲିଶ ମିଡ଼ିୟମ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ଅନେକ ଟାସ୍କ ଓ ପ୍ରୋଜେକ୍ଟ କରିବାକୁ ଦିଆଯାଇଥାଏ। କିନ୍ତୁ ସେ ଟାସ୍କ ବା ପ୍ରୋଜେକ୍ଟ କେତେ ପିଲା ନିଜେ କରନ୍ତି? ପିଲା କେବେ କେବେ ଆମକୁ ଖୋଳିତାଡ଼ି କିଛି ପଚାରିଲେ ଆମେ କହୁ ତୋର ଏତେ କଥା ଜାଣିବା ଦରକାର ନାହିଁ, ଯେତିକି ବହିରେ ଲେଖାହୋଇଛି ସେତିକି ପଢ଼, ବଡ଼ହେଲେ ସେସବୁ ଜାଣିବୁ। ଅର୍ଥାତ୍ ଘୋଷାଘୋଷି କରି ମଣିଷ ହୋଇଯା। ମାତ୍ର ଏହା ଭିତରେ ଆମେ ସତରେ ତାକୁ ମଣିଷ ନ କରି ଗଧ ବନେଇଦେଉ। ବଡ଼ ହେଲା ପରେ ସେ ଗଧଠାରୁ ଆମେ ଗୋଟେ ଘୋଡ଼ା ଭଳି କାମ ଯଦି ଆଶା କରି ବସିବା ତାହା ଆମର ମୂର୍ଖତା ନୁହେଁ ତ ଆଉ କ'ଣ? ଏଭଳି ଏକ ମୂର୍ଖ ଜନମାନସରୁ କେବେ ଏକ ବିଜ୍ଞ ଭାରତର ଅଭ୍ୟୁଦୟ ହେବ, ତାହା କେବଳ ସମୟ ହିଁ କହିବ।

ମୋ- ୯୪୩୭୨୮୬୫୧୨,
ranjank.das@rediffmail.com

# ବରଗଛ ଓ ମଣିଷ



ଅରୁଣ ଦାସ

ଭୁବନେଶ୍ୱରରୁ ଆମ ଗାଁର ଦୂରତା ପ୍ରାୟ ଶହେ କିଲୋମିଟର। ଗାଁକୁ ଗଲାବେଳେ ବାଟରେ ପଡ଼େ ଏକ ବିଶାଳ ବରଗଛ। ଏହାର ଶାଖାପ୍ରଶାଖା ଯେମିତି ବିସ୍ତୃତ, ଛାଇ ମଧ୍ୟ ସେମିତି ବହଳ। ଚଢ଼େଇମାନଙ୍କ ରାବରେ ଜାଗାଟି ପ୍ରାୟତଃ ମୁଖରିତ ହୋଇଥାଏ। ସେଇ ବାଟଦେଇ ଯିବାଆସିବା ବେଳେ କିଛି ସମୟ ପାଇଁ ମୁଁ ସେଠାରେ ଅଟକିଯାଇ ନୀରବରେ ଛିଡ଼ାହୋଇ ରୁହେ। ଭାରି ଭଲ ଲାଗେ ମୋତେ ସେଇ ଗଛତଳର ଶୀତଳ ଛାଇ ଓ ମୁକ୍ତ ପବନ। ସେଦିନ କିନ୍ତୁ ମୋତେ ଏକ ତିକ୍ତ ଓ ହୃଦୟବିଦାରକ ଦୃଶ୍ୟକୁ ସାମ୍ନା କରିବାକୁ ହେଲା। ରାସ୍ତା ଚଉଡ଼ା ପାଇଁ ଚାଲିଥିଲା ଶହ ଶହ ସଂଖ୍ୟାରେ ଗଛକଟା। ଏଇ ବରଗଛଟି ସେଥିରୁ ବାଦ୍ ପଡ଼ନ୍ତା କେମିତି? ଡୋଜର ସାହାଯ୍ୟରେ ଉପଡ଼ା ଯାଇ ଗଣ୍ଡିଟି ଏହାର ତଳେ ଗଡୁଥାଏ। ଏ ଦୃଶ୍ୟ ସହି ନ ପାରି ଜୋରରେ ବାଇକ୍ ଛୁଟାଇ ଦେଇଥିଲି ଘରଆଡ଼େ।

ଭାରତରେ ବରଗଛକୁ ଜାତୀୟ ବୃକ୍ଷର ମାନ୍ୟତା ମିଳିଛି। ବହୁ ପ୍ରାଚୀନ କାଳରୁ ଏହି ବୃକ୍ଷ ପ୍ରାଣିଜଗତ ସହ ଓତପ୍ରୋତ ଭାବରେ ଜଡ଼ିତ। ବିଶେଷକରି ଏହି ବୃକ୍ଷ ମଣିଷର ଯାବତୀୟ ଆବଶ୍ୟକତା ପୂରଣ କରିବା ସହ ବହୁମାତ୍ରାରେ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଦେଇଥାଏ। ଆଗ ଯୁଗରେ ହିନ୍ଦୁ ନାରୀମାନେ ଦୀର୍ଘ ବୈବାହିକ ଜୀବନ କାମନା କରି ବରଗଛକୁ ପୂଜା କରୁଥିଲେ। ହଠାତ୍ ଦେହରେ କ୍ଷତ ସୃଷ୍ଟି ହେଲେ ବାହାରୁଥିବା ରକ୍ତକୁ ବନ୍ଦ କରିବା ପାଇଁ ବର କ୍ଷୀରକୁ ଅଠା ଭାବରେ ବ୍ୟବହାର କରି କ୍ଷତ ସ୍ଥାନ ଉପରେ ଏକ ଲେପ ଦିଆଯାଉଥିଲା। ସେହିପରି ବର ଚେରରୁ ନିର୍ମିତ ଟନିକ୍ ବ୍ୟବହାର କଲେ ଶରୀରର ତାପମାତ୍ରା ନିୟନ୍ତ୍ରିତ ହେବା ସହ ମଧୁମେହ ରୋଗ ପାଇଁ ପ୍ରସ୍ତୁତ ଔଷଧରେ ମଧ୍ୟ କିଛିମାତ୍ରାରେ ବର ଛେଲି ଓ ଚେରର ମିଶ୍ରଣ ହୋଇଥାଏ। ଏହା ସହ ଦାନ୍ତ ଓ ମାଢ଼ିକୁ ଶକ୍ତ କରିବା ପାଇଁ ଭାରତର କିଛି ଅଞ୍ଚଳରେ ଏହାର ଚେରକୁ ବାଟି ଘସିବାର ଦେଖିବାକୁ ମିଳିଥାଏ। ବରଗଛ ଓହଳରେ ଥିବା କଅଁଳିଆ ଚେରକୁ ନେଇ ଭାରତ ଓ ନେପାଳ ସୀମାନ୍ତରେ ବସବାସ କରୁଥିବା ମହିଳାମାନେ ସେମାନଙ୍କ ମୁଣ୍ଡ ବାଳରେ ପ୍ରଲେପ ଭାବରେ ବ୍ୟବହାର କରନ୍ତି। କାରଣ ଏହାକୁ ଲଗାଇବା ଦ୍ୱାରା ସେମାନଙ୍କ ମୁଣ୍ଡବାଳ ଆହୁରି ଶକ୍ତ ଓ ଚିକ୍କଣ ହୋଇଥାଏ। ଅନେକ ସ୍ଥାନରେ ଦୁଇରୁ ଚାରି ଏକର ପର୍ଯ୍ୟନ୍ତ ଏହି ଗଛ ତା'ର କାୟା ବିସ୍ତାର କରିଥିବାର ଦେଖିବାକୁ ମିଳିଥାଏ। କୋଲକାତାର ହାଓଡ଼ା ପାଖରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଇଣ୍ଡିଆନ ବଟାନିକ୍ ଗାର୍ଡେନରେ ୪.୬୭ ଏକର ଜାଗା ଉପରେ ଥିବା ବିଶାଳ ବଟବୃକ୍ଷ ୨୫୦ରୁ ଅଧିକ ବର୍ଷର ପୁରୁଣା ବୋଲି ବିଶ୍ୱାସ କରାଯାଏ।

ଧର୍ମୀୟ ଭାବନା ଅନୁସାରେ ବଟବୃକ୍ଷକୁ ନେଇ ମଧ୍ୟ ନାନା କିମ୍ବଦନ୍ତୀ ରହିଛି। ଶ୍ରୀକୃଷ୍ଣ କୁଆଡ଼େ ସର୍ବପ୍ରଥମେ ଏଇ ବୃକ୍ଷମୂଳେ ଛିଡାହୋଇ ଗୀତାର ବାଣୀ ଶୁଣାଇଥିଲେ। ସେହିପରି ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ଆଦମ୍ ଓ ଇଭ୍ ବରର ଛେଲିରୁ ବଲ୍କଳ କରି ପ୍ରଥମେ ପିନ୍ଧିଥିଲେ।

ହେଲେ ଦୁର୍ଭାଗ୍ୟର ବିଷୟ, ଏତେ ମାତ୍ରାରେ ମାନବ ଜୀବନ ସହିତ ଜଡ଼ିତ ବରଗଛ ଆଜି ସଙ୍କଟରେ ପଡ଼ିଛି। ଡେଙ୍ଗା ମୁଣ୍ଡରେ ଠେଙ୍ଗା ପରି ଏଇ ସର୍ବବୃହତ୍ ଗଛ ଆଜି ଚାରିଆଡ଼େ ବହୁଳ ମାତ୍ରାରେ କଟା ଚାଲିଛି। ଜନସଂଖ୍ୟା ବଢ଼ିବା ସହ ଅଧିକରୁ ଅଧିକ ଘର ଓ ରାସ୍ତାଘାଟ ନିର୍ମାଣ ହେଉଛି। ଫଳରେ ବରଗଛକୁ ହିଁ ପ୍ରଥମ ଶିକାର ହେବାକୁ ପଡୁଛି। ନେପାଳ ସାଧାରଣତଃ ହିମାଳୟ ପାଦଦେଶରେ ହୋଇଥିବାରୁ ଭାରତୀୟ ସମତଳ ଭୂମି ତୁଳନାରେ ଏଠାରେ କମ୍ ସଂଖ୍ୟାରେ ଏଇ ଗଛ ଦେଖାଯାଇଥାଏ। ନେପାଳୀମାନେ ଏହାର ଫଳଠାରୁ ଆରମ୍ଭ କରି ଚେର ପର୍ଯ୍ୟନ୍ତ କୋଡ଼ିଏରୁ ଅଧିକ ପ୍ରକାର ଔଷଧରେ ବ୍ୟବହାର କରନ୍ତି। ଏହି ଗଛରେ ଦେବତାଗଣ ବାସ କରନ୍ତି ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି। କିନ୍ତୁ ଚିନ୍ତାର ବିଷୟ, ଏବେ ନେପାଳରେ ହିଁ ଅଧିକ ସଂଖ୍ୟାରେ ବରଗଛ କଟାଚାଲିଛି। ଆଗେ ବରଗଛଟିଏ ଲଗାଇବାକୁ ପୁଣ୍ୟକାର୍ଯ୍ୟ ବୋଲି ଲୋକେ ବିଶ୍ୱାସ କରୁଥିବା ବେଳେ ଆଜି ସେଇ ଭାବନା କୁଆଡ଼େ ବଦଳିଗଲାଣି। ଫଳରେ ପରିବେଶ ଅସନ୍ତୁଳିତ ହୋଇ ବାୟୁମଣ୍ଡଳରେ ଅସ୍ୱାଭାବିକ ଭାବରେ ଉତ୍ତାପ ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ଦିନକୁ ଦିନ ଭୟାବହ ରୋଗ ମଧ୍ୟ ସୃଷ୍ଟି ହେବାରେ ଲାଗୁଛି। ବିଭିନ୍ନ ପ୍ରକାର ପକ୍ଷୀ ଓ ଛୋଟ ଛୋଟ ଚଢ଼େଇ, ଯେଉଁମାନେ ବରଡାଳରେ ବସବାସ କରନ୍ତି ଓ ମଣିଷର ବିଭିନ୍ନ ଉପକାରରେ ଆସନ୍ତି, ଧୀରେ ଧୀରେ ସେମାନଙ୍କ ସଂଖ୍ୟା ହ୍ରାସ ହେବାରେ ଲାଗିଲାଣି। ଏବେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ କରାଯାଉଛି। ହେଲେ ବରଗଛ ଲଗାଇବା ପାଇଁ କେହି ଆଗଭର ହେଉନାହାନ୍ତି। କାରଣ ବରଗଛଟିଏ ବଢ଼ିଲେ ଅନେକ ଜାଗା ମାଡ଼ିବସିବ। ପଡ଼ିଆଗୁଡ଼ିକ ମଧ୍ୟ ହ୍ରାସ ପାଇ ଅନେକାଂଶରେ ଚାଷଜମିରେ ପରିଣତ ହେଲାଣି। ଗାଁଠାରୁ ସହର ଯାଏ ଖୋଲା ସ୍ଥାନଟିଏ ମିଳିବା କଷ୍ଟକର। ତେଣୁ ବରଗଛ ଆଉ କେଉଁଠି ସୃଷ୍ଟି ହେବ? ତେବେ ଉଦ୍ଭିଦ ଜଗତରୁ ବରଗଛ କ'ଣ ପୂରାପୂରି ଲୋପ ପାଇଯିବ? ସମସ୍ତେ ଆଜି ବରଗଛର ବଂଶରକ୍ଷା ପାଇଁ ଚିନ୍ତା ପ୍ରକଟ କରିବା ଉଚିତ। କାରଣ ଏଇ ବୃକ୍ଷ ପ୍ରବଳ ଛାଇ ଦେବା ସହ ଏହାର ଆଖପାଖରେ ଶୀତଳତା ବଜାୟ ରଖି ବାୟୁମଣ୍ଡଳକୁ ବିଶୋଧିତ କରିଥାଏ। ଉପଯୋଗୀ ସ୍ଥାନ ଦେଖି ଚାରିଆଡ଼େ ବରଗଛ ରୋପଣ କରିବା ଏବେ ନିହାତି ଜରୁରୀ ହୋଇପଡ଼ିଛି। ଅତି ଜରୁରୀ ନ ହେଲେ ଏହାକୁ କାଟିବା ବନ୍ଦ କରି ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ସହ ନୂଆ ବରଗଛ ଲଗାଇଲା ବେଳେ ସମସ୍ତେ ସହଯୋଗ କରିବା ଉଚିତ।

ବରମୁଣ୍ଡଳୀ, ଜଗତ୍‌ସିଂହପୁର, ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଛୋଟ ପିଲା କାନ୍ଦିଲେ ଯେ କୌଣସି ମହିଳାର ହୃଦୟ ବିଳପି ଉଠିବା ସ୍ୱାଭାବିକ। କିନ୍ତୁ ମାତୃସ୍ତନ୍ୟରୁ ବଞ୍ଚିତ ଶିଶୁକୁ ଆଉ ଜଣେ ମହିଳା ସ୍ତନ୍ୟପାନ କରାଇ ତାକୁ ସାନ୍ତ୍ୱନା ଦେବା ବିରଳ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ। ହାଇଦ୍ରାବାଦରେ ଏପରି ଏକ ଘଟଣା ଘଟିଛି। ଦୁଇମାସର ଶିଶୁକନ୍ୟାକୁ ମା' ଛାଡ଼ି ଚାଲିଯାଇଥିବା ବେଳେ ତାକୁ ଜଣେ ମହିଳା ପୋଲିସ ଅଧିକାରୀ ସ୍ତନ୍ୟପାନ କରାଇ ମାତୃ ହୃଦୟର ପରିଚୟ ଦେଇଛନ୍ତି। ପ୍ରିୟଙ୍କା ନାମ୍ନୀ ଏହି ମହିଳା କର୍ମଚାରୀ ହାଇଦ୍ରାବାଦର ବେଗମ୍‌ପେଟ ଥାନାରେ ଏବଂ ତାଙ୍କ ସ୍ୱାମୀ ଏମ୍. ରବୀନ୍ଦ୍ର ସ୍ଥାନୀୟ ଅଫଜଲ୍‌ଗଞ୍ଜ ଥାନାରେ କାର୍ଯ୍ୟ କରନ୍ତି। ଓସ୍‌ମାନିଆ ହସ୍ପିଟାଲ ସମ୍ମୁଖରେ ଜଣେ ମହିଳା ତାଙ୍କ ଦୁଇମାସର ଶିଶୁକନ୍ୟାକୁ ମହମ୍ମଦ ଇରଫାନ୍ ନାମକ ଜଣେ ବ୍ୟକ୍ତିଙ୍କୁ କିଛି ସମୟ ଧରିବାକୁ କହି କେଉଁଆଡେ ଚାଲିଯାଇଥିଲେ। ଭୋକରେ ଶିଶୁକନ୍ୟା ରାହା ଧରି କାନ୍ଦିବାରେ ଲାଗିଲା। ଇରଫାନ୍ ଶିଶୁକୁ ଧରି ଅଫଜଲ୍‌ଗଞ୍ଜ ଥାନାରେ ପହଞ୍ଚିଲେ। ଏହା ଦେଖି ରବୀନ୍ଦ୍ର ସ୍ତ୍ରୀ ପ୍ରିୟଙ୍କାଙ୍କୁ ଖବର ଦେଇଥିଲେ। ପ୍ରିୟଙ୍କା ଖବର ପାଇ ଥାନାରେ ପହଞ୍ଚି ଶିଶୁକନ୍ୟାକୁ ସ୍ତନ୍ୟପାନ କରାଇଥିଲେ। ପରେ ଶିଶୁକନ୍ୟାର ମା' ଶବାନା ବେଗମ୍‌ଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିଲେ। ସେ ନିଶାରେ ଥିବାରୁ ଏପରି କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଏବେ ପ୍ରିୟଙ୍କାଙ୍କ ଉଦାରତା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ରୋପିଥିଲ ଯେ ପାଦପ ଧରମର
ଅକ୍ଷୟ ମହତ
କାଳର ପ୍ରଭାବେ ଯେବେ ହେଲା ତା'ର
ଜୀର୍ଣ୍ଣତା ଆଗତ।
ଆଚାର ବିଧାନ ତା'ର ପଡ଼େ ଝଡ଼ି
ଶୁଷ୍କପତ୍ର ସମ
ବିଲୋକି ସେ ଦଶା ତବ ପ୍ରାଣେ ଜାଗେ
ଯାତନା ପରମ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | | | | | | 1 | | | | | | |
| 1 | | | 5 | B | 8 | | 9 | A | | | 6 | | | |
| | 4 | 5 | | | | | | | | | | 0 | 7 | 9 |
| | 9 | | | | | 8 | | D | 3 | E | | | C | |
| | | | | | | | B | 7 | | | 4 | | A | 3 |
| | 6 | | | | A | | | B | | | 8 | C | | 2 |
| E | | | | | 0 | | 1 | 8 | | | B | | 9 | |
| | 8 | | D | 6 | | | | 3 | | | A | | | 1 |
| | 1 | B | | | E | | | | 2 | 5 | | | | 0 |
| | | 7 | | | 2 | | | | | | | 4 | 6 | |
| | | 3 | | | | | D | 2 | | | | 5 | 0 | |
| D | 5 | 2 | | | | | | | | 9 | | | | 4 |
| | 7 | | | | | | E | | 6 | 0 | D | | | |
| | | 9 | | | 4 | | 6 | | | 8 | | | | E |
| 0 | | 4 | | | | B | | | | C | 1 | 6 | D | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | 5 | B | 6 | 3 | 8 | 4 | E | 7 | 1 | 9 | 0 | C | 2 |
| 0 | 4 | 7 | 1 | E | C | B | 5 | 2 | A | 6 | 3 | D | 9 | 8 |
| C | 8 | 1 | 0 | 9 | 4 | D | A | 3 | 5 | 2 | E | B | 6 | 7 |
| B | E | 3 | 8 | 2 | A | 9 | 6 | 7 | D | C | 0 | 5 | 4 | 1 |
| 6 | 9 | 2 | D | 7 | 5 | 0 | 1 | C | 8 | B | 4 | 3 | A | E |
| 7 | C | 9 | 4 | 3 | 8 | 5 | 0 | B | 2 | A | D | 1 | E | 6 |
| 2 | 1 | 8 | 5 | A | D | 7 | 9 | 6 | E | 0 | B | 4 | 3 | C |
| E | A | 0 | 9 | 1 | 6 | 4 | 3 | D | C | 7 | 5 | 2 | 8 | B |
| D | B | 6 | C | 0 | 7 | E | 2 | 8 | 3 | 4 | 1 | A | 5 | 9 |
| 3 | 5 | 4 | E | B | 2 | A | C | 1 | 6 | 9 | 8 | 7 | D | 0 |
| 4 | 2 | C | 3 | 8 | 1 | 6 | 7 | 9 | B | D | A | E | 0 | 5 |
| 9 | 0 | D | 6 | C | B | 1 | E | A | 4 | 5 | 2 | 8 | 7 | 3 |
| 8 | 3 | B | 7 | 5 | 0 | 2 | D | 4 | 9 | E | C | 6 | 1 | A |
| 5 | 7 | E | A | 4 | 9 | 3 | B | 0 | 1 | 8 | 6 | C | 2 | D |
| 1 | 6 | A | 2 | D | E | C | 8 | 5 | 0 | 3 | 7 | 9 | B | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମା'ବାପା ସଚେତନ ହେବେ କି

ମହାଶୟ,

ଆମ ଦେଶରେ ବହୁଳଭାବେ ବ୍ୟବହୃତ ବେବି ପାଉଡର ଓ ଶାମ୍ପୁରେ କର୍କଟକାରକ ଉପାଦାନ ଅଛି ବୋଲି ନିକଟଅତୀତରେ ଗଣମାଧ୍ୟମରେ ପ୍ରକାଶ ପାଇଛି, ଯାହା ସତ ହୋଇଥିଲେ ସାଂଘାତିକ। କିଛିବର୍ଷ ତଳେ ଆମ ଦେଶର ଜଣେ ବୈଜ୍ଞାନିକ ସୁନୀତା ନାରାୟଣନ୍ ପରୀକ୍ଷା କରି ଜଣାଇଥିଲେ ଯେ ପେପ୍‌ସି ଓ କୋଲା ପରି ମୃଦୁପାନୀୟରେ ଯଥେଷ୍ଟ ବିଷାକ୍ତ ଉପାଦାନ ଥିଲା, ଯାହା ଅଷ୍ଟିଓ ପୋରୋସିସ୍ ପରି ରୋଗ କରିବାରେ ସାହାଯ୍ୟ କରୁଥିଲା। ଏହାକୁ ନେଇ ସେ ସମୟରେ ତୁମ୍ଭିତୋଫାନ ହୋଇଥିଲା। ତଦନ୍ତ କମିଟି ଅନୁସନ୍ଧାନ କରି ପ୍ରାୟ ୧ ବର୍ଷ ପରେ ମୃଦୁପାନୀୟକୁ କ୍ଲିନ୍‌ଚିଟ୍ ଦେଇଥିଲା। ଏବେ ମଧ୍ୟ ସେହି ମୃଦୁପାନୀୟକୁ ଆମେରିକାର ସ୍କୁଲମାନଙ୍କରେ ବାରଣ କରାଯାଇଥିଲେ ମଧ୍ୟ ଆମ ଦେଶରେ ତାହା ଆଭିଜାତ୍ୟର ଚିହ୍ନ ଭାବେ ପରିଗଣିତ ହେଉଛି। ସେହିପରି ପ୍ରାୟ ୨ ବର୍ଷ ତଳେ ନେସ୍‌ଲେ କମ୍ପାନୀର ମାଗି କ୍ଷେତ୍ରରେ ମଧ୍ୟ ଏ ପ୍ରକାର ହୋଇଥିଲା। ଆମ ଦେଶରେ ୧୯୮୬ରେ ଗ୍ରାହକ ସୁରକ୍ଷା ଆଇନ ପ୍ରଣୀତ ହୋଇଥିଲେ ମଧ୍ୟ ଜନସାଧାରଣ ସେ ସମ୍ପର୍କରେ ସଚେତନ ନ ଥିବାରୁ ବହୁ ଦେଶୀ ଓ ବିଦେଶୀ କମ୍ପାନୀ ଏ ପ୍ରକାର କୁକାର୍ଯ୍ୟ କରିଚାଲିଛନ୍ତି। କେହି ଏ ବିଷୟରେ ଆଇନର ସହାୟତା ନେଲେ ମଧ୍ୟ ଆମ ଦେଶରେ ବିଚାର ବିଭାଗର ବିଳମ୍ବ ପାଇଁ ସେ ପ୍ରସଙ୍ଗ ଉପରୁ ଜନସାଧାରଣଙ୍କ ନଜର ହଟିଯାଇଥାଏ। ତେଣୁ ଲୋଭନୀୟ ବିଜ୍ଞାପନରେ ଆକର୍ଷିତ ନ ହୋଇ ନିଜ ପିଲାଙ୍କର ସୁରକ୍ଷିତ ଭବିଷ୍ୟତ ପାଇଁ ମା'ବାପାମାନେ ସଚେତନ ହେବା ନିହାତି ଦରକାର। ଏ ପ୍ରସଙ୍ଗରେ ଧରିତ୍ରୀ (୨୫।୧୨)ରେ ପ୍ରକାଶିତ ସହଦେବ ସାହୁଙ୍କ 'ଗ୍ରାହକ ସୁରକ୍ଷା ଗଣତନ୍ତ୍ର ରକ୍ଷା' ପ୍ରଣିଧାନଯୋଗ୍ୟ।

ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ଟିଭି ଓ ମୋବାଇଲର କୁଫଳ

ଦୂରଦର୍ଶନ ଓ ମୋବାଇଲର ଅରୁଚିକର ଦୃଶ୍ୟଗୁଡ଼ିକ କୋମଳମତି ପିଲାଙ୍କୁ ଭୁଲ ବାଟକୁ ଟାଣି ନେଉଛି। କିଛି ପତ୍ରପତ୍ରିକାର ଲେଖା ମଧ୍ୟ ପିଲାଙ୍କୁ ସତ୍‌ଶିକ୍ଷାଠାରୁ ଦୂରେଇ ଦେଉଛି। ବିଭିନ୍ନ ଉତ୍ତେଜକ ଦୃଶ୍ୟ ଓ ମାରପିଟ ଦୃଶ୍ୟଗୁଡିକ କ୍ଷତିକାରକ। ଉପାଦେୟ ଶିଶୁ ସାହିତ୍ୟ ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆଯାଉ ଏବଂ ଯେତେଦୂର ସମ୍ଭବ ସେମାନଙ୍କୁ ଟିଭି ଓ ମୋବାଇଲଠାରୁ ଦୂରରେ ରଖାଯାଉ।

ନିର୍ଭୟ କୁମାର ପାଣି, ବିଜିଗୋଳ, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ବୁଧବାର, ୨ ଜାନୁୟାରୀ, ୨୦୧୯



## ସଂକ୍ଷେପରେ



### ନାଲ୍‌କୋରେ ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଦାମନଯୋଡ଼ି,୧୧(ଡି.ଏନ୍.ଏ.):** ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ଭାବେ ଇଂ. ରବିଶଙ୍କର ଦାସ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଅନୁଗୁଳସ୍ଥିତ ନାଲ୍‌କୋ ପ୍ଲାଣ୍ଟରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ୨୦୧୨ରେ ଦାମନଯୋଡ଼ିର ଏସ୍‌ପିପି ବିଭାଗର ଡିଜିଏମ୍ ହୋଇଥିଲେ। ପରେ ଏସ୍‌ପିପି ଓ ଆଲୁମିନିୟମ ରିଫାଇନାରୀର ଜିଏମ୍ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ସମୟରେ ନାଲ୍‌କୋ କଳିଙ୍ଗ ସୁରକ୍ଷା ପୁରସ୍କାର, ଶକ୍ତି ସୁରକ୍ଷା ପୁରସ୍କାର, ଗୋଲ୍ଡ ପ୍ଲସ୍ ବିଜିନେସ୍ ଏକସିଲେନ୍ସି ପୁରସ୍କାର, ସବୁଜ ବଳୟ ପାଇଁ ପୁରସ୍କାର ସହ ବିଭିନ୍ନ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମ୍ମାନ ପାଇଛି। ଆଗାମୀ ଦିନରେ ବାଣିଜ୍ୟିକ ଲକ୍ଷ୍ୟ ହାସଲ ସହ ପ୍ରଚଳିତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଏଥିସହ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଓ ପାରିପାର୍ଶ୍ୱିକ ଅଞ୍ଚଳରେ ସାମାଜିକ, ଅର୍ଥନୈତିକ ବିକାଶ ଦିଗରେ ଅଧିକ ଧ୍ୟାନ ଦେବେ ବୋଲି ସେ କହିଥିଲେ।

### ଖବରଦାତାଙ୍କ ବିୟୋଗରେ ସ୍ମୃତିସଭା

**ମୁନିଗୁଡ଼ା,୧୧(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାଠାରେ ଖବରଦାତା ସୁରେଶ ପାଢ଼ୀଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ରାଜୀବ ଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରାଙ୍ଗ ରାଉତ ପାଢ଼ୀଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ। ଏହି ଶୋକସଭାରେ ସୀମାଞ୍ଚଳ ପଣ୍ଡା, ନନ୍ଦକିଶୋର ପଟ୍ଟନାୟକ, ନିରଞ୍ଜନ ସାହୁ, ପ୍ରମୋଦ ସାହୁକାର, ନରେଶ ପାତ୍ର, ରାଧେଶ୍ୟାମ ଅଗ୍ରୱାଲ, କୈଳାସ ଲାବଲା, ରଘୁନାଥ ବେହେରା, ଦେବେନ୍ଦ୍ର ନାୟକ,ରବୀନ୍ଦ୍ର ପଣ୍ଡା, ଦକ୍ଷ ବାତ୍ରା, ସଞ୍ଜୟ ନାଗ,କ୍ଷମାସାଗର ଦାସ, ମନୋରଞ୍ଜନ ଦଳେଇ ପ୍ରମୁଖ ଯୋଗଦେଇ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ଆକ୍ରମଣରେ ଆହତ ମଦ ଦୋକାନୀଙ୍କ ମୃତ୍ୟୁ

**କବିସୂର୍ଯ୍ୟନଗର,୧୧:** ଅର୍ଜୁନପଲ୍ଲୀ ଗ୍ରାମଛକଠାରେ ଗତ ୨୪ ତାରିଖରେ କଳାମୁଖାଧାରୀ ୩ ଅଜଣା ଯୁବକଙ୍କ ଆକ୍ରମଣରେ ମଦଦୋକାନୀ କବୀର ସେଠୀ ଆହତ ହୋଇଥିଲେ। ସୋମବାର ଅପରାହ୍ନରେ ବ୍ରହ୍ମପୁର ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, କବୀର ଅର୍ଜୁନପଲ୍ଲୀ ଗ୍ରାମରେ ବେଆଇନ ଭାବେ ଏକ ଦେଶୀମଦ ଦୋକାନ ଖୋଲି ମଦ ବିକ୍ରି କରୁଥିଲେ। ୩ଜଣ ଅଜଣା ଯୁବକ ୨୪ ତାରିଖରେ ଦୋକାନକୁ ଆସି ମଦ ପିଇବା ପରେ ଟଙ୍କା ନ ଦେଇ ଦୋକାନୀ କବୀରଙ୍କୁ ମାଡ଼ ମାରିଥିଲେ। ଏନେଇ ନଂ.୩୦୪/୧୮ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

■ କଂଗ୍ରେସର ଗଣଧାରଣା ୪ର୍ଥ ଦିନରେ

# ଦାବି ପୂରଣ ଯାଏଁ ଚାଲିବ ଆନ୍ଦୋଳନ

**ରାୟଗଡା ଅଫିସ,୧୧**

ରାୟଗଡା ଜିଲା କାଶିପୁର ବ୍ଲକ ଦୋରାଗୁଡାଠାରେ ଥିବା ଉତ୍କଳ ଆଲୁମିନା କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଚାଲିଥିବା ଗଣଧାରଣା ମଙ୍ଗଳବାର ୪ର୍ଥ ଦିନରେ ପହଞ୍ଚିଛି। ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ୧୪ ଦଫା ଦାବି ନେଇ ଏହି ଧାରଣା ଦିଆଯାଇଛି। ଉକ୍ତ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି। ବିସ୍ଥାପିତ ପରିବାରର ସବୁ ବ୍ୟକ୍ତିଙ୍କୁ ଯୋଗ୍ୟତା ଭିତ୍ତିରେ ଚାକିରି ଦେବା, ଜମିହରା ବ୍ୟକ୍ତିମାନଙ୍କୁ କୁଶଳୀ କିମ୍ବା ଅଣକୁଶଳୀ ଭାବେ କାର୍ଯ୍ୟ ପ୍ରଦାନ କରିବା, ଚୁକ୍ତିନାମା ଅନୁଯାୟୀ ଆର.ଆର.ପ୍ୟାକେଜ ହିସାବରେ ରାୟଗଡା ଓ ଟିକିରିରେ ପଲିଟେକନିକ୍ ଟ୍ରେନିଂ ଖୋଲିବା, ଅଞ୍ଚଳର ଶିକ୍ଷିତ ଡିପ୍ଲୋମା, ବି.ଟେକ ଓ ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେବା ବ୍ୟବସ୍ଥା କରି ବାହାର ରାଜ୍ୟର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ବନ୍ଦ କରିବା, ଇପିସିବି ପଲିସି ଅନୁସାରେ ପ୍ରଭାବିତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ କରିବା, ଚୁକ୍ତିନାମା ଓ ସିଏସଆର ପଲିସି ଅନୁସାରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତୀକରଣ, ରାସ୍ତାଘାଟ ନିର୍ମାଣ, କ୍ଷତିଗ୍ରସ୍ତ ଗ୍ରାମଗୁଡିକରେ ବିକାଶମୂଳକ କାମ କରିବା, କାମ ପାଇଁ ଲାଞ୍ଚ ନେବା ବନ୍ଦ କରାଯାଉ, ରାମିବେଡା ଓ କେନ୍ଦୁଖୁଣ୍ଟି ଗ୍ରାମର ବିସ୍ଥାପିତ ପରିବାରଙ୍କୁ ତାଙ୍କ ରହିବା ସ୍ଥାନରେ ପକ୍କାରାସ୍ତା,ଡ୍ରେନ,ପାଚେରି, ପିଲାଙ୍କ ପାଇଁ ପାର୍କ କରିବା, ବିସ୍ଥାପିତ ପରିବାରଙ୍କ ପିଲାଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ସମସ୍ତ ଖର୍ଚ୍ଚ କମ୍ପାନୀ ବହନ କରିବା ଓ ପରିବେଶ ସୁରକ୍ଷା ନିମନ୍ତେ ଆବଶ୍ୟକ ମୁତାବକ ଗଛ ଲଗାଯିବା ଆଦି ଦାବି କରାଯାଇଛି। ଅପରପକ୍ଷେ କଂଗ୍ରେସର ଏହି ଗଣଧାରଣାକୁ ନେଇ କମ୍ପାନୀର ସିଏସଆର ବିଭାଗ ଉପସଭାପତି ରାକେଶ ମିଶ୍ର କହିଛନ୍ତି ଯେ, କମ୍ପାନୀର ସିଏସଆର ନିୟମାନୁସାରେ ୫୦ଖଣ୍ଡ ଗ୍ରାମ ପାଇଁ ଗୋଟିଏ ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଥିବା ବେଳେ ୮ଟି ଆମ୍ବୁଲାନ୍ସ ସହ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଶିକ୍ଷା କ୍ଷେତ୍ରରେ ସ୍ଥାନୀୟ ଯୁବତୀଯୁବକଙ୍କୁ ଆଇଟିଆଇ,କମ୍ପ୍ୟୁଟର ଭଳି ତାଲିମ ପ୍ରଦାନ କରାଯାଉଛି। ସ୍ଥାନୀୟ ଅଞ୍ଚଳର ୩୦୦ ଏକର ଚାଷଜମିରେ ଆମ୍ବ, କାଜୁ, କଦଳୀ ଇତ୍ୟାଦି ଫଳଚାଷ କରାଯିବା ପାଇଁ ସହାୟତା ପ୍ରଦାନ କରାଯାଉଛି। ଏଥିରେ ପ୍ରତ୍ୟେକ୍ଷ ଭାବେ ୫୦୦ଜଣ ଚାଷୀ ଉପକୃତ ହେଉଛନ୍ତି ବୋଲି ମିଶ୍ରା ସୂଚନା ଦେଇଛନ୍ତି। ଏହି ଗଣଧାରଣାରେ ଜିଲା କଂଗ୍ରେସ କମିଟି ଉପସଭାପତି ଶଙ୍କର୍ସଣ ମଙ୍ଗରାଜ,ମକରନ୍ଦ ମୁଦୁଲି, ଅଭିରାମ ଜୈନ, କାଶିପୁର ବ୍ଲକ ଅଧକ୍ଷା ରୁଆଇ ମାଝି, ଜିଲା ପରିଷଦ ସଭ୍ୟା ଅମ୍ବିକା ମାଝି, ଜିଲା ସୋସିଆଲ ମିଡିଆ ସଂଯୋଜକ ଆସଲାମ ଖାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




କଂଗ୍ରେସ ପକ୍ଷରୁ ଚାଲିଥିବା ଧାରଣା।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

# ଦୁର୍ଘଟଣାରେ ଯୁବକ ଆହତ, ରାସ୍ତାରୋକୋ

**ରାୟଗଡା ଅଫିସ, ୧୧**

ରାୟଗଡା ସହର ଉପଖଣ୍ଡସ୍ଥ ପିତାମହଲ ଗ୍ରାମ ନିକଟରେ ଟ୍ରକ୍ ଧକ୍କାରେ ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ତେବେ ଯୁବକଙ୍କୁ ଟ୍ରକ୍ ଧକ୍କାଦେବା ଓ ପୋଲିସ ବିଳମ୍ବରେ ପହଞ୍ଚିବା ପ୍ରତିବାଦରେ ସ୍ଥାନୀୟ ଯୁବକମାନେ ରାସ୍ତାରୋକୋ କରିଥିଲେ। ଫଳରେ ୩ ଘଣ୍ଟା ଧରି ବହୁ ଯାନବାହନ ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପିତାମହଲ ଗ୍ରାମ ନିକଟରେ ଯୁବକ ଜଣକ ରାସ୍ତା କଡ଼ରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ ଟ୍ରକ୍ (ଏପି.୨୭.ୱାଇ-୨୪୧୬) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଶେଷଖାଲ ପୋଲିସକୁ ସୂଚନା ଦେବାପରେ ମଧ୍ୟ ବିଳମ୍ବରେ ପହଞ୍ଚିବାରୁ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ରାୟଗଡା-ଆନ୍ଧ୍ରପ୍ରଦେଶ ମୁଖ୍ୟରାସ୍ତା ବନ୍ଦ ରହିଥିଲା। ଶତାଧିକ ଟ୍ରକ୍ ଓ ବସ୍ ରାସ୍ତାର ଉଭୟପାର୍ଶ୍ୱରେ ଅଟକି ରହିଥିଲା। ଖବରପାଇ ଶେଷଖାଲ ଆଇଆଇସି ପୀତବାସ ଧାରୁଆ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଆହାର କେନ୍ଦ୍ରରେ ରାତ୍ରିଭୋଜନ ଆରମ୍ଭ

**କୋରାପୁଟ,୧୧(ସ୍ୱ.ପ୍ର.)**

ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ତଥା ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରରେ ସୋମବାର ରାତ୍ରିଭୋଜନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ବିଜେଡି ଜିଲା ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ଜିଲା ଯୋଜନା କମିଟି ଅଧକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲା ବିଜେଡି ସଂପାଦକ ଉତ୍କଳ ରଞ୍ଜନ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କୃଷକମାନଙ୍କ ପାଇଁ କାଳିଆ ଯୋଜନା ଓ ରାତିରେ ରୋଗୀ ଓ ତାଙ୍କ ସେବାରେ ଥିବା ପରିବାର ସଂପର୍କୀୟଙ୍କୁ ସହାୟତା ପାଇଁ ଆହାର କେନ୍ଦ୍ରରେ ରାତ୍ରିଭୋଜନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିବା ଅତିଥିମାନେ କହିଥିଲେ। କୋରାପୁଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ କହିଥିଲେ ଯେ, ଆହାରକେନ୍ଦ୍ରରେ ଦିନବେଳେ ୩୫୦ ଓ ରାତିରେ ୨୫୦ ଲୋକଙ୍କ ପାଇଁ ଭୋଜନ ସୁବିଧା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଜେଡି ଯୁବନେତା ଲଲାଟ ରଞ୍ଜନ ସେଠୀ, ଭାଗିରଥି ପାଟନିଆ, ତ୍ରିନାଥ ପାତିକା, ବିନୋଦ ନାୟକ, ପୂର୍ବତନ କାଉନସିଲର ମନୋଜ ପଣ୍ଡା, ଦିଲ୍ଲିପ ରଥ ଉପସ୍ଥିତ ଥିଲେ।



ଶୁଭାରମ୍ଭ ପରେ ଆହାରକେନ୍ଦ୍ରରେ ରାତ୍ରି ଭୋଜନ ଖାଉଛନ୍ତି ଅତିଥିମାନେ।

■ କାର୍ଯ୍ୟରେ ଅବହେଳା ଅଭିଯୋଗ

# କାଶୀନଗର ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ

**ପାରଳାଖେମୁଣ୍ଡି, ୧୧(ସ୍ୱ.ପ୍ର.)**

ଗଜପତି ଜିଲା କାଶୀନଗର ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ମାଝୀଙ୍କୁ କାର୍ଯ୍ୟରେ ଅବହେଳା ଓ ଦୀଘଦିନ ଧରି ଅନୁପସ୍ଥିତ ଅଭିଯୋଗରେ ଗତ ଗୁରୁବାର ନିଲମ୍ବିତ କରାଯାଇଛି। ମାଝୀଙ୍କ ନାମରେ ଦୀର୍ଘଦିନ ହେବ ବିଭିନ୍ନ ଅଭିଯୋଗ ହୋଇଆସୁଥିଲା। ସେ କେତେଜଣ ଶିକ୍ଷକ ଏବଂ ଅବସରକାଳୀନ ଶିକ୍ଷକଙ୍କ ଦରମା ଓ ପେନ୍‌ସନ୍‌କୁ ନେଇ ଅର୍ଥ କାରବାର କରିଥିବା ଏବଂ ଦୀର୍ଘ ଦୁଇମାସରୁ ଉର୍ଦ୍ଧ୍ୱ ହେଲା କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବା ନେଇ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ ତଦନ୍ତ କରି ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ରିପୋର୍ଟ ଭିତ୍ତିରେ ଶିକ୍ଷା ବିଭାଗ ପକ୍ଷରୁ ମାଝିଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।



ଲକ୍ଷ୍ମଣ ମାଝୀ

# ରାତ୍ରି ଆହାର ବ୍ୟବସ୍ଥାର ଶୁଭାରମ୍ଭ



ରାତ୍ରି ଆହାର ବ୍ୟବସ୍ଥାକୁ ରାଜ୍ୟ ସଭା ସଦସ୍ୟ ଏନ. ଭାସ୍କର ରାଓ ଉଦ୍‌ଘାଟନ କରୁଛନ୍ତି।

**ରାୟଗଡା ଅଫିସ,୧୧**

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ଆହାର କେନ୍ଦ୍ରରେ ରାତ୍ର ଭୋଜନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଏନ.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ରାୟଗଡା ବିଧାୟକ ଲାଲବିହାରୀ ହିମିରିକା, ଜିଲାପାଳ ଗୁହା ପୁନମ ତାପସ କୁମାର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ଅତିଥିମାନେ ଆହାର କେନ୍ଦ୍ର ପରିଦର୍ଶନ କରିବା ସହ ଗ୍ରାହକମାନଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତାକୁ ବଜାୟ ରଖିବା ପାଇଁ କେନ୍ଦ୍ର ପରିଚାଳକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଏହି କେନ୍ଦ୍ରରେ ଦ୍ୱିପ୍ରହରରେ ୧୦୦୦ ଓ ରାତ୍ରରେ ୫୦୦ଲୋକଙ୍କୁ ଭୋଜନ ଯୋଗାଇ ଦିଆଯିବ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ ସୂଚନା ଦେଇଛନ୍ତି।


**ସମ୍ବଲପୁର୍ ରେଳମଣ୍ଡଳର୍ ଟିଟିଲାଗଡ଼ ଏବଂ ରାୟପୁର୍ ସେକ୍ସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 58217 | ଟିଟିଲାଗଡ଼ - ରାୟପୁର ପାସେଞ୍ଜର | ଟିଟିଲାଗଡ଼ | 02.01.2019 ଠାରୁ 07.01.2019 ପର୍ଯ୍ୟନ୍ତ |
| 58529 | ଦୂର୍ଗ - ବିଶାଖାପାଟଣା-ପାସେଞ୍ଜର | ଦୂର୍ଗ | |
| 58530 | ବିଶାଖାପାଟଣା - ଦୂର୍ଗ ପାସେଞ୍ଜର | ବିଶାଖାପାଟଣା | |
| 58218 | ରାୟପୁର - ଟିଟିଲାଗଡ଼ ପାସେଞ୍ଜର | ରାୟପୁର | 03.01.2019 ଠାରୁ 08.01.2019 ପର୍ଯ୍ୟନ୍ତ |

**ତା.02.01.2019 ରୁ 07.01.2019 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 58528 | ବିଶାଖାପାଟଣା-ରାୟପୁର ପାସେଞ୍ଜର | ବିଶାଖାପାଟଣା | ଟିଟିଲାଗଡ଼-ରାୟପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58527 | ରାୟପୁର-ବିଶାଖାପାଟଣା ପାସେଞ୍ଜର | ଟିଟିଲାଗଡ଼ | |



ପୂର୍ବ ତଟ ରେଳପଥ

PR-415/J/18-19



**ସୂଚନା**

**ରେଳବାଇ ଚାକିରୀ ଆଶାୟୀ ଧ୍ୟାନ ଦିଅନ୍ତୁ**

**RPF/RPSFରେ ନିଯୁକ୍ତି**

ଏମ୍ପ୍ଲୟମେଣ୍ଟ ନ୍ୟୁଜ ସଂସ୍କରଣ 22-28 ଡିସେମ୍ବର, 2018 ଅନ୍ତର୍ଗତ ଏମ୍ପ୍ଲୟମେଣ୍ଟ ଅଧିସୂଚନା ନଂ.03/2018 ରେ ଅଧିସୂଚିତ ଅନୁଯାୟୀ ରେଳ ସୁରକ୍ଷା ବଳ (RPF) ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ (RPSF)ରେ ନିଯୁକ୍ତି ନିମନ୍ତେ 798 ଗୋଟି କନେଷ୍ଟବଳ (Ancillary) ପୁରୁଷ ଏବଂ ମହିଳା ପଦବୀ ପୂରଣ କରିବା ନିମନ୍ତେ ତା.01.01.2019 ରିଖ ଠାରୁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟତା ମାନଦଣ୍ଡ, ବୟସ ସୀମା ସମ୍ବନ୍ଧୀୟ କୋହଳତା, ପରୀକ୍ଷା ଶୁଳ୍କ ପୈଠ ପ୍ରଣାଳୀ, ଦରଖାସ୍ତ ଫର୍ମ ପୂରଣ ପ୍ରକ୍ରିୟା, ଜୋନ୍‌ର ପ୍ରତ୍ୟେକ ଗ୍ରୁପରେ ଟ୍ରେଡ୍ ଏବଂ ବର୍ଗ ଭିତ୍ତିକ ଖାଲି ପଦବୀ ସଂଖ୍ୟା ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସବିଶେଷ ବିବରଣୀ ଉପର ପ୍ରଦତ୍ତ ଅଧିସୂଚନାରେ ଉଲ୍ଲେଖ କରାଯାଇଅଛି। ପରୀକ୍ଷା ନିମନ୍ତେ ଦରଖାସ୍ତ ଫର୍ମଗୁଡ଼ିକ କେବଳ 'ଅନ୍‌ଲାଇନ୍'ରେ ପୂରଣ କରାଯିବା ଆବଶ୍ୟକ। ଉପରୋକ୍ତ ନିଯୁକ୍ତି ସମ୍ବନ୍ଧରେ ପ୍ରାମାଣିକ ସୂଚନା ଏବଂ ଅନ୍ୟ ସବିଶେଷ ବିବରଣୀ ନିମନ୍ତେ ପ୍ରାର୍ଥୀମାନେ କେବଳ ରେଳବାଇର ସରକାରୀ ୱେବ୍‌ସାଇଟ୍ www.indianrailways.gov.in ଅବଲୋକନ କରିପାରିବେ କିମ୍ବା ଏମ୍ପ୍ଲୟମେଣ୍ଟ ନ୍ୟୁଜ 22-28 ଡିସେମ୍ବର, 2018 ରେ ପ୍ରକାଶିତ ଅଧିସୂଚନା ଦେଖିପାରିବେ। ଏହି ନିଯୁକ୍ତିକୁ 4 ଗୋଟି ପର୍ଯ୍ୟାୟରେ କରାଯିବ ଅର୍ଥାତ୍ (1) କମ୍ପ୍ୟୁଟର ଆଧାରିତ ପରୀକ୍ଷା (CBT), (2) ଶାରୀରିକ ଦକ୍ଷତା ପରୀକ୍ଷା (PET) ଏବଂ ଶାରୀରିକ ମାପ ପରୀକ୍ଷା (PMT), (3) ଟ୍ରେଡ୍ ପରୀକ୍ଷା (TT) ଏବଂ (4) ନଥିପତ୍ର ଯାଞ୍ଚ। ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ପୂରଣ କରିବାର ଶେଷ ତାରିଖ ତା.30.01.2019 ଅଟେ। ପରବର୍ତ୍ତୀ ସମୟରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।



ପୂର୍ବ ତଟ ରେଳପଥ

PR-416/J/18-19


# ନାଲ୍‌କୋ କ୍ଲବ ପକ୍ଷରୁ 'ସ୍ୱାଗତମ୍-୨୦୧୯'

**ଦାମନଯୋଡି,୧୧(ଡି.ଏନ୍.ଏ.)**

ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ନାଲ୍‌କୋ କ୍ଲବ ପକ୍ଷରୁ 'ସ୍ୱାଗତମ୍ ୨୦୧୯' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ନାଲ୍‌କୋ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମହାପ୍ରବନ୍ଧକ ରାଜୀବ ମିଶ୍ର, ରବିଶଙ୍କର ଦାସ, ଭୀମସେନ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ, ଭାରପ୍ରାପ୍ତ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ଯୋଶୀ, ଅରୁଣ ଦାସ, ଡିଜିଏମ୍ ନେତ୍ରାନନ୍ଦ ମହାରଣା, ସୁରକ୍ଷା ପରାମର୍ଶଦାତା ରାକେଶ ଶର୍ମା, ସିଆଇଏସ୍‌ଏଫ୍ ବରିଷ୍ଠ କମାଣ୍ଡାଣ୍ଟ ପି.କେ. ଭାରତୀ, ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା, ନାଲ୍‌କୋ ଡିଜିଏମ୍ ମହେଶ ସାହୁ, ଏଜିଏମ୍ ଶଶାଙ୍କ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଓଲିଉଡ୍ ଓ ଟେଲିଭିଜନ କଣ୍ଠଶିଳ୍ପୀ ଲିପ୍‌ସା, ରାଜେଶ, ଚୁମ୍‌କି ଓ ଜୟନ୍ତ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ସେଫା ସଲୋନୀ ଗନ୍ତାୟତ ଓ ନେହାଲ ଭିନ୍‌ଚୁର୍‌କରଙ୍କ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ବିଭିନ୍ନ ବିଭାଗରେ ମିଷ୍ଟର ଓ ମିସ୍ ସ୍ୱାଗତମ୍-୨୦୧୯ ବଛାଯାଇଥିଲା। ନାଲ୍‌କୋ କ୍ଲବ ସଂଯୋଜକ ଦେବାଶିଷ ଛୋଟରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାଲ୍‌କୋ ଇଡି ଦିଲ୍ଲୀପ ମହାନ୍ତିଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ପରେ ଲକି ଡ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଅର୍ଜୁନ ବସୁ, ସିତେନ୍ଦ୍ର ମହାରଣା, ରଶ୍ମୀ ରଞ୍ଜନ ସେଠୀ, ପଙ୍କଜ ଚୌହାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସ୍ୱାଗତମ୍-୨୦୧୯ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ନାଲ୍‌କୋ କ୍ଲବର ସଦସ୍ୟମାନେ।

## ସଂକ୍ଷେପରେ

### ‘ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ’ ଆପ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୧।୧(ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଯୋଗଦାନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ପ୍ରସ୍ତୁତ ହୋଇଥିବା ‘ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ(ଆର୍‌ବିପିଏମ୍)’ ଆପ୍ଲିକେଶନ୍‌କୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁଭାରମ୍ଭ କରିଛନ୍ତି। ଏହି ଆପ୍ଲିକେଶନ ଜରିଆରେ ଇଚ୍ଛୁକ ସଂସ୍ଥା ଆସନ୍ତା ଫେବୃୟାରୀରୁ ସେମାନଙ୍କ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଉପସ୍ଥିତି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। କାର୍ଯ୍ୟକ୍ରମ ଦିବସ ପୂର୍ବରୁ ଅର୍ଥାତ୍ ୨୫ରୁ ୬୦ ଦିନ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆବେଦନକାରୀମାନେ www.rajbhavanodisha.gov.inର ହୋମ୍ ପେଜ୍‌ରେ ଡାହାଣ ଉପର କୋଣରେ ଥିବା ‘RBPM’ର ଲିଙ୍କ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିବେ। ପରେ ବାର୍‌କୋଡ୍‌ଯୁକ୍ତ ଆବେଦନ ପତ୍ରର ‘ପ୍ରିଣ୍ଟଆଉଟ୍’ ସଂଗ୍ରହ କରି ସେଥିରେ ଦସ୍ତଖତ କରି ସଂସ୍ଥାର ଲେଟର ପ୍ୟାଡ୍‌ରେ ସାଦା ଦରଖାସ୍ତ ରାଜଭବନକୁ ପଠାଇବେ। ଏହା କାର୍ଯ୍ୟକ୍ରମ ଦିବସର ୨୦ ଦିନ ଆଗରୁ ରାଜଭବନରେ ପହଞ୍ଚିବା ଆବଶ୍ୟକ। ପରେ ତାହା ରାଜଭବନରେ ପ୍ରୋସେସିଂ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ଅଥବା ଅଗ୍ରାହ୍ୟ ନିଷ୍ପତ୍ତି ଏସ୍‌ଓପିର ସମୟସୀମା ଅନୁସାରେ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କୁ ମୋବାଇଲ୍‌ରେ ମେସେଜ୍ ଆକାରରେ ଜଣାଇ ଦିଆଯିବ। ମଙ୍ଗଳବାର ରାଜ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୁଦନ ପାଢ଼ୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୧୧ ସର୍ଜେଣ୍ଟଙ୍କ ପଦୋନ୍ନତି, ବଦଳିଲେ ୭ ଆର୍‌ଆଇ

**କଟକ ଅଫିସ, ୧।୧:** ଓଡ଼ିଶା ପୋଲିସର କାର୍ଯ୍ୟରତ ୧୧ ସର୍ଜେଣ୍ଟଙ୍କ ରିଜର୍ଭ ଇନ୍ସପେକ୍ଟର (ଆର୍‌ଆଇ) ର୍‍ୟାଙ୍କ୍‌କୁ ପଦୋନ୍ନତି ହୋଇଥିବାବେଳେ ୭ ଆରଆଇଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ସର୍ଜେଣ୍ଟମାନେ ହେଲେ ଅନିମି ବିଘ୍ନେଶ୍ୱର ରାଓ, ନୀଳମାଧବ ସ୍ୱାଇଁ, ଗଗନ କଲିୟାର ମହନ୍ତ, କବି ରଞ୍ଜନ ସେଠୀ, ଭଗବାନ ପାଣିଗ୍ରାହୀ, ଟୁନୁ ସାହୁ, ଅମରେନ୍ଦ୍ର ପାଣିଗ୍ରାହୀ, ମଳୟ ମହାନ୍ତି, ସୁଶାନ୍ତ ସାହୁ, ଲୋଲ୍ଲା ବିଜୟ ରତ୍ନମ ଓ ଦିଲୀପ ବେହେରା। ଅନ୍ୟପକ୍ଷରେ ଆର୍‌ଆଇ କିଶୋର ପ୍ରଧାନଙ୍କୁ ବଲାଙ୍ଗୀର ଓ ବିବେକାନନ୍ଦ ବାଗେଙ୍କୁ ଖୋର୍ଦ୍ଧା ହୋମ୍‌ଗାର୍ଡ ବିଭାଗକୁ ବଦଳି କରାଯାଇଥିବାବେଳେ ରଞ୍ଜିତ ବାର୍ଲାଙ୍କୁ ଅନୁଗୋଳ ପିଟିସି, ଗଙ୍ଗାଧର ଢାଙ୍ଗରଙ୍କୁ ଗଞ୍ଜାମ, ଜୋତି ରଞ୍ଜନ ନାୟକଙ୍କୁ ବରଗଡ଼, ମଧୁସୂଦନ ମହାପାତ୍ରଙ୍କୁ ସମ୍ବଲପୁର ଜିଲାକୁ ବଦଳି କରାଯାଇଛି।

### ୩ ଯୁବକଙ୍କ ଦାଦାଗିରି କାଠଫାଳିଆ ମାଡ଼ରେ ସମିତିସଭ୍ୟଙ୍କ ମୁଣ୍ଡ ଫାଟିଲା

**ରେଢ଼ାଖୋଲ,୧।୧(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଧୀନ କଦଳୀଗଡ ନିକଟ ବିଶିପାଲି ଛକରେ ମଙ୍ଗଳବାର ଅପରାହ୍ନ ୫ଟା ବେଳେ ୩ଜଣ ଯୁବକ ଆତଙ୍କ ଖେଳାଇଛନ୍ତି। ଜଣେ ଦୋକାନୀଙ୍କୁ ସିଗାରେଟ ମାଗି ତାଙ୍କ ସହ ଗଣ୍ଡଗୋଳ କରିଥିଲେ। ସେଠାରେ ଉପସ୍ଥିତ ଜଣେ ସମିତିସଭ୍ୟଙ୍କୁ ଏମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ସମ୍ପୃକ୍ତ ସମିତି ସଭ୍ୟଙ୍କ ମୁଣ୍ଡ ଫାଟି ଯାଇଛି। ଏହି ସମିତି ସଭ୍ୟ ଜଣକ ହେଲେ ଧର୍ମେନ୍ଦ୍ର କହଁର। ତାଙ୍କୁ ରେଢ଼ାଖୋଲ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ କଲମପୁର ଗାଁର ଜୟରାମ ଭୋସାଗର। ବୁର୍ଲା ଥାନା ଅଧୀନ ସଦେଇପାଲିର ମନୋଜ ନାୟକ ଏବଂ ରାଉରକେଲା ସେକ୍ଟର-୧ର ଦୁର୍ଗାପ୍ରସାଦ ପଲାଇ। ଅନ୍ୟପକ୍ଷେ ଲୋକଙ୍କ ମାଡରେ ମଧ ଅଭିଯୁକ୍ତ ଦୁର୍ଗାପ୍ରସାଦ ଆହତ ହୋଇଛନ୍ତି। ତାଙ୍କୁ ମଧ ବୁର୍ଲା ମେଡିକାଲ ପଠା ଯାଇଛି। ଘଟଣା ସମ୍ପର୍କରେ ଦୋକାନୀ ଅଜିତ ବେହେରା ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ■ ଶ୍ରୀମନ୍ଦିରରେ ନୂଆବର୍ଷ ଭିଡ଼

# ଦାରୁଦିଅଁଙ୍କୁ ଦର୍ଶନ କଲେ ୪ ଲକ୍ଷ ଭକ୍ତ

**ପୁରୀ ଅଫିସ,୧।୧**

ନୂଆବର୍ଷ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ। ବର୍ଷର ପ୍ରଥମ ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସହ ନିଜର ମନୋସ୍କାମନା ଜଣାଇବା ଲାଗି ମଙ୍ଗଳବାର ଶ୍ରୀକ୍ଷେତ୍ର ପାଲଟିଥିଲା ଭକ୍ତମୟ। ବଡ଼ଦାଣ୍ଡ ହେଉ କି ବଡ଼ଦେଉଳ ଅବା ବେଳାଭୂମି ସବୁଠି ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ସିଂହଦ୍ୱାରରେ ଲାଗିଥିଲା ଭକ୍ତଙ୍କ ଲମ୍ବା ଧାଡ଼ି। ପାଗ ଅନୁକୂଳ ଥିବାରୁ ପ୍ରାୟ ୪ ଲକ୍ଷ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ଦାରୁଦିଅଁଙ୍କୁ ଦର୍ଶନ କରି ପରିବାରର ଶୁଭ କାମନା କରିଛନ୍ତି। ନୂଆବର୍ଷ ପାଇଁ ପ୍ରସ୍ତୁତ ରହିଥିଲା ଶ୍ରୀମନ୍ଦିର ପ୍ରଶାସନ। ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୋମବାର ରାତି ୧୦ଟାରେ ଠାକୁରଙ୍କ ପହୁଡ଼ ହୋଇଥିଲା। ରାତି ୧୨ଟା ୪୫ରେ ଦ୍ୱାର ଫିଟି ଥିଲା। ରାତି ୧ଟା ୩୫ରେ ମଙ୍ଗଳ ଆଳତି ହୋଇ ମଙ୍ଗଳବାର ଭୋର ୫ଟା ୫୫ ସୁଦ୍ଧା ପହଳି ଭୋଗ ନୀତି ବଢ଼ିଥିଲା। ସକାଳ ୭ଟା ୫୦ରେ ସକାଳ ଧୂପ, ପୂର୍ବାହ୍ନ ୧୦ଟାରେ ଭୋଗମଣ୍ଡପ ସରି ମହାପ୍ରସାଦ ବାହାରିଥିଲା। ପୂର୍ବାହ୍ନ ୧୧ଟା ୨୫ରେ ମଧ୍ୟାହ୍ନ ଧୂପ ହୋଇ ଅପରାହ୍ନ ୨ଟା ୧୫ରେ ଦ୍ୱିତୀୟ ଭୋଗମଣ୍ଡପ ବଢ଼ିଥିଲା।



ଦର୍ଶନ ପାଇଁ ବାରିକେଡ୍‌ରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ସୋମବାର ରାତି ପ୍ରାୟ ୧୨ଟା ପୂର୍ବରୁ ଦର୍ଶନ ପାଇଁ ଭକ୍ତମାନେ ଆସି ଧାଡ଼ିରେ ଠିଆ ହୋଇଥିଲେ। ଭକ୍ତମାନେ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରୁଥିଲେ। ବାଇଶ ପାହାଚ, କୀର୍ତ୍ତନ ଚକଡ଼ା, ସାତପାହାଚ ଦେଇ ଭିତରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢ଼ା ବୁଲି ପଶ୍ଚିମ ଦ୍ୱାର, ଦକ୍ଷିଣ ଦ୍ୱାର ଓ ଉତ୍ତର ଦ୍ୱାର ଦେଇ ବାହାରକୁ ଆସିଥିଲେ। ପୂର୍ବାହ୍ନରେ ଭକ୍ତଙ୍କ ଭିଡ଼ ଏମିତି ହୋଇଥିଲା ଯେ, ଧାଡ଼ି ଟାଉନ ଥାନା ପାଖିପାଖି ଲମ୍ବିଥିଲା। ଅନ୍ୟପକ୍ଷରେ ନୀତି ସଅଳ ସାଙ୍ଗକୁ ଠିକ୍ ସମୟରେ ମହାପ୍ରସାଦ ବାହାରିଥିଲା। ଶାନ୍ତି ଶୃଙ୍ଖଳା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ପ୍ରାୟ ୩୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ନୂଆବର୍ଷରେ ନୀତିକାନ୍ତି ଧାର୍ଯ୍ୟ ଅନୁଯାୟୀ ହୋଇଛି। ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ସେବକମାନଙ୍କ ସହଯୋଗରେ ନୂଆବର୍ଷର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଭାବେ ଭକ୍ତ ଦର୍ଶନ କରିଛନ୍ତି। ମଝିରେ ମଝିରେ ଯେଉଁ ବିଭ୍ରାଟ ହେଉଛି ଭବିଷ୍ୟତରେ ଏହା କିପରି ପୁନରାବୃତ୍ତି ନ ହେବ ସେଥିପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଦରକାର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲୋଡ଼ା ମାଠ,**
**ବୁଢ଼ା ହୋଇଗଲେ କଡୁରୁ ଉଠ ।**

ବୟସ ଅତିକ୍ରାନ୍ତ ହୋଇଗଲେ ବ୍ୟକ୍ତି ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଫଳସ୍ୱରୂପ କାହାରି କାର୍ଯ୍ୟ ବା ଉପକାରରେ ଲାଗି ପାରୁ ନ ଥିବା ହେତୁ ଅଲୋଡ଼ା ହୋଇ ଯାଇଥାନ୍ତି। ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କୁ ପ୍ରାୟତଃ ଅଣଦେଖା କରାଯିବା ସହ ହତାଦର କରିବାକୁ କେହି ବି ପଛଘୁଞ୍ଚା ଦେଇ ନ ଥାନ୍ତି। ଜୀବନର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବା ବୃଦ୍ଧ ବ୍ୟକ୍ତି ସମାଜରେ ଅବହେଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନେକ ସନ୍ତାନ ଯାହାର**
**ପାପର ସଜା ତାହାର ।**

ସନ୍ତାନର ସଂଖ୍ୟା ଯେତେ କମ୍ ହୁଏ ତାଙ୍କ ଲାଳନପାଳନ ଭଲରେ କରିବା ସେତେ ସହଜ ହୋଇଯାଏ। ପରନ୍ତୁ ସଂଖ୍ୟା ଅଧିକ ହୋଇଗଲେ ଅର୍ଥାଭାବରୁ ତାଙ୍କ ଭରଣପୋଷଣ କରିବା ନେଇ ନାନା ସମସ୍ୟା ସୃଷ୍ଟି ହୁଏ। ବହୁ ସନ୍ତାନ ପରିବାରରେ ସୁଖର ଅନ୍ତରାୟ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

# ସରକାରୀ ଡାଏରିର ତ୍ରୁଟିକୁ ନେଇ ଭାଜପାର ସମାଲୋଚନା

## ■ ମୁଖ୍ୟମନ୍ତ୍ରୀ କ୍ଷମାପ୍ରାର୍ଥନା କରିବାକୁ ଦାବି

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ନୂଆବର୍ଷ ଆରମ୍ଭରୁ ଓଡ଼ିଆ ବରପୁତ୍ରଙ୍କୁ ଅସମ୍ମାନ ହୋଇଥିବା ଭାଜପା ଅଭିଯୋଗ କରିଛି। ଓଡ଼ିଶା ସରକାରଙ୍କ ତରଫରୁ ୨୦୧୯ ପାଇଁ ପ୍ରକାଶିତ ଡାଏରୀରେ ଭୁଲ ତଥ୍ୟ ପ୍ରଦାନ କରାଯାଇଛି। ଡାଏରୀ ଭିତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ କବିତା ପ୍ରକାଶ ପାଇଛି। ମାତ୍ର କବିତାଟି କବିବର ରାଧାନାଥ ରାୟ ଲେଖିଥିବା ସରକାରୀ ଡାଏରୀରେ ଦର୍ଶାଯାଇଛି। ଏ ସମ୍ପର୍କିତ ଖବର ଧରିତ୍ରୀରେ ମଙ୍ଗଳବାର ପ୍ରକାଶ ପାଇସାରିଛି। ସରକାରଙ୍କ ଏହି ତ୍ରୁଟି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ଡାଏରୀକୁ ପ୍ରତ୍ୟାହାର କରି ରାଜ୍ୟବାସୀଙ୍କ ଆଗରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଭାଜପା ନେତା ତଥା ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ଦାବି କରିଛନ୍ତି।

ଏହି ପ୍ରସଙ୍ଗରେ ମଙ୍ଗଳବାର ଭାଜପାର ଏକ ପ୍ରତିନିଧି ଦଳ ଆଇଜି ପାର୍କରୁ ଜୟଦେବ ଭବନ ପର୍ଯ୍ୟନ୍ତ ପଦଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଓଡିଆ ଭାଷା ବିରୋଧୀ ମନୋଭାବକୁ ଦୃଢ଼ ନିନ୍ଦା କରିଛନ୍ତି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ରାଜ୍ୟ ସରକାର ସବୁ ସମୟରେ ଅପମାନିତ କରିଚାଲିଛନ୍ତି ବୋଲି ଭାଜପା ନେତା ଓ କର୍ମୀ ଅଭିଯୋଗ କରିଛନ୍ତି। ଏନେଇ ରମାରଞ୍ଜନ କହିଛନ୍ତି, କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକ ସଭାରେ ବନ୍ଧୁ ଗୋପବନ୍ଧୁ କହି ଉତ୍କଳମଣିଙ୍କୁ ଅସମ୍ମାନ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡିଶା ଜାତି, ଭାଷା ଏବଂ ସଂସ୍କୃତିକୁ ବଳି ପକାଇଦେଉଛନ୍ତି। ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସତ୍ୟବାଦୀ ବାସିନ୍ଦାଙ୍କ ସମେତ ରାଜ୍ୟର ସମସ୍ତ ବୁଦ୍ଧିଜୀବୀ ଏଭଳି ଘଟଣାକୁ ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କ ଖାମଖିଆଲି ନୀତିକୁ ବିରୋଧ କରିଛନ୍ତି। ଓଡିଆ ଭାଷା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ମମତା ନାହିଁ। କେବଳ ଲୋକଦେଖାଣିଆ କ୍ୟାବିନେଟ ବସାଇ ଓଡ଼ିଆ ବିଶ୍ୱବିଦ୍ୟାଳୟ କଥା କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ବାସ୍ତବରେ ଓଡ଼ିଆ କବି, ସାହିତ୍ୟ, ଭାଷା, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାକୁ ରାଜ୍ୟ ସରକାର ସମ୍ମାନ ଦେବାକୁ ଚାହୁଁନାହାନ୍ତି ବୋଲି ରମାରଞ୍ଜନ କହିଛନ୍ତି।




ଭାଜପାର ପ୍ରତିନିଧି ଦଳ ଆଇଜି ପାର୍କରୁ ଜୟଦେବ ଭବନ ପର୍ଯ୍ୟନ୍ତ ପଦଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଝୁମ୍ପୁରା ଆମ୍ବ ବାଗାନରେ ହାତୀପଲ



ହାତୀପଲଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼।

**ଝୁମ୍ପୁରା/କେନ୍ଦୁଝର, ୧।୧(ଡି.ଏନ.ଏ./ସ୍ୱ.ପ୍ର.)**

■ ଭିଡ଼ ଜମାଇଥିବା ଲୋକଙ୍କୁ ପୋଲିସର ମାଡ଼

■ ଜଣେ ଗୁରୁତର, ଥାନା ଘେରାଉ

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ନିକଟ ଆମ୍ବ ବାଗାନରେ ମଙ୍ଗଳବାର ପଶିଥିବା ହାତୀପଲକୁ ଦେଖିବାକୁ ଆସିଥିବା ଲୋକମାନଙ୍କୁ ପୋଲିସ ପିଟିଛି। ଏଥିରେ ଜଣେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ରାଇକଳା ଗ୍ରାମର ବୁଲୁ ନାୟକ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ। ହାତୀ ଭୟରେ କେତେ ଜଣ ଲୋକ ଧାଇଁବା ଆରମ୍ଭ କରିଥିଲେ। ଭିଡ଼କୁ ରୋକିବା ପାଇଁ ସେଠାରେ ମୁତୟନ ହୋଇଥିବା ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ନୂତନ ବର୍ଷର ପ୍ରଥମ ଦିନରେ ଝୁମ୍ପୁରା ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ସ୍ଥାନୀୟ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପାର୍ଶ୍ୱରେ ରହିଥିବା ଆମ୍ବ ବଗିଚାରେ ୮ ହାତୀ ପ୍ରବେଶ କରିଥିଲେ। ସମୁଦାୟ ୧୧ ହାତୀ ସମ୍ପୃକ୍ତ ଜଙ୍ଗଲ ଅଞ୍ଚଳରେ ରହିଥିବା ବେଳେ ୩ ହାତୀ ଅଲଗା ହୋଇଯାଇଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ କର୍ମଚାରୀ ନାକେଦମ ହୋଇଛନ୍ତି। ଝୁମ୍ପୁରାରେ ହାତୀପଲ ପଶିବା ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ହାତୀପଲ ବଗିଚାର ଗେଟ୍ ସହ ତହସିଲ ପାଚେରି, ଆମ୍ବଗଛ ଭାଙ୍ଗି ଦେଇଛନ୍ତି। ବନ, ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କ ଉପରେ ନଜର ରଖିଛନ୍ତି। ଡାକବାଜି ଯନ୍ତ୍ର ସାହାଯ୍ୟରେ ହାତୀପଲ ନିକଟକୁ ନ ଯିବା ପାଇଁ ଲୋକଙ୍କୁ ବାରଣ କରାଯାଉଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ହାତୀପଲ ସେହି ଆମ୍ବ ବଗିଚାରେ ରହିଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ବ୍ୟବସ୍ଥା କରାଯାଇଥିବା ବାଲିବନ୍ଧ ଫରେଷ୍ଟର ବିଦ୍ୟାଧର ସାହୁ କହିଛନ୍ତି।

## ■ ଚାଷୀ ପ୍ରସଙ୍ଗ

# ୮ରେ ନବୀନ ନିବାସ ଘେରିବ ଭାଜପା

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ରାଜ୍ୟରେ କୃଷକମାନଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବା ସହ ସେମାନଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହେଉଛି। ହେଲେ ୧୯ବର୍ଷ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ସରକାର ସମାଧାନର ରାସ୍ତା କାଢ଼ିବା ବଦଳରେ ମିଛ ନାଟକବାଜିରେ ବ୍ୟସ୍ତ ରହିଛି। କେତେବେଳେ କାଳିଆ ଯୋଜନା ନାଁରେ ଭଣ୍ଡାଉଛନ୍ତି ତ କେତେବେଳେ ମଣ୍ଡି ନ ଖୋଲି ଚାଷୀମାନଙ୍କୁ ହଇରାଣ କରୁଛନ୍ତି । ଏହାର ପ୍ରତିବାଦରେ ଆସନ୍ତା ୮ତାରିଖରେ ସାରା ରାଜ୍ୟରୁ ଚାଷୀମାନେ ଭୁବନେଶ୍ୱର ଆସି ନିଜ ହକ୍ ଦାବିରେ ମେଳି କରିବା ସହ ସଚିବାଳୟ ଆଗରେ ଓ ନବୀନ ନିବାସ ଆଗରେ ବିକ୍ଷୋଭ କରିବେ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ମଙ୍ଗଳବାର ଏନେଇ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଓ କୃଷକମୋର୍ଚ୍ଚା ପ୍ରଭାରି ତଥା ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କର ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି।

ଓଡ଼ିଶାରେ ସରକାର ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାରେ କାହିଁକି ଚାଷୀମାନେ ୧୦୦୦ରୁ ୧୧୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ଏ ସମ୍ବନ୍ଧରେ ଚାଷୀମାନେ ରାଜ୍ୟ ସରକାରଙ୍କୁ ଜବାବ ମାଗୁଛନ୍ତି। ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏବଂ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଜିଲାରେ ଧାନର ସବୁଠୁ ଅଧିକ ଅଭାବୀ ବିକ୍ରି ଦେଖାଯାଉଛି। ଚାଷୀମାନଙ୍କ ସମସ୍ୟା ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସୂର୍ଯ୍ୟ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯିବ। ମୁଖ୍ୟମନ୍ତ୍ରୀ କୃଷି ଋଣ ଛାଡ଼ ସରକାରଙ୍କ ବିଚାରାଧୀନ ରହିଛି ବୋଲି ସାର୍ବଜନୀନ ବକ୍ତବ୍ୟ ଦେଇଛନ୍ତି। ତେଣୁ ସରକାର ତୁରନ୍ତ କୃଷି ଋଣ ଛାଡ଼ କରନ୍ତୁ ବୋଲି ସମୀର ଦାବି କରିଛନ୍ତି।

# ପିକନିକ୍ ବସ୍ ଦୁର୍ଘଟଣା: ୧୬ ଆହତ

## ■ ଡ୍ରାଇଭର୍, ହେଲ୍‌ପର ଫେରାର୍

**ଖଣ୍ଡପଡ଼ା/ଗଣିଆ, ୧।୧(ସ୍ୱ.ପ୍ର./ଡି.ଏନ.ଏ.)**

ପିକନିକ୍‌ରୁ ଫେରୁଥିବା ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୬ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୨ଟାରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛକୁ ବସ୍‌ଟି ଧକ୍କା ଦେବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି। ଘଟଣାରୁ ପ୍ରକାଶ, କଟକ ଜିଲା ନରସିଂହପୁର ଅଞ୍ଚଳର ଜଗନ୍ନାଥ ନାମକ ଏକ ଘରୋଇ ବସ୍ ନଂ- ଓଡି୦୫ ଏଇ ୬୧୭୬ କେତେଜଣ ଯାତ୍ରୀଙ୍କୁ ନେଇ ଛତିଶଗଡ଼ ଯାଇଥିଲା। ପର୍ଯ୍ୟଟନସ୍ଥଳ ଦର୍ଶନ କରି ଫେରୁଥିବା ସମୟରେ ଡ୍ରାଇଭରଙ୍କ ଅସାବଧାନତାବଶତଃ ବଳରାମପ୍ରସାଦ ଗ୍ରାମ ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଥୁଣ୍ଟା ଗଛକୁ ବସ୍‌ଟି ଧକ୍କା ଦେଇଥିଲା। ଫଳରେ ଯାତ୍ରୀମାନଙ୍କ ମଧ୍ୟରୁ ୧୬ ଜଣ ଆହତ ହୋଇଥିଲେ। ଖବର ପାଇ କଣ୍ଟିଲୋ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବସ୍‌ଟିକୁ ଜବତ କରି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲେ। ନିକଟସ୍ଥ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଛାଡ଼ି ଦିଆଯାଇଛି। ଆହତ ଯାତ୍ରୀମାନେ ହେଲେ ପଦ୍ମପୁରର ପାର୍ବତୀ ବେହେରା(୪୫), ଶେଷ ବେହେରା(୬୫), ପ୍ରମୋଦିନୀ ବେହେରା(୭୦), ଜଗମୋହନ ବେହେରା(୧୪), ମିନା ବେହେରା(୧୦), ବିକ୍ରମ ନାୟକ(୪୦), ବ୍ରହ୍ମା ନାୟକ(୬୫), ଭାଗିରଥୀ ବେହେରା(୩୪), ଦିଲ୍ଲୀ କୁମାର ବେହେରା(୧୨), ଅନୀଲ ବେହେରା(୧୨), ସୁଷମା ନାୟକ(୪୦), ଉଷା ବେହେରା(୫୦)ଘଣ୍ଟପଡ଼ାର ସୁନେଲୀ ବେହେରା(୭), ନନ୍ଦିନୀ ବେହେରା(୨୭), ମଧୁପୁର ଗ୍ରାମର ସୁଦାମ ବେହେରା(୫୫) ଏବଂ ବରକୋଳି ଗ୍ରାମର ନବୀନ କୁମାର ସାହୁ(୩୬)। ଏ ଘଟଣାରେ ଡ୍ରାଇଭର୍ ଓ ହେଲ୍‌ପର ଫେରାର୍ ହୋଇଯାଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ପିକନିକ୍ ବସ୍।

## ସଂକ୍ଷେପରେ

### ବିଦ୍ୟୁତ୍ ବିଭ୍ରାଟ ନେଇ ବିକ୍ଷୋଭ କରିବ ସଚେତନ ନାଗରିକ ମଞ୍ଚ

### ସାମିଲ ହେବେ ୫ ପ୍ରମୁଖ ଗଣ ସଂଗଠନ

**ବ୍ରହ୍ମପୁର ଅଫିସ୍,୧।୧:** ବ୍ରହ୍ମପୁର ସହରରେ ବଦ୍ୟୁତ୍ ବିଭ୍ରାଟ ନେଇ ବ୍ରହ୍ମପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସାଉଥ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ କରାଯିବ ବୋଲି ସୂଚନା ଦିଆଯାଇଛି । ଆସନ୍ତା ୩ରେ ସାଉଥ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିରେ କଂଗ୍ରେସ ଓ ଭାଜପା ସମେତ ବାମପନ୍ଥୀ ରାଜନୈତିକ ଦଳର ନେତୃବୃନ୍ଦ ଓ କର୍ମୀ ସାମିଲ ହେବେ ବୋଲି ସୂଚନା ମିଳିଛି। ସେହିପରି ଗଞ୍ଜାମ ଓକିଲ ସଂଘ, ମାନବ ଅଧିକାର ସୁରକ୍ଷା ମଞ୍ଚ, ଗଞ୍ଜାମ ଜିଲା ବିକାଶ ମଞ୍ଚ, ଲୋକ ଶକ୍ତି ଅଭିଯାନ, ଜନଜାଗରଣ ମଞ୍ଚ ଭଳି ବିଭିନ୍ନ ଗଣ ସଂଗଠନର ସଦସ୍ୟଙ୍କ ସହିତ ବହୁ ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜିବୀ ଉକ୍ତ ଆନ୍ଦୋଳନରେ ଯୋଗଦେବେ ବୋଲି ଜାଣିବାକୁ ମିଳିଛି । ପ୍ରକାଶଯେ, ସମ୍ପ୍ରତି ବିଭିନ୍ନ ସ୍କୁଲ କଲେଜରେ ପରୀକ୍ଷା ଋତୁ ଚାଲିଥିବା ବେଳେ ସହରରେ ଗତ ଏକ ମାସ ହେଲା ଆଘୋଷିତ ବିଦ୍ୟୁତ୍ କାଟ ଚାଲୁ ରହିଛି । ବିନା ସୂଚନାରେ ଏଭଳି ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଥିବା ବେଳେ ସହରବାସୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ।

### ଚକ୍ଷୁ ପରୀକ୍ଷା ଶିବିର



**ବ୍ରହ୍ମପୁର ଅଫିସ୍,୧।୧:** ଶିରିଡି ସାଇ ଯୁବକ ସଂଘ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁର କେନାଲସାହିରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିଏ ଅଧକ୍ଷ ସୁବାସ ମହାରଣା, ନଗର ବିଜେଡି ସଭାପତି ବିଜୟ ସାମଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ନଳିନୀକାନ୍ତ ରାଉତ, ଭାଗ୍ୟଲତା ଗୌଡ ଓ ଗିରିଜା କୁମାରୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରେ ୬୮ ଜଣଙ୍କ ଚକ୍ଷୁପରୀକ୍ଷା କରାଯାଇଥିବା ବେଳେ ୯ ଜଣଙ୍କୁ ଚଷମା ପ୍ରଦାନ ଦିଆଯାଇଥିଲା । ୧୨ ଜଣଙ୍କୁ ପରଳ ଚିକିତ୍ସା ପାଇଁ ପଠାଯାଇଥିଲା । ସଂଘ ସଭାପତି ଦୁର୍ଗା କୁମାର ନାଏକ, ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା ଓ କୋଷାଧକ୍ଷ ମିହିର ମହାନ୍ତିଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ମାତୃମିରା ପାଠଚକ୍ରର ବାର୍ଷିକ ଉତ୍ସବ ପାଳିତ

**ବେଗୁନିଆପଡ଼ା,୧।୧(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକର ଏସ ଛଚିନାସ୍ଥିତ ମାତୃମିରା ପାଠଚକ୍ରର ୨୭ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଭାତରୁ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ ସମବେତ ଧ୍ୟାନ କରାଯିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ସନ୍ତୋଷ କୁମାର ନାୟକ, ହଷ୍ଟେଲ ପରିଚାଳକ ପ୍ରଶାନ୍ତ କୁମାର ବିଷୋୟୀ ପ୍ରମୁଖ ଯୋଗଦେଇ ପାଠଚକ୍ରର ଗଠନ, ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ବିପର୍ଯ୍ୟସ୍ତ ରାସ୍ତା ପ୍ରତିବାଦରେ ଧାରଣା

ଭଞ୍ଜନଗର,୧।୧(ଡି.ଏନ.ଏ.)- ଭଞ୍ଜନଗର ବ୍ଲକ ଲଣ୍ଡେଇସାହିର କିଛି ରାସ୍ତା ଦୟନୀୟ ଅବସ୍ଥାରେ ଅଛି। ତା'ର ମରାମତି ହୋଇ ପାରୁନାହିଁ। ଏହା ପ୍ରତିବାଦରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ସାହୁ ମଙ୍ଗଳବାର ୧ଘଣ୍ଟା ପାଇଁ ରାମମନ୍ଦିର ରାସ୍ତା ଛକରେ ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ତୁରନ୍ତ ଲଣ୍ଡେଇସାହି ରାସ୍ତା ମରାମତି ପ୍ରତି ଯଦି ଧ୍ୟାନ ଦିଆ ନ ଯାଏ, ଆଗାମୀ ଦିନରେ ଅନଶନ ଚଳାଇବି ବୋଲି ସାହୁ ଏଠାରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ଲଣ୍ଡେଇସାହି ଏକ ରାସ୍ତାକୁ କେତେଜଣ ଲୋକ ଜବରଦଖଲ କରି ରଖିଥିଲେ। ଏନେଇ ସାହୁ ଆନ୍ଦୋଳନ କରିବା ପରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ସହ ତୁରନ୍ତ ମାଟିରାସ୍ତା ନିର୍ମାଣ ହୋଇଥିଲା। ପରେ ଉକ୍ତ ରାସ୍ତା ସମେତ ଆଉକିଛି ରାସ୍ତାକୁ ପକ୍କା କରିବା ଦାବିରେ ନୂଆବର୍ଷରେ ସେ ଆନ୍ଦୋଳନ କରିଥିଲେ।

# ପ୍ରକୃତିର ସମ୍ଭାର କେଲିଆ ଶୈବପୀଠ

- ନବରଙ୍ଗପୁର ଜିଲା ସଦର ମହକୁମାଠାରୁ ୪୩ କି.ମି ଦୂର
- ଶୈବପୀଠର ନିଆରା ଆକର୍ଷଣ ଚାରିପଟେ ଘେରି ରହିଥିବା ଔଷଧୀୟ ବୃକ୍ଷ
- ଶୈବପୀଠରୁ ଜଙ୍ଗଲ ରାସ୍ତାରେ ୩ କିମି ଦୂରରେ ରହିଛି ପାର୍ବତୀ ଗୁମ୍ଫା।

ଡାବୁଗାଁ, ୧।୧ (ଡି.ଏନ.ଏ.)

ଶୀତ ଋତୁ ଆସିଲେ ପର୍ଯ୍ୟଟନସ୍ଥଳୀ ଗୁଡିକ ହୋଇଯାଏ ବେଶ ଗହଳିଚହଳି । କେବଳ ଆଖପାଖର ବାସିନ୍ଦାଙ୍କୁ ନେଇ ନୁହେଁ ରାଜ୍ୟ ବାହାର ପର୍ଯ୍ୟଟକଙ୍କ ମଧ୍ୟ ବେଶ୍ ଭିଡ ପରିଲକ୍ଷିତ ହୋଇଥାଏ । ବିଶେଷ କରି ଓଡିଶାରେ ସବୁଜ ବନଲତା ପରିବେଷ୍ଟିତ ଧର୍ମାନୁଷ୍ଠାନ ଗୁଡିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। କିଏ ଭ୍ରମଣ ଉଦ୍ଦେଶ୍ୟରେ ତ କିଏ କେତେ ମାନସିକ କରି ଦର୍ଶନ ପାଇଁ ଚାଲିଆସନ୍ତି ଧର୍ମାନୁଷ୍ଠାନଗୁଡିକୁ । ଏହିପରି ଏକ ପର୍ଯ୍ୟଟନସ୍ଥଳୀ ଓ ଧର୍ମାନୁଷ୍ଠାନ ହେଉଛି ନବରଙ୍ଗପୁର ଜିଲାର କେଲିଆ ଶୈବପୀଠ । ଏବେ ଭକ୍ତମାନଙ୍କ ଭିଡ ଆରମ୍ଭ ହୋଇଗଲାଣି। ମନ୍ଦିର ଚତୁପାର୍ଶ୍ୱର ମନୋରମା ଶୋଭାରାଶି ସତେ ଯେପରି ପର୍ଯ୍ୟଟକଙ୍କୁ ସ୍ୱାଗତ କରିବାରେ ତତ୍ପର ହୋଇଉଠିଛି । ନବରଙ୍ଗପୁର ଜିଲା ସଦରମହକୁମାଠାରୁ ୪୩ କିମି ଦୂର ତଥା ଡାବୁଗାଁ ବ୍ଲକର ପୂର୍ବ ଦିଗରେ ରହିଛି କେଲିଆ ଶୈବପୀଠ । ଏଠାରେ ପୂଜା ପାଉଥିବା ଝଡେଶ୍ୱର ମହାଦେବଙ୍କ ପ୍ରସାଦ ସେବନ ଓ ପାଦୁକା ଲେପନ କଲେ କୁଷ୍ଠ ରୋଗ ଭଲ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ପ୍ରଥମେ ଚାଳ ଛାପର ଘରେ ବାବାଙ୍କ ମନ୍ଦିର ନିର୍ମାଣ ହୋଇଥିଲା । ପରେ ମନ୍ଦିର କମିଟି ଦ୍ୱାରା ଟାଇଲ ଛପର ଘର କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା । ୨୦୦୨ ମସିହାରେ ତତକାଳୀନ ବିଧାୟକ ତଥା ବର୍ତ୍ତମାନର



କେଲିଆ ଶୈବପୀଠ ।

ଡାବୁଗାଁ ବିଧାୟକ ଭୁଜବଳ ମାଝୀ , ଜିଲାପାଳ, ଗାଁ କମିଟି ଓ ମନ୍ଦିର କମିଟିର ସହଯୋଗରେ ୧୫ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୩ ମସିହାରେ ମନ୍ଦିର ନିର୍ମାଣ ଶେଷ ହୋଇ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ତେବେ ଏହି ଶୈବପୀଠର ନିଆରା ଆକର୍ଷଣ ହେଉଛି ଚାରିପଟେ ଘେରି ରହିଥିବା ଔଷଧୀୟ ବୃକ୍ଷ । ଜଙ୍ଗୀ, ହରିଡା, ବହାଡା,ଅଁଳା ଓ କରଞ୍ଜ ଗଛରୁ ଶୀତଦିନେ ଫଳ ଝଡୁ ଥିବାରୁ ପର୍ଯ୍ୟଟକମାନେ ଏହାକୁ ସଂଗ୍ରହ କରିବାରେ ଆନନ୍ଦ ଉଠାଇଥାନ୍ତି । ଏହି ପର୍ଯ୍ୟଟନସ୍ଥଳ ନିକଟରେ ରହିଛି କେଲିଆ, ବାଣୁଆଗୁଡା, କୁମୁଝରିଆଗୁଡା, ପୋଖନାଗୁଡା, ମଣିଆଗୁଡା ଆଦିବାସୀ ଗ୍ରାମ । ସେଠି ଦେଖିବାକୁ ମିଳେ ସରଳ ନିରୀହ ଜୀବନଧାରା । ଏହି ଗ୍ରାମ ଗୁଡିକରେ ବାସ କରନ୍ତି ଭତରା, ଗୌଡ, ହରିଜନ, କୁମ୍ଭାର, ପରଜା, ଶୁଣ୍ଢୀ ଓ କନ୍ଧ ଭଳି ଆଦିବାସୀ ସମ୍ପ୍ରଦାୟର ଲୋକମାନେ ।



ୱାଚ ଟାୱାର ।

ପର୍ଯ୍ୟଟନସ୍ଥଳୀର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଏଠାକୁ ଓଡିଶା ସମେତ ପଡୋଶୀ ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ପର୍ଯ୍ୟଟକଙ୍କ ସୁଅ ଛୁଟେ। ଭ୍ରମଣ ସହିତ ଜଙ୍ଗଲ ମଧ୍ୟରେ ବଣଭୋଜି କରିବାର ମଜା ମଧ୍ୟ ନିଆରା । ପାନୀୟଜଳର ବ୍ୟବସ୍ଥା ପାଇଁ ଏଠାରେ ରହିଛି ୨ଟି ନଳକୂପ । ଏଠାରୁ ଜଙ୍ଗଲ ରାସ୍ତାରେ ୩ କିମି ଦୂରରେ ରହିଛି ଅନ୍ୟତମ ଆକର୍ଷଣ ପାର୍ବତୀ ଗୁମ୍ଫା । ଯାହାର ରହସ୍ୟ ହିଁ ପର୍ଯ୍ୟଟକଙ୍କୁ ଟାଣି ଆଣିବାକୁ ସକ୍ଷମ ହୁଏ । ଏହି ଗୁମ୍ଫା କେଉଁଠି ସମାପ୍ତ ହୋଇଛି ତାହା ଆଦ୍ୟାବଧି ଜଣାପଡିନାହିଁ। ଗୁମ୍ଫା ଭିତରେ ଥିବା ଧବଳ ରଙ୍ଗର ଶିବ ଲିଙ୍ଗର ଦର୍ଶନ ସାଙ୍ଗକୁ ନିକଟରେ ବାହିଯଉଥିବା ଝରଣାର କୁଳୁ କୁଳୁ ଶବ୍ଦ ପର୍ଯ୍ୟଟକଙ୍କୁ ବିଭୋର କରେ। ଏହାଛଡା ଜଙ୍ଗଲ ମଧ୍ୟରୁ ଭାସିଆସୁଥିବା କୁଟୁରା, ଠେକୁଆ ଆଦି ବନ୍ୟଜନ୍ତୁଙ୍କ ଶବ୍ଦ ପର୍ଯ୍ୟଟକଙ୍କ ମଧ୍ୟରେ ରୋମାଞ୍ଚ ସୃଷ୍ଟି କରେ। ପରିତାପର ବିଷୟ ଅଦ୍ୟାବଧିଏହି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ବିକାଶ ହୋଇପାରିନାହିଁ । କେଲିଆ ଶୈବପୀଠ ଠାରୁ ପାର୍ବତୀଗୁମ୍ଫାକୁ ସଂଯୋଗ କରୁଥିବା ପାଦଚଲା ପାହାଡିଆ ରାସ୍ତାର ଉନ୍ନତିକରଣ ପାଇଁ ପ୍ରସ୍ତାବ ଦିଆଯାଇଛି ମାତ୍ର କାର୍ଯ୍ୟକାରୀ ହୋଇ ନ ଥିବାରୁ ପର୍ଯ୍ୟଟକମାନେ ବିପଦ ସଙ୍କୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି । ଏଠାରେ ରହିବା ପାଇଁ ସୁବିଧା ନ ଥିବାରୁ ପର୍ଯ୍ୟଟକମାନେ ନବରଙ୍ଗପୁର ଜିଲା ସଦର ମହକୁମା ଠାରେ ଥିବା ଏହାର ବିକାଶ ପାଇଁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇନାହିଁ। ଏଥିପ୍ରତି ଦୃଷ୍ଟି ଦିଆଗଲେ ରାଜ୍ୟର ରାଜସ୍ୱ ବୃଦ୍ଧି ସାଙ୍ଗକୁ ଆଦିବାସୀ ସଂସ୍କୃତି ଲୋକଲୋଚନାକୁ ଆସିପାରନ୍ତା। ୨/୩ ବର୍ଷ ହେଲା ଏହି କେଲିଆ ଶୈବପୀଠ କୁ ପର୍ଯ୍ୟଟନ ବିଭାଗ ନିଜ ହାତକୁ ନେଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ଉନ୍ନତି ହୋଇନାହିଁ।

### ବସ୍-ବାଇକ୍ ମୁହାଁମୁହିଁ, ୨ ଆହତ

ଛତ୍ରପୁର,୧।୧(ଡି.ଏନ୍.ଏ.)– ଛତ୍ରପୁର ବାଇପାସ ଗ୍ରୀଡ଼ ଛକ ନିକଟ ଜାତୀୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ସିଟି ବସ୍ ଓ ବାଇକ୍ ମୁହାଁମୁହି ଧକ୍କାରେ ୨ ବାଇକ ଆରୋହି ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ଗାଁର ଏସ୍ ଶିବା, ଏସ୍ ଦାଶରଥି। ଆହତଙ୍କୁ ଚିକିତ୍ସା ଲାଗି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଭାଜପା ପୋଷ୍ଟର ଚିରାକୁ ବିରୋଧ

### ବିଧାୟିକାଙ୍କ କୁଶପୁତ୍ତଳିକାକୁ ଅଣ୍ଡାମାଡ

ପାତ୍ରପୁର,୧।୧(ଡି.ଏନ୍.ଏ.)

ଚିକିଟି ବ୍ଲକର ବିଭିନ୍ନ ଗ୍ରାମ ଓ ପାତ୍ରପୁର ବ୍ଲକର କେତେକ ଗ୍ରାମରେ ନୂଆବର୍ଷ ପାଇଁ ଭାଜପା ଓ ମନୁ ସେନା ପକ୍ଷରୁ ପୋଷ୍ଟର ଲଗାଯାଇଥିଲା। ସୋମବାର ରାତିରେ କେହି ଦୁର୍ବୃତ୍ତ ପୋଷ୍ଟରଗୁଡିକୁ ଚିରିଦେବା ସହ ନିଆଁ ଲଗାଇ ଦେଇଥିଲେ। ମଙ୍ଗଳବାର ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ବିଜେଡି କର୍ମୀମାନେ ଏପରି କରିଥିବା ଅଭିଯୋଗ କରି ତଳ ବସଷ୍ଟାଣ୍ଡଠାରେ ଭାଜପା ଓ ମନୁ ସେନା ପକ୍ଷରୁ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷାଦେବୀଙ୍କ କୁଶପୁତ୍ତଳିକାରେ ଅଣ୍ଡା ଓ ଟମାଟୋ ମାଡ କରାଯାଇଥିଲା।

# ହୋଟେଲ ଉପରେ ଚଢ଼ାଉ

- ପରିମଳ ଅବ୍ୟବସ୍ଥା
- ୧୦ ହଜାର ଟଙ୍କା ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୧।୧

ବ୍ରହ୍ମପୁର ମହାନଗରରେ ପରିମଳ ବ୍ୟବସ୍ଥାକୁ ସୁଧାରିବା ଦିଗରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ ହୋଇଛି । ଏବେ ହୋଟେଲ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ ହୋଇଛି । ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଚାନକ ପୁରୁଣାବସ୍‌ଷ୍ଟାଣ୍ଡସ୍ଥିତ ହେଟେଲ ନନ୍ଦନ ଇଣ୍ଟରନ୍ୟାଶନାଲରେ ପହଞ୍ଚି ଚଢାଉ କରିଥିଲେ। ରୋଷେଇ ଘରେ ଅସ୍ୱଚ୍ଛ ପରିବେଶ, ଆବର୍ଜନା ନିଷ୍କାସନରେ ଅବ୍ୟବସ୍ଥା ପାଇଁ ହୋଟେଲ ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି । ଆଗାମୀ ୭ ଦିନ ମଧ୍ୟରେ ବ୍ୟବସ୍ଥାରେ ସୁଧାର ନ ଆଣିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମଧ୍ୟ ଜିଲାପାଳ ତାଗିଦ୍ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହାପୂର୍ବରୁ ବ୍ରହ୍ମପୁର ମହାନଗର ନିଗମରେ ଜିଲାପାଳ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ସହର ପରିମଳ ବ୍ୟବସ୍ଥା ଓ ଆବର୍ଜନା ନିଷ୍କାସନ ପାଇଁ ନିଗମ ପକ୍ଷରୁ ଆରମ୍ଭ ହୋଇଥିବା ଡୋର ଟୁ ଡୋର କଲେକ୍ସନ ଡଷ୍ଟବିନ ବ୍ୟବହାର ଦିଗରେ ସହରବାସୀ ଅଧିକ ସଚେନତ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରାସ୍ତା ତଥା ଡ୍ରେନରେ ଆବର୍ଜନା ପକାଉଥିବା ଦୋକାନୀ ତଥା ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସେ ଆଲୋଚନା କରିଥିଲେ । ଆବର୍ଜନାର ୟୁଜର୍ସଫି ସଂଗ୍ରହ ସମେତ ଓଡିଆରପି, ରାମଲିଙ୍ଗମ ଟ୍ୟାଙ୍କର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମେତ ବିଭିନ୍ନ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଏହି ସମୟରେ ଡେପୁଟି କମିଶନର ସୌରିନ୍ଦ୍ର ରାଉତରାୟ, ସହକାରୀ ସ୍ୱାସ୍ଥ୍ୟ ରଞ୍ଜିତ ପାତ୍ର, ବସ୍ତି ଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।

## ୪ରୁ ରାଜ୍ୟସ୍ତରୀୟ ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ଭଞ୍ଜନଗର,୧।୧(ଡି.ଏନ.ଏ.)

ଭଞ୍ଜନଗର ଅଫିସର କ୍ଲବ ପରିସରରେ ଶୁକ୍ରବାର ଠାରୁ ରାଜ୍ୟସ୍ତରୀୟ ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହେଉଛି। ରବିବାର ଫାଇନାଲ ମ୍ୟାଚ୍ ହେବ। ଘୁମୁସର ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଏଥିରେ ରାଜ୍ୟର ପ୍ରମୁଖ ଖେଳାଳିଙ୍କ ସମେତ ରାଜ୍ୟ ବାହାରର ଖେଳାଳି ଭାଗ ନେବାକୁ ସହମତି ଦେଇଥିବା ଜଣାପଡିଛି। ଏନେଇ ରବିବାର କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଟୁର୍ନାମେଣ୍ଟ କିଭଳି ସଫଳତାର ସହ ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ସଭାପତି ରବିନାରାୟଣ ରାଉତରାୟ, ସମ୍ପାଦକ ମାନସ ରାଉଳ, ସଭ୍ୟ ଟୁନା ଦୋରା, ଈଶ୍ୱର ଆଚାରୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆସୋସିଏଶନ ପକ୍ଷରୁ ଚତୁର୍ଥଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଚାମ୍ପିୟନ ଯୋଡିଙ୍କୁ ଟ୍ରଫି ସହ ୧୫ହଜାର ୧ଟଙ୍କା ଓ ରନର୍ସଅପ୍ ଯୋଡିଙ୍କୁ ଟ୍ରଫି ସହ ୧୦ହଜାର ୧ ଟଙ୍କାର ପୁରସ୍କାର ଦେବାର ବ୍ୟବସ୍ଥା ହୋଇଛି। ଏଥିସହ ତୃତୀୟ ପୁରସ୍କାର ୭ହଜାର ୧ଟଙ୍କା ଓ ଚତୁର୍ଥ ପୁରସ୍କାର ୫ହଜାର ୧ଟଙ୍କା ପ୍ରଦାନ କରାଯିବ।

### ଜିଲାପାଳଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ବ୍ୟବସ୍ଥା

ଛତ୍ରପୁର,୧।୧(ଡି.ଏନ.ଏ)

ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାରଠାରୁ ବାୟୋମେଟ୍ରିକ୍ ବ୍ୟବସ୍ଥା ଆରମ୍ଭ ହୋଇଛି । ଏହାଦ୍ୱାରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଆସିବା, ଯିବା ସମୟ ଲିପିବଦ୍ଧ ହୋଇପାରୁଛି । ପୂର୍ବରୁ ବିଭିନ୍ନ ସମୟରେ ବାରମ୍ବାର ଏହି କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀଙ୍କ ଉପସ୍ଥାନ ପାଇଁ ନୂଆବର୍ଷର ପ୍ରଥମ ଦିନରୁ ବାୟୋମେଟ୍ରିକ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସହ ଅତିରିକ୍ତ ଜିଲାପାଳ (ସାଧାରଣ ଓ ରାଜସ୍ୱ), ଭୂ-ଅର୍ଜନ , ରାଜସ୍ୱ ବିଭାଗ, ଏନଆଇସି, ଏଷ୍ଟାବ୍ଲିସମେଣ୍ଟ, ଜରୁରିକାଳୀନ ଆଦି ବିଭାଗର କର୍ମଚାରୀଙ୍କ ପାଇଁ ଏହି ବାୟୋମେଟ୍ରିକ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ପୂର୍ବରୁ ଡିଆରଡିଏ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ ହୋଇସାରିଛି ।

## ଗୁଳିମାଡ଼ କରି ସରପଞ୍ଚଙ୍କ ଭାଇଙ୍କୁ ହତ୍ୟା

# ୨୪ ଘଣ୍ଟା ପରେ ବି ମିଳିନି ସୁରାକ

ଆସିକା,୧।୧ (ଡି.ଏନ୍.ଏ):

ଆସିକା କଲେଜ ଛକ ନିକଟରେ ସୋମବାର ରାତି ପ୍ରାୟ ୧୧ଟାରେ କୋଟିନଡା ଫାଣ୍ଡି ଅନ୍ତର୍ଗତ ଘଟକୁରି ଗ୍ରାମର ସଦାନନ୍ଦ ଲେଙ୍କା ଓରଫ ବାହାନଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି ରହିଛି । ମଙ୍ଗଳବାର ବ୍ରହ୍ମପୁର ବଡ ମେଡିକାଲରେ ବାହାନଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ସତ୍କାର କରାଯାଇଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡ ନେଇ ମୃତ ବାହାନଙ୍କ ସାନଭାଇ ତଥା ଆସିକା ବ୍ଲକ ଖାରିଆ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଅରବିନ୍ଦ ଲେଙ୍କାଙ୍କ ଅଭିଯୋଗକ୍ରମେ ଆସିକା ଥାନାରେ ହତ୍ୟା ମାମଲା (ନଂ.୧/୧୯) ରୁଜୁ କରାଯାଇଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିନି। ତଥାପି ପୂର୍ବ ଶତ୍ରୁତାରୁ ବାହାନଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ପୋଲିସ ଅନୁମାନ କରୁଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବାହାନ ସୋମବାର ରାତି ପ୍ରାୟ ୧୧ଟାରେ ତାଙ୍କର ସହଯୋଗୀ ରଞ୍ଜିତ ସ୍ୱାଇଁଙ୍କ ସହ ବାଇକରେ ଆସିକାରୁ କଲେଜଛକସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଅନ୍ୟ ଏକ ବାଇକରେ ୩ ଦୁର୍ବୃତ୍ତ ସେମାନଙ୍କ ପିଛା କରିଥିଲେ। ସେମାନେ ଅତି ନିକଟରୁ ଗୁଳିମାଡ଼ କରିବାରୁ ବାହାନ ବାଇକରୁ ଖସି ପଡିଥିଲେ। ଦୁର୍ବୃତ୍ତମାନେ ରଞ୍ଜିତଙ୍କୁ ବାଇକ୍ ରଖି ତୁରନ୍ତ ଚାଲିଯିବାକୁ ଧମକ ଦେଇଥିଲେ। ରଞ୍ଜିତ ଯିବା ପରେ ସେମାନେ ପୁଣି ବାହାନଙ୍କ ଉପରକୁ ଏକ ରାଉଣ୍ଡ ଗୁଳି ଚଳାଇବା ସହ ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ହାଣି ପକାଇଥିଲେ । ଗୁରୁତର ଅବସ୍ଥାରେ ବାହାନଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ଆସିକା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ମଙ୍ଗଳବାର ରିପୋର୍ଟ ଲେଖାଯିବା ସୁଦ୍ଧା ପୋଲିସକୁ କୌଣସି ସୁରାକ ମିଳି ନ ଥିବା ଜଣାପଡିଛି। ବାହାନଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ରଶାସନ ଦୃଷ୍ଟି ଆଢୁଆଳରେ ଏଙ୍ଗାରସିଂ ଗାଁ

# ଏଯାଏ ବାତ୍ୟା ବିପନ୍ନ ସଳଖି ପାରିନାହାନ୍ତି ଅଣ୍ଟା

ପାରଳାଖେମୁଣ୍ଡି, ୧।୧(ସ୍ୱ.ପ୍ର.)

ଗଜପତି ଜିଲା ରାୟଗଡ ବ୍ଲକର ପାହାଡ ଓ ଜଙ୍ଗଲଘେରା ଆଦିବାସୀ ଅଧ୍ୟୁଷିତ ଏଙ୍ଗାରସିଂ ଗ୍ରାମ ଏବେ ବି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ଫଳରେ ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ ଆଦି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ନାନା ସମସ୍ୟା ଭିତରେ ସେମାନେ ଦିନ କାଟୁଛନ୍ତି। ବୋଝ ଉପରେ ନଳିତା ବିଡା ଭଳି ତିତ୍‌ଲି ବାତ୍ୟା ସେମାନଙ୍କ ଘରଦ୍ୱାର ଓ ଫସଲ ଉଜାଡ଼ି ସମସ୍ୟାକୁ ଦ୍ୱିଗୁଣିତ କରିଛି। ବାତ୍ୟାରେ ଭାଙ୍ଗିଯାଇଥିବା ସମସ୍ତ ଘର ଏପର୍ଯ୍ୟନ୍ତ ମରାମତି କି ନିର୍ମାଣ ସରିନାହିଁ। ସେହିପରି ବାତ୍ୟାର ଅଢେଇ ମାସ ପରେ ବି ବିପନ୍ନମାନେ ନିଜ ଅଣ୍ଟା ସଳଖି ପାରିନାହାନ୍ତି। କେତେଜଣ ନିଜସ୍ୱ ଉଦ୍ୟମରେ ଝାଟିମାଟିର କୁଡ଼ିଆ ଗଢିବାକୁ ଚେଷ୍ଟା କରୁଛନ୍ତି ତ ଆଉ କେତେଜଣ ସମ୍ବଳ ଅଭାବରୁ ଭାଗ୍ୟକୁ ଆଦରି ସରକାରୀ ସହାୟତାକୁ ଚାହିଁ ବସିଛନ୍ତି।



ବାତ୍ୟାରେ ଭାଙ୍ଗିଯାଇଥିବା ଘର ନିର୍ମାଣ ପାଇଁ ପ୍ରସ୍ତୁତି କରୁଛନ୍ତି ଲୋକେ।

ଏଙ୍ଗାରସିଂ ଗ୍ରାମ ଏବେ ପଞ୍ଚାୟତ ସଦର ମହକୁମା ହୋଇଥିବାବେଳେ ଏକ ବର୍ଷ ପୂର୍ବେ ଏହା ଲୋବା ପଞ୍ଚାୟତ ଅଧୀନରେ ଥିଲା। ଏଙ୍ଗାରସିଂ-୧, ଏଙ୍ଗାରସିଂ-୨, ଗେରଡା ସାହି ଓ ଗୁଡିସାହିକୁ ନେଇ ଏଙ୍ଗାରସିଂ ଗାଁ ଗଠିତ। ପ୍ରାୟ ୧୨ଶହ ଲୋକ ଏଠାରେ ବାସ କରନ୍ତି। ତିତ୍‌ଲି ବାତ୍ୟାରେ ପାହାଡ ଧସି ହୋଇ ପାଣି ପଶିବା ଫଳରେ ଗ୍ରାମବାସୀ କରିଥିବା ମାଣ୍ଡିଆ, କାନ୍ଦୁଲ, ଅଦା, କାଙ୍ଗୁ, ଆଦି ଫସଲ ସହ ଆମ୍ବ, ପଣସ, ତେନ୍ତୁଳି, ମହୁଲ ଚାଷ ନଷ୍ଟ ହୋଇଯାଇଥିଲା। ବାତ୍ୟାରେ ଗାଈ, ଛେଳି, ମେଣ୍ଢା, କୁକୁଡା ଆଦି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଥିଲା। ୭୦ଘର ଭାଙ୍ଗିଯାଇଥିବାରୁ ବିପନ୍ନମାନେ ଶୀତ କାକରରେ ରହିବାକୁ ବାଧ୍ୟ ହେଉଛନ୍ତି। ଘର ତୋଳିବାକୁ ସମ୍ବଳ ଅଭାବ। ସରକାରୀ ସହାୟତା ଭାବେ କେବଳ ୫୦ କେଜି ଚାଉଳ, ୧ହଜାର ଟଙ୍କା ଓ ଗୋଟିଏ ଜରି ପାଲ ବ୍ୟତୀତ ଆଉ କିଛି ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଘରଭଙ୍ଗା ସହାୟତା ରାଶି ମଧ୍ୟ ମିଳିନଥିବା ସେମାନେ କହିଛନ୍ତି। ଏ ନେଇ ବ୍ଲକ ଓ ଜିଲା ପ୍ରଶାସନକୁ ଗୁହାରୀ ଜଣାଇ ନିରାଶ ହେବାକୁ ପଡିଛି। ସେହିଭଳି ଶିକ୍ଷା କ୍ଷେତ୍ରରେ ମଧ୍ୟ ଏଠାରେ ବ୍ୟାପକ ଅବ୍ୟବସ୍ଥା। ଏଠାରେ ଏକ ସ୍କୁଲ ଅଛି, କିନ୍ତୁ ନିୟମିତ ଭାବେ ଶିକ୍ଷକ ଆସୁନାହାନ୍ତି। ରାସ୍ତା ସୁବିଧା ନ ଥିବାରୁ ସ୍ୱାସ୍ଥ୍ୟସେବା ଅପହଞ୍ଚ। ଏଙ୍ଗାରସିଂ ଗ୍ରାମକୁ ଆସିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପିଚୁ ରାସ୍ତାଟିଏ ଥିଲେ ବି ପ୍ରାୟ ୧୨ଶହ ଫୁଟ ଉଚ୍ଚରେ ଗାଁ ଟି ଥିବାରୁ ଏବଂ ସମ୍ପୂର୍ଣ୍ଣ ଘାଟି ରାସ୍ତା ହୋଇଥିବାରୁ ଏଠାକୁ ସ୍ୱାସ୍ଥ୍ୟକର୍ମୀ ପ୍ରାୟତଃ ଆସନ୍ତି ନାହିଁ। ରୋଗୀଙ୍କୁ ବାଧ୍ୟ ହୋଇ ୩୫କିଲୋମିଟର ଦୂର ରାୟଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡେ। ଗ୍ରାମରେ ୩ଟି ନଳକୂପ ଓ ୩ଟି ପଥର କୂଅ ରହିଛି। ନିକଟସ୍ଥ ଖଣ୍ଡମଲ୍ଲ ଝରଣାରୁ ପାଇପ ଯୋଗେ ଗାଁକୁ ପାଣି ବ୍ୟବସ୍ଥା କରାଯାଇଛି। କିନ୍ତୁ ତାହା କେବଳ ବର୍ଷାଦିନେ କାର୍ଯ୍ୟକ୍ଷମ ହୋଇଥାଏ। ଖରାଦିନେ ଗ୍ରାମବାସୀ ପାନୀୟଜଳ ସଂଗ୍ରହ କରିବାକୁ ୨କିମି ଦୂର ଉକ୍ତ ଝରଣାକୁ ଯାଇଥାନ୍ତି। ଗାଁରେ ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟି ରହିଛି। କିନ୍ତୁ ବିଦ୍ୟୁତ ବିଭ୍ରାଟ ଦେଖାଦେଉଥିବାରୁ ଲୋକଙ୍କୁ ମାସର ଅଧିକାଂଶ ଦିନ ଅନ୍ଧାରରେ ବିତାଇବାକୁ ପଡେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୀର୍ଘଦିନ ହେଲା ଏମାନଙ୍କୁ କାମ କି ଜଙ୍ଗଲ ଜମିପଟ୍ଟା ମିଳିନାହିଁ। ଅନେକଙ୍କୁ ଭୋଟର କାର୍ଡ ଓ ଆଧାର କାର୍ଡ ଦିଆଯାଇନାହିଁ। ବିଭିନ୍ନ ସରକାରୀ ସୁବିଧା ପାଇଁ ପଡୋଶୀ ଲୋବା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ପାହାଡ଼ିଆ ରାସ୍ତା ଦେଇ କଷ୍ଟେମଷ୍ଟେ ଲୋବା ପଞ୍ଚାୟତକୁ ଯାଉଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ସମସ୍ତ ମୌଳିକ ସୁବିଧା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଏକ ଘର ବାରଣ୍ଡାରେ ଲୋକେ ବସିଛନ୍ତି ।

### ସର୍ବଭାରତୀୟ ନାଟକ, ନୃତ୍ୟ ପ୍ରତିଯୋଗିତା ଗଞ୍ଜାମ କଳାକାର ଜିତିଲେ ୭ ପୁରସ୍କାର

ପାତ୍ରପୁର,୧।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାହାସପୁରସ୍ଥିତ ମା' ଦୁର୍ଗା ଶିକ୍ଷା ଓ ସାଂସ୍କୃତିକ ସଂଘ ତରଫରୁ ଉତ୍ତରପ୍ରଦେଶର ଆଜମ୍‌ଗଡ଼ଠାରେ ଅନୁଷ୍ଠିତ ସର୍ବଭାରତୀୟ ନାଟକ ଓ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୩୦ ଜଣିଆ କଳାକାର ଦଳକୁ ବିଭିନ୍ନ ବିଭାଗରେ ୭ ପୁରସ୍କାର ମିଳିଛି । ଅରୁଣ ସାହୁଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପ୍ରଥମ ପୁରସ୍କାର ମିଳିଥିବା ବେଳେ ନାଟ୍ୟ ନିର୍ଦ୍ଦେଶକ ରାଜଗୋପାଳ ପାଢ଼ୀଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଓ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର, ରଂଗ୍‌ଜୁଲୁସ୍ ଓ କ୍ୟାମ୍ପ ଫାୟାର୍‌ରେ ପ୍ରଥମ ପୁରସ୍କାର, ତୃତୀୟ ଶ୍ରେଷ୍ଠ ନାଟକ ଏବଂ ଦଳଗତ ନୃତ୍ୟରେ ପ୍ରଥମ ପୁରସ୍କାର ମିଳିଛି। ସୁବାସ ମହାରଣାଙ୍କ ରଚିତ ରାଜଗୋପାଳ ପାଢ଼ୀଙ୍କ ନିର୍ଦ୍ଦେଶନାରେ ଅନ୍ଧନାୟକ ମଞ୍ଚସ୍ଥ ହୋଇଥିବା ବେଳେ ପ୍ରଦୀପ କୁମାର ରଥ ଏବଂ ତାଙ୍କ ଦଳ ଏକକ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଗତବର୍ଷ ଗଞ୍ଜାମ ଜିଲାର ଏହି କଳାକାରମାନେ ୭ଟି ପୁରସ୍କାର ପାଇଥିଲେ।

ଧରିତ୍ରୀ
DHARITRI
ବୁଧବାର, ୨ ଜାନୁୟାରୀ, ୨୦୧୯



ତ୍ୟାଗ ଓ ଧୈର୍ଯ୍ୟରେ ହିଁ ବୀରତ୍ୱ ପ୍ରଦର୍ଶିତ ହୋଇଥାଏ। ମା'ମାନଙ୍କଠାରୁ ଆମେ ଏହା ଶିଖିବା ଆବଶ୍ୟକ।

-ଫ୍ରାନ୍ସିସ୍ ପୋପ୍



## ସଂକ୍ଷେପରେ

### ଚଢ଼ିଗଲା ଟ୍ରକ୍, ୭ ମୃତ

**ଚାନ୍ଦୌଲି/ୟୁପି, ୧।୧(ପି.ଟି.):** ନୂଆବର୍ଷରେ ଉତ୍ତରପ୍ରଦେଶର ଚାନ୍ଦୌଲି ଜିଲା ମାଲ୍‌ଦା ଗ୍ରାମରେ ମଙ୍ଗଳବାର ଦୁଃଖଦ ଘଟଣା ଘଟିଛି। ସକାଳ ସାଢ଼େ ୫ଟା ସମୟରେ ଏକ ଗୋରୁ ବୋଝେଇ ଟ୍ରକ୍ ଗ୍ରାମର ଏକ ଅସ୍ଥାୟୀ ଘର ଉପରକୁ ମାଡ଼ିଯିବାରୁ ଏଥିରେ ୪ ନାବାଳକଙ୍କ ସମେତ ୭ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଏସ୍‌ପି ମାଲ୍‌ଦା ଥାନା ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି।

### ଭୂସ୍ଖଳନରେ ୯ ମୃତ

**ଜାକର୍ତ୍ତା, ୧।୧(ପି.ଟି.):** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଭୂସ୍ଖଳନରେ ୩୦ରୁ ଊର୍ଦ୍ଧ୍ୱ ଘର ପୋତି ହୋଇଯାଇଛି। ଏଥିରେ ୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୪ ନିଖୋଜ ଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ପ୍ରବକ୍ତା ସୁତୋପୋ ନୁଗ୍ରୋହୋ ସୂଚିତ କରିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ଆଶଙ୍କା ରହିଥିବା ସେ କହିଛନ୍ତି।

### ପାକିସ୍ତାନ ଜେଲରେ ୫୩୭ ଭାରତୀୟ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ୍, ୧।୧(ପି.ଟି.):** ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ଅନ୍ତର୍ଗତ ଉଭୟ ଦେଶରେ ରହିଥିବା ଆଣବିକ ପ୍ରତିଷ୍ଠାନ ଓ ଜେଲ୍‌ରେ ବନ୍ଦୀ ଥିବା ମତ୍ସ୍ୟଜୀବୀ ଓ ନାଗରିକମାନଙ୍କ ସୂଚନା ଆଦାନପ୍ରଦାନ ହୋଇଛି। ଏପରି ସ୍ଥଳେ ଭାରତରେ ୨୪୯ ପାକିସ୍ତାନୀ ନାଗରିକ ଓ ୯୮ ମତ୍ସ୍ୟଜୀବୀ ବନ୍ଦୀ ଥିବା ନେଇ ତାଲିକା ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ତରଫରୁ ପାକିସ୍ତାନକୁ ଦିଆଯାଇଛି। ଅପରପକ୍ଷେ, ପାକିସ୍ତାନ ପକ୍ଷରୁ ୪୮୩ ଭାରତୀୟ ମତ୍ସ୍ୟଜୀବୀଙ୍କ ସହ ୫୩ ନାଗରିକ ତାଙ୍କ ଦେଶରେ ବନ୍ଦୀ ଥିବା ରିପୋର୍ଟ ପ୍ରଦାନ କରାଯାଇଛି। ୧୯୮୮ ଡିସେମ୍ବର ୩୧ ତାରିଖରେ ଆଣବିକ ପ୍ରତିଷ୍ଠାନର ସୁରକ୍ଷା ଓ ତତ୍‌ସମ୍ବନ୍ଧୀୟ ସୂଚନା ସମ୍ପର୍କିତ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୧୯୯୧ ଜାନୁୟାରୀ ୨୭ ତାରିଖରୁ ଏହି ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ୧୯୯୨ ଜାନୁୟାରୀ ୧ ତାରିଖରେ ପ୍ରଥମେ ଆଣବିକ କେନ୍ଦ୍ର ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ ହୋଇଥିଲା। ମଙ୍ଗଳବାର ୨୮ ବର୍ଷରେ ଉଭୟ ଦେଶ ମଧ୍ୟରେ ଏହି ସୂଚନା ଆଦାନପ୍ରଦାନ ହୋଇଛି।

### ଆଲ୍ଲାହାବାଦ୍ ହେବ ପ୍ରୟାଗରାଜ




**ନୂଆଦିଲ୍ଲୀ, ୧।୧(ପି.ଟି.):** ଉତ୍ତରପ୍ରଦେଶର ଆଲ୍ଲାହାବାଦ୍‌ରେ ପ୍ରସିଦ୍ଧ କୁମ୍ଭମେଳାକୁ ଆଉ ୧୫ ଦିନ ବାକି ଥିବାବେଳେ ଏହି ଐତିହାସିକ ସହରର ନାମ ପ୍ରୟାଗରାଜକୁ ପରିବର୍ତ୍ତନ କରାଯିବା ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ୨ ମାସ ତଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର ଆଲ୍ଲାହାବାଦ୍‌ର ନାମ ପ୍ରୟାଗରାଜ ନାମିତ କରିବାକୁ ନିଷ୍ପତ୍ତି କରିଥିଲାବେଳେ ଏ ସମ୍ପର୍କିତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଇଥିଲେ।

# ନୂଆବର୍ଷରେ ଆତଙ୍କ

*ନୂଆବର୍ଷର ଅବ୍ୟବହିତ ପୂର୍ବରୁ ଓ ପରେ ବିଶ୍ୱର ତିନୋଟି ରାଷ୍ଟ୍ରରେ ଆତଙ୍କବାଦୀ ଆକ୍ରମଣ। ଆଫଗାନିସ୍ତାନରେ ତାଲିବାନର ଗୁଳିମାଡ଼ରେ ୧୫ ପୋଲିସ କର୍ମୀ ନିହତ ହୋଇଛନ୍ତି। ଜାପାନରେ ନବବର୍ଷକୁ ସ୍ୱାଗତ କରୁଥିବା ଲୋକଙ୍କ ଉପରେ କାର୍ ମାଡ଼ିଯାଇଛି। ଏଥିରେ ୯ ଜଣ ଆହତ ହୋଇଛନ୍ତି। ସେହିପରି ବ୍ରିଟେନରେ ଜଣେ ବ୍ୟକ୍ତିଙ୍କ ଛୁରାମାଡ଼ରେ ୩ ଗୁରୁତର ହୋଇଛନ୍ତି। ୨୦୧୯ ଆସୁ ଆସୁ ଏହି ୩ ଆକ୍ରମଣ ବିଶ୍ୱବାସୀଙ୍କ ମନରେ ସୃଷ୍ଟି କରିଛି ଭୟ ଓ ଆତଙ୍କ ।*

## ପଥଚାରୀଙ୍କ ଉପରେ ମାଡ଼ିଗଲା କାର୍: ୯ ଆହତ

**ଟୋକିଓ, ୧।୧(ଏଏଫ୍‌ପି)**

ଜାପାନ ରାଜଧାନୀ ଟୋକିଓର ରାଜରାସ୍ତାରେ ଆତଙ୍କ ଖେଳାଇଛନ୍ତି ଜଣେ କାର୍ ଚାଳକ। ହାରାଜୁକୁ ଜିଲାର ତକେଶିଟା ଷ୍ଟ୍ରିଟ୍‌ରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଏକତ୍ରିତ ହୋଇଥିଲେ ହଜାର ହଜାର ଲୋକ। ସେମାନେ ଉତ୍ସବ ମନାଇବାରେ ବ୍ୟସ୍ତ ଥିବାବେଳେ ଭିଡ଼ ଭିତରୁ ହଠାତ୍ ଦ୍ରୁତଗତିରେ ମାଡ଼ିଆସିଥିଲା ଏକ କାର୍। ଲୋକଙ୍କୁ ଧକ୍କାଦେବା ଫଳରେ ୯ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ଚେତା ଏଯାଏ ଆସିନାହିଁ। ପୋଲିସ ହତ୍ୟା ଉଦ୍ୟମ ଅଭିଯୋଗରେ କାର୍ ଚାଳକଙ୍କୁ ଗିରଫ କରିଛି। ଜେରା ପରେ ତାଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେ ହେଉଛନ୍ତି ୨୧ ବର୍ଷୀୟ କଜୁହିରୋ କୁସାକାବେ। ପୋଲିସ ଏହାକୁ ଏକ ଆତଙ୍କାବାଦୀ ଆକ୍ରମଣ ବୋଲି ଅଭିହିତ କରିଛି। ଏହାକୁ ନେଇ ଆତଙ୍କରେ ଥରିଉଠିଛି ଟୋକିଓ ସହର।



## ତାଲିବାନ ଆକ୍ରମଣ: ୧୫ ପୋଲିସ ନିହତ



**କାବୁଲ, ୧।୧(ଏଏଫ୍‌ପି)**

୨୦୧୮ ଡିସେମ୍ବର ୩୧ ରାତି। ନୂଆବର୍ଷ ପାଇଁ ସବୁଠି ଉତ୍ସବର ମାହୋଲ ଲାଗିରହିଥିବାବେଳେ ଆଫଗାନିସ୍ତାନ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲା ତାଲିବାନ। ଏହି ଆତଙ୍କବାଦୀ ସଙ୍ଗଠନର ଆକ୍ରମଣରେ ୧୫ ପୋଲିସ କର୍ମୀ ନିହତ ଓ ୨୧ ଆହତ ହୋଇଛନ୍ତି। ସର-ଇ-ପୁଲ୍ ପ୍ରଦେଶରେ ସୋମବାର ରାତିରେ ତାଲିବାନ ଆତଙ୍କବାଦୀମାନେ ଦୁଇଟି ପୋଲିସ ଆଉଟପୋଷ୍ଟକୁ ଟାର୍ଗେଟ କରିଥିଲେ। ଉଭୟ ସ୍ଥାନରେ ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ କିଛି ଘଣ୍ଟା ଧରି ଘମାଘୋଟ ଗୁଳି ବିନିମୟ ହୋଇଥିଲା। ଦୁଇଟିଯାକ ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ଆଫଗାନ୍ ସୁରକ୍ଷା ବଳକୁ ଆକ୍ରମଣ କରିବା ତାଲିବାନ ପାଇଁ ନିତିଦିନିଆ ହୋଇଗଲାଣି। ୧୭ ବର୍ଷ ହେଲା ଯୁଦ୍ଧ ପ୍ରଭାବିତ ଏହି ଦେଶରେ ସମାଧାନ ପାଇଁ ଆମେରିକା ନିରନ୍ତର ପ୍ରୟାସ କରିଆସୁଛି। ହେଲେ ତାହା ଫଳପ୍ରଦ ହେଉନାହିଁ। ତାଲିବାନ ଏବଂ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ବାରମ୍ବାର ଆକ୍ରମଣ ଆଫଗାନିସ୍ତାନରେ ସଙ୍ଗିନ ସ୍ଥିତି ସୃଷ୍ଟି କରିଛି। ଦେଶରେ ୧୪,୦୦୦ ଆମେରିକୀୟ ସୈନ୍ୟ ମୁତୟନ ଥିବାବେଳେ ନାଟୋ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକର ୭,୧୦୦ ସୈନିକ ଏଠାରେ ରହିଛନ୍ତି।

## ଭିକ୍ଟୋରିଆ ଷ୍ଟେଶନରେ ଛୁରାମାଡ଼: ୩ ଗୁରୁତର

**ଲଣ୍ଡନ, ୧।୧(ପି.ଟି.)**

ନୂଆବର୍ଷର ଅବ୍ୟବହିତ ପୂର୍ବରୁ ବ୍ରିଟେନର ମାଞ୍ଚେଷ୍ଟରସ୍ଥିତ ଭିକ୍ଟୋରିଆ ରେଳଷ୍ଟେଶନରେ ଜଣେ ଛୁରାଧାରୀ ଆତଙ୍କ ଖେଳାଇଛନ୍ତି। ତାଙ୍କ ଛୁରାମାଡ଼ରେ ଜଣେ ପୋଲିସ ଅଧିକାରୀଙ୍କ ସମେତ ୩ ଗୁରୁତର ହୋଇଛନ୍ତି। ବ୍ୟସ୍ତବହୁଳ ଭିକ୍ଟୋରିଆ ଷ୍ଟେଶନ, ସୋମବାର ରାତିରେ ଏକ ଟ୍ରେନ୍ ଲାଗିବାକୁ ଥାଏ। ଏତିକିବେଳେ ଜଣେ



ପୋଲିସ ଅଫିସରଙ୍କ କାନ୍ଧରେ ଛୁରାମାଡ଼ ହେଲା। ପଛକୁ ପଛ ଦୁଇଜଣ ବୟସ୍କ ମହିଳା ଓ ପୁରୁଷଙ୍କ ପେଟରେ ମଧ୍ୟ ଛୁରିରେ ଆକ୍ରମଣ ହେଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଙ୍କୁ ସ୍ଥାନୀୟ ପୋଲିସ କାବୁ କରି ପଚରାଉଚରା କରୁଛି। ନୂଆବର୍ଷରେ ଏହି ଆକ୍ରମଣ ବ୍ରିଟେନ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆତଙ୍କବାଦ-ନିରୋଧୀ ଅଧିକାରୀମାନେ ଏହାର ତଦନ୍ତ ଚଳାଇଛନ୍ତି।

■ ନୂଆବର୍ଷରେ ଟ୍ରମ୍ପଙ୍କୁ କିମ୍‌ଙ୍କ ଚେତାବନୀ

## ପ୍ରତିଶ୍ରୁତି ନ ରଖିଲେ...

**ପ୍ୟୋଙ୍ଗ୍‌ୟାଙ୍ଗ, ୧।୧(ଆଇଏଏନ୍‌ଏସ୍)**

ଆମେରିକା ସହ ଉତ୍ତର କୋରିଆ ସୁସମ୍ପର୍କ ଚାହେଁ। ହେଲେ ୱାଶିଂଟନ ନିଜ ପ୍ରତିଶ୍ରୁତି ରଖି ଉତ୍ତର କୋରିଆ ଉପରେ ଲଗାଯାଇଥିବା କଟକଣା ପ୍ରତ୍ୟାହାର ନ କଲେ ପ୍ୟୋଙ୍ଗ୍‌ୟାଙ୍ଗ୍ ନିଜ ଆଭିମୁଖ୍ୟ ବଦଳାଇବା ନେଇ ପୁନର୍ବିଚାର କରିପାରେ। ନୂଆବର୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏଭଳି ଚେତାବନୀ ଦେଇଛନ୍ତି ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍। ଟ୍ରମ୍ପ ଓ କିମ୍ ଗତ ଜୁନ୍‌ରେ ସିଙ୍ଗାପୁରରେ ଏକାଠି ହୋଇଥିଲେ। କୋରିଆ ଉପଦ୍ୱୀପକୁ ଆଣବିକ ନିରସ୍ତ୍ରୀକରଣ କରିବା ପାଇଁ ଉଭୟେ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ହେଲେ ପ୍ୟୋଙ୍ଗ୍‌ୟାଙ୍ଗ୍ ଏବଂ ୱାଶିଂଟନ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିବାରୁ ଏହି କ୍ଷେତ୍ରରେ ଅଗ୍ରଗତି ଦେଖିବାକୁ ମିଳିନାହିଁ। ଏହି ପରିପ୍ରେକ୍ଷୀରେ କିମ୍ ମଙ୍ଗଳବାର ନବବର୍ଷ ପାଳନ ଅବସରରେ ନିଜ ବକ୍ତବ୍ୟ ରଖିଛନ୍ତି।



ଆମେରିକା ସହ କୂଟନୈତିକ ସ୍ତରରେ ସୁସମ୍ପର୍କ ପ୍ରତିଷ୍ଠାର ୧୨ ମାସ ପରେ ସେ ୱାଶିଂଟନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଆମେରିକା ବିଶ୍ୱ ସମୁଦାୟକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଉତ୍ତର କୋରିଆ ଉପରୁ କଟକଣା ହଟାଉ। ଅନ୍ୟଥା ନିଜ ସାର୍ବଭୌମତ୍ୱର ସୁରକ୍ଷା ଓ ରାଷ୍ଟ୍ରର ସ୍ୱାର୍ଥରକ୍ଷା ପାଇଁ ଆମେ ନୂଆପଥ ଆବିଷ୍କାର କରିବାକୁ ବାଧ୍ୟ ହେବୁ। ଆମ ଧୈର୍ଯ୍ୟକୁ ଆମେରିକା ଦୁର୍ବଳତା ବୋଲି ମନେକରିବା ଅନୁଚିତ। ଏହି ଅବସରରେ ସେ ଦ୍ୱିତୀୟ ଥର ଲାଗି ଟ୍ରମ୍ପଙ୍କୁ ଭେଟିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟଙ୍କ ସାକ୍ଷାତ୍ ଅନ୍ତର୍ଜାତୀୟ ସମୁଦାୟ ପାଇଁ ନୂଆ ନିଷ୍କର୍ଷକୁ ଜନ୍ମ ଦେବ ବୋଲି କିମ୍ ଆଶାବ୍ୟକ୍ତ କରିଛନ୍ତି।

## ଆଜି ଶତ୍ରୁତା ନୁହେଁ, ବନ୍ଧୁତା



ସିକିମ୍-ତିବ୍ବତର ସଂଯୋଗସ୍ଥଳ ନାଥୁଲା ପାସ୍‌ରେ ମଙ୍ଗଳବାର ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ପରସ୍ପରକୁ ଶୁଭେଚ୍ଛା ଜଣାଇ ଏକାଠି ପାଳନ କରିଛନ୍ତି ନବବର୍ଷ। ଏହାଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ପାରସ୍ପରିକ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବ ବୋଲି ଦୁଇ ସେନା ପକ୍ଷରୁ କୁହାଯାଇଛି।

## ଗୋଟିଏ ଯୁଦ୍ଧରେ ସୁଧୁରିବନି ପାକିସ୍ତାନ: ମୋଦି

**ନୂଆଦିଲ୍ଲୀ, ୧।୧(ପି.ଟି.)**

କେବଳ 'ଗୋଟିଏ ଯୁଦ୍ଧ' ପରେ ପାକିସ୍ତାନ ସୁଧୁରିଯିବ ମନେକରିବା ଭାରତ ପାଇଁ ବଡ଼ ଭୁଲ ହେବ। ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନର ସମର୍ଥନକୁ ସର୍ଜିକାଲ୍ ଷ୍ଟ୍ରାଇକ୍ ରୋକିପାରିନାହିଁ ବୋଲି ସବୁଆଡୁ ସମାଲୋଚନା କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଡ଼ୋଶୀ ଦେଶ ପ୍ରତି ଏପରି ମନ୍ତବ୍ୟ ଦେଇଛନ୍ତି। ନୂଆବର୍ଷରେ ଏକ ସାକ୍ଷାତ୍‌କାରରେ ମୋଦି କହିଛନ୍ତି, ପାକିସ୍ତାନ ଗୋଟିଏ ଯୁଦ୍ଧ ଆଧାରରେ ନିଜ ସ୍ଥିତି ସୁଧାରିବ ନାହିଁ। ଏହି ଦେଶକୁ ଆହୁରି ସମୟ ଦରକାର। ଦଳ ନିର୍ବିଶେଷରେ ଭାରତର ସବୁ ପ୍ରଧାନମନ୍ତ୍ରୀ ପାକିସ୍ତାନ ସହ ଆଲୋଚନାକୁ କେବେ ବିରୋଧ କରି ନ ଥିଲେ।

## ଫୁରସତ

## ରୋଲ୍‌କଲ୍‌ରେ 'ଜୟ ହିନ୍ଦ୍', 'ଜୟ ଭାରତ'

**ଅହମ୍ମଦାବାଦ୍:** ଗୁଜରାଟ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ରୋଲ୍‌କଲ୍ ବେଳେ ଏଣିକି 'ୟେସ୍ ସାର୍', 'ପ୍ରେଜେଣ୍ଟ ସାର୍' ବଦଳରେ 'ଜୟ ହିନ୍ଦ୍', 'ଜୟ ଭାରତ' ରେସ୍‌ପଣ୍ଡ କରିବେ। ଜାନୁୟାରୀ ୧ରୁ ଏହି ନିୟମ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଗୁଜରାଟ ସରକାର ଏଭଳି ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ପ୍ରାଥମିକ ଶିକ୍ଷା ଏବଂ ଗୁଜରାଟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଛି। ସରକାରୀ, ସରକାରୀ ସାହାଯ୍ୟପ୍ରାପ୍ତ ଏବଂ ସେଲ୍‌ଫ୍ ଫାଇନାନ୍ସଡ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଉପସ୍ଥାନ ଡାକିବା ସମୟରେ ଜୟ ଭାରତ ଏବଂ ଜୟ ହିନ୍ଦ୍ ବୋଲି ଉଚ୍ଚାରଣ କରିବେ। ସୋମବାର ଏକ ସମୀକ୍ଷା ବୈଠକ କରାଯାଇ ରାଜ୍ୟ ଶିକ୍ଷାମନ୍ତ୍ରୀ ଭୂପିନ୍ଦରସିଂ ଚୂଡାସାମାଙ୍କ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଥିଲା।

## ୬୯,୯୪୪ ନବଜାତକଙ୍କୁ ସ୍ୱାଗତ

**ନୂଆଦିଲ୍ଲୀ:** ନୂଆବର୍ଷରେ ଭାରତ ପାଖାପାଖି ୬୯,୯୪୪ ଶିଶୁଙ୍କୁ ସ୍ୱାଗତ କରିଛି। ଭାରତରେ ଜନ୍ମିତ ଶିଶୁଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ। ଚାଇନାରେ ୪୪,୯୪୦ ଶିଶୁଙ୍କ ଜନ୍ମ ହୋଇଥିବା ବେଳେ ଏହା ଭାରତ ପଛକୁ ରହିଥିବା ୟୁନାଇଟେଡ ନେଶନ୍ସ ଇଣ୍ଟରନ୍ୟାଶନାଲ ଚିଲ୍‌ଡ୍ରେନ୍ସ ଇମରଜେନ୍ସି ଫଣ୍ଡ (ୟୁନିସେଫ୍) ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ କରାଯାଇଛି। ୨୦୧୯ରେ ଶିଶୁ ଅଧିକାର ସମ୍ମିଳନୀ ଜାତିସଂଘ ଦ୍ୱାରା ଗୃହୀତ ହେବାର ୩୦ବର୍ଷ ପୂର୍ତ୍ତି ପାଳିତ ହେଉଥିବା ବେଳେ ଚଳିତବର୍ଷ ବିଶ୍ୱବ୍ୟାପୀ ଏହାର ସ୍ମାରକୀ ଉତ୍ସବ ପାଳିତ ହେବ। ତଦନୁଯାୟୀ ପ୍ରତ୍ୟେକ



ଦେଶର ସରକାର ଶିଶୁଙ୍କ ଜୀବନରକ୍ଷା ଲାଗି ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ ବୋଲି ୟୁନିସେଫ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ୟୁନିସେଫ୍ ଡେପୁଟି ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଚାର୍ଲଟ ପେଟ୍ରି ଗୋର୍ନିଜ୍‌କୋ କହନ୍ତି, ପ୍ରତ୍ୟେକ ଶିଶୁଙ୍କୁ ବଞ୍ଚିବାର ଅଧିକାର ଦେଇ ସେମାନଙ୍କ ଅଧିକାର ପୂରଣ ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ ହେବା ଆବଶ୍ୟକ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନରେ ପୁଞ୍ଜିନିବେଶ ହେଲେ ଲକ୍ଷ ଲକ୍ଷ ଶିଶୁଙ୍କ ଜନ୍ମ ବିପଦମୁକ୍ତ ହୋଇପାରିବ। ଚଳିତବର୍ଷ ଜାନୁୟାରୀ ୧ରେ ବିଶ୍ୱରେ ୩,୯୫,୦୭୨ ଶିଶୁ ଜନ୍ମଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ଭାରତୀୟ ଶିଶୁ ହେଉଛନ୍ତି ୬୯,୯୪୪।

## [ଇତିହାସର ଆଇନାରେ]

### ଜାନୁୟାରୀ ୨ର ପ୍ରମୁଖ ଘଟଣା

୨୦୦୬ ଜାନୁୟାରୀ ୨ରେ ପଶ୍ଚିମ ଭର୍ଜିନିଆର ସାଗୋଠାରେ ଅବସ୍ଥିତ କୋଇଲାଖଣିରେ ବିସ୍ଫୋରଣ ଯୋଗୁ ୧୨ ଶ୍ରମିକ ମୃତ୍ୟୁବରଣ କରିଥିଲେ। ସାଗୋ ହେଉଛି ପଶ୍ଚିମ ଭର୍ଜିନିଆର ଅପଶର କାଉଣ୍ଟିର ଏକ ଅନୁନ୍ନତ ଅଞ୍ଚଳ। ଏହା ବୁଖାନନ୍ ନଦୀ ପାର୍ଶ୍ୱରେ ଅବସ୍ଥିତ ଏବଂ ଏଠାରେ ସାଗୋ ମାଇନ୍ ରହିଛି। ୨୦୦୬ ସାଗୋ ମାଇନ୍ ବିସ୍ଫୋରଣ ପରଠାରୁ ଏହାକୁ ସାଗୋ ସାଇଟ୍ କୁହାଯାଏ।

୧୯୬୭ ଜାନୁୟାରୀ ୨ରେ ପୂର୍ବରୁ ଚଳଚ୍ଚିତ୍ରରେ ଅଭିନୟ କରିଥିବା ରୋନାଲ୍ଡ ରେଗାନ୍ କାଲିଫର୍ନିଆର ଗଭର୍ନର ଭାବେ ଶପଥ ନେଇଥିଲେ। ସେ ପରେ ଆମେରିକାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ। କାଲିଫର୍ନିଆର ଗଭର୍ନର ହେଉଛନ୍ତି କାଲିଫର୍ନିଆର ରାଜ୍ୟର ମୁଖ୍ୟ। ସେ ମଧ୍ୟ ରାଜ୍ୟ ସରକାରଙ୍କ ଚିଫ୍ ଏକଜିକ୍ୟୁଟିଭ୍। କାଲିଫର୍ନିଆ ନ୍ୟାଶନାଲ୍ ଗାର୍ଡର ସେ କମାଣ୍ଡର-ଇନ୍-ଚିଫ୍।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୯.୯ |
| ଚାନ୍ଦବାଲି | ୨୫.୩ | ୧୦.୫ |
| କଟକ | ୨୫.୬ | ୯.୪ |
| ପାରାଦ୍ୱୀପ | ୨୬.୦ | ୧୨.୨ |
| ଭୁବନେଶ୍ୱର | ୨୭.୯ | ୯.୫ |
| ଗୋପାଳପୁର | ୨୬.୮ | ୧୨.୦ |
| ପୁରୀ | ୨୬.୮ | ୧୩.୩ |
| ଅନୁଗୋଳ | ୨୫.୧ | ୬.୬ |
| ବାରିପଦା | ୨୪.୦ | ୯.୨ |
| ଝାରସୁଗୁଡ଼ା | ୨୬.୬ | ୭.୫ |
| କେନ୍ଦୁଝର | ୨୩.୬ | ୬.୪ |
| ସମ୍ବଲପୁର | ୨୬.୬ | ୭.୮ |
| ସୁନ୍ଦରଗଡ଼ | ୨୪.୦ | ୭.୦ |
| ହୀରାକୁଦ | ୨୬.୧ | ୯.୧ |
| ତାଳଚେର | ୨୮.୧ | ୯.୪ |
| ଭବାନୀପାଟଣା | ୨୬.୩ | ୭.୦ |
| ବଲାଙ୍ଗୀର | --- | ୮.୦ |
| କୋରାପୁଟ | ୨୬.୨ | ୬.୬ |
| ଫୁଲବାଣୀ | ୨୫.୦ | ୪.୫ |
| ଟିଟିଲାଗଡ଼ | --- | ୭.୦ |
| ମାଲକାନଗିରି | ୨୯.୫ | ୯.୪ |
| ସୋନପୁର | ୨୬.୬ | ୭.୦ |
| ଦାରିଙ୍ଗିବାଡ଼ି | ୨୨.୫ | ୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଜନ୍ମଦିନରେ ସୋନାଲିଙ୍କୁ ଶୁଭେଚ୍ଛା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଲେଖିକା ସୋନାଲି ବେନ୍ଦ୍ରେ ୪୪ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନରେ ତାଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ଗୋଲ୍‌ଡି ବେହଲ ଏକ ହୃଦୟଛୁଆଁ ବାର୍ତ୍ତା ଲେଖି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋନାଲି ଜଣେ 'ସର୍ବୋତ୍ତମ ସାଥୀ' ଏବଂ ତାଙ୍କର 'ମଜଭୁତ ପଣିଆ' ବୋଲି ସେ ଉଲ୍ଲେଖ କରି ସୋନାଲିଙ୍କୁ ପ୍ରଶଂସା କରିଛନ୍ତି। କ୍ୟାନ୍‌ସରରେ ପୀଡ଼ିତ ସୋନାଲି ବର୍ତ୍ତମାନ ନ୍ୟୁୟର୍କରେ ଚିକିତ୍ସାଧୀନ ଅଛନ୍ତି। ସୋନାଲିଙ୍କ ସହିତ ତାଙ୍କ ସ୍ୱାମୀ ଏକ ଫଟୋ ଉଠାଇ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ୨୦୧୮ ସୋନାଲିଙ୍କ ପାଇଁ ଏକ କଷ୍ଟକର ସମୟ ଥିଲା। ସ୍ୱାମୀଙ୍କ ବ୍ୟତୀତ ସୋନାଲିଙ୍କ ସାଙ୍ଗସାଥୀ, ବଲିଉଡ୍ କଳାକାରଙ୍କ ସମେତ ଅଭିନେତ୍ରୀ ନିଲମ କୋଠାରୀ ସୋନି ଏବଂ ହ୍ରିତିକ୍ ରୋଶନ୍‌ଙ୍କ ପୂର୍ବତନ ସ୍ତ୍ରୀ ସୁସାନେ ଖାନ୍ ତାଙ୍କୁ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ପଠାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।



# MOCK TEST PAPER # 3

## CLASS-XII (PHYSICS)

**Time Allowed : 3 hours** **Maximum Marks: 70**

### GENERAL INSTRUCTIONS

i. ***All questions are compulsory. There are 27 questions in all.***

ii. ***This question paper has five sections : Section A, Section B, Section C and Section D.***

iii. ***Section A contains five questions of one mark each, Section B contains seven questions of two marks each, Section C contains twelve questions of three marks each, Section D contains three questions of five marks each.***

iv. ***There is no overall choice. However, an internal choice has been provided in one question of two marks, one question of three marks and all the three questions of five marks weightage. You have to attempt only one of the choices in such questions.***

### SECTION-A

1. Figure shows three point charges +2q, –q, +3q. Two charges +2q and –q are enclosed within a surface S. What is the electric flux due to this configuration through the surface S ?




2. Which is the best method of reducing current in an ac circuit and why ?

3. Why is an AM signal likely to be more noisy than a FM signal upon transmission through a channel?

4. Is Ohm's law true for all conductors ? Name two types of commercially available resistors ?

5. How does focal length of a lens change when red light is replaced by blue light ?

### SECTION-B

6. Two conductors are made of the same material and have the same length. Conductor A is solid wire of diameter 1 mm. Conductor B is a hollow tube of outer diameter 2 mm and inner diameter 1 mm. Find the ratio of resistance $R_A$ to $R_B$.

7. Prove that an ideal capacitor, in an ac circuit does not dissipate power.

8. Two particles A and B of de Broglie wavelengths $\lambda_1$ and $\lambda_2$ combine to form a particle C. The process conserves momentum. Find the de Broglie wavelength of the particle C. (The motion is one dimensional).

9. i. Identify the logic gates marked P and Q in the given logic circuit.




ii. Write down the output at X for the inputs A = 0, B = 0 and A = 1, B = 1

10. With the help of an example, explain, how the neutron to proton ratio changes during alpha decay of a nucleus.

**OR**

Calculate the energy released in MeV in the following nuclear reaction.

$^{238}_{92}U \rightarrow {}^{234}_{90}Th + {}^{4}_{2}He + Q$

[Mass of $^{238}_{92}U$ = 238.05079 u, Mass of $^{234}_{90}Th$ = 234.043630 u, Mass of $^{4}_{2}He$ = 4.002600 u, 1 u = 931.5 MeV $c^{-2}$]

11. Distinguish between the term 'average value' and 'rms value' of an alternating current. The instantaneous current from an ac source is I = 5 sin (314)t ampere. What are the average and rms values of the current ?

12. Can reflection result in plane polarized light if the light is incident on the interface from the side with higher refractive index ?

### SECTION-C

13. A concave lens made of a material of refractive index $\mu_1$ is kept in a medium of refractive index $\mu_2$. A parallel beam of light is incident on the lens. Complete the path of the rays of light emerging from the concave lens if (i) $\mu_1 > \mu_2$ (ii) $\mu_1 = \mu_2$ and (iii) $\mu_1 < \mu_2$.

14. An electron and a proton are accelerated through the same potential. Which one of the two has (i) greater value of de Broglie wavelength associated with it and (ii) less momentum ? Justify your answer. [mass of proton is 1837 times the mass of electrons]

15. In Young's double slit experiment, the two slits 0.15 mm apart are illuminated by monochromatic light of wavelength 450 nm. The screen is 1.0 m away from the slits.

a. Find the distance of the second (i) bright fringe, (ii) dark fringe from the central maximum.

b. How will the fringe pattern change if the screen is moved away from the slits ?

16. What is a carrier wave ? Why high frequency carrier waves are employed for transmission?

17. Where on the earth's surface is the value of vertical component of the earth's magnetic field zero? The horizontal component of the earth's magnetic field at a given place is 0.4 x $10^{-4}$ Wb $m^{-2}$ and angle of dip is $30^0$. Calculate the value of (i) vertical component, (ii) the total intensity of the earth's magnetic field.

18. In the figure, a long uniform potentiometer wire AB is having a constant potential gradient along its length. The null points for the two primary cells of emfs $\varepsilon_1$ and $\varepsilon_2$ connected in the manner shows are obtained at a distance of 120 cm and 300 cm from the end A. Find (i) $\varepsilon_1$/$\varepsilon_2$ and (ii) position of null point for the cell $\varepsilon_1$. How is the sensitivity of potentiometer increased ?




**OR**

Using Kirchhoff's rules determine the value of unknown resistance R in the circuit so that no current flows through 4Ω resistance. Also find the potential difference between A and D.




19. Name the three different modes of propagation of electromagnetic waves. Explain the mode of propagation used in the frequency range from a few MHz to 40 MHz using a proper diagram.

20. In a diode AM detector, the output circuit consists of R = 1 kΩ and C = 10 μF. A carrier signal of 100 kHz is to be detected. Is it good ? If yes, then explain why ? If not, what value of C would you suggest?

21. Show that the first few frequencies of light that is emitted when electron fall to the $n^{th}$ level from levels higher than n, are approximate harmonics (i.e., in the ratio 1 : 2 : 3....) when n >> 1.

22. Define the term electric potential due to a point charge. Find the electric potential at the centre of a square of side $\sqrt{2}$ m, having charges 100μC, –50μC, 20μC and –60μC at the four corners of the square.

23. A long solenoid S has n turns per meter, with diameter a. At the centre of this coil we place a small coil of N turns and diameter b (where b < a). If the current in the solenoid increases linearly, with time, what is the induced emf appearing in the smaller coil. Plot graph showing nature of variation in emf, if current varies as a function of $mt^2$ + C.

24. In an intrinsic semiconductor, the energy gap $E_g$ is 1.2 eV. Its hole mobility is much smaller than electron mobility and independent of temperature. What is the ratio between conductivity at 600 K and that at 300 K ? Assume that the temperature dependence of intrinsic carrier concentration $n_i$ is give by $n_i = n_0 \exp\left(-\frac{E_g}{2k_BT}\right)$, where $n_0$ is constant. $k_B$ = 8.62 x $10^{-5}$ eV $K^{-1}$.

### SECTION-D

25. Describe the working of an astronomical telescope. Find the expression for its magnifying power when final image is at least distance of distinct vision.

**OR**

State Huygen's principle. Use Huygen's construction to explain refraction of plane wavefront at a plane surface. Draw diagrams to show the behaviour of a (i) convex lens, (ii) concave mirror when a plane wavefront falls on it.

26. Derive an expression for a potential at a point due to an electric dipole.

**OR**

Obtain the expression for the capacitance of a parallel plate capacitor. Three capacitors of capacitances $C_1$, $C_2$ and $C_3$ are connected in parallel. Derive an expression for the equivalent capacitance.

27. State Biot-Savart's law. Using this law derive an expression for the magnetic field at a point situated at a distance of x metre from the centre of a circular coil of N turns and radius r carrying a current of IA.

**OR**

Explain the difference between diamagnetic paramagnetic and ferromagnetic substances.

**For Answers visit: www.dharitri.com**

Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ସଂକ୍ଷେପରେ

### ଲୋକ ସଭାରେ ଆସିବ ସଂଶୋଧନ ଆଇନ
## ଆଧାର ନିୟମ ଉଲ୍ଲଂଘନ କଲେ କୋଟିଏ ଡଣ୍ଡ




**ନୂଆଦିଲ୍ଲୀ,୧-୧:** କେନ୍ଦ୍ର ସରକାର ଆଧାର ଆଇନ ସଂଶୋଧନ ବିଲ୍‌କୁ ଲୋକ ସଭାରେ ଉପସ୍ଥାପନ ପାଇଁ ତାଲିକାଭୁକ୍ତ କରିଛନ୍ତି। ଏହି ଆଇନ ଅନୁମୋଦନ ଲାଭ କଲେ ଆଧାର ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀଙ୍କଠାରୁ ୧ କୋଟି ଟଙ୍କା ଡଣ୍ଡ ଆଦାୟ କରାଯିବ। ଏହାଛଡ଼ା କ୍ରମାଗତ ଧାରାରେ ଆଇନ ଉଲ୍ଲଂଘନ ହୋଇ ଚାଲିଲେ ଦୈନିକ ୧୦ଲକ୍ଷ ଟଙ୍କା ଲେଖାଏ ଫାଇନ ଆଦାୟ କରାଯିବ। ଆଧାରରେ ଗୋପନୀୟତାକୁ ନେଇ ଚିନ୍ତାବ୍ୟକ୍ତ କରାଯାଉଥିବା ବେଳେ କେନ୍ଦ୍ର ସରକାର ଆଧାର ଲାଗୁ କରୁଥିବା ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ)କୁ ଅନ୍ୟ ନିୟାମକଙ୍କ ଭଳି ଦଣ୍ଡ ଦେବାର କ୍ଷମତା ପ୍ରଦାନ କରିବାକୁ ଯାଉଛନ୍ତି। ବର୍ତ୍ତମାନ ବ୍ୟବସ୍ଥାରେ ୟୁଆଇଡିଏଆଇକୁ ଏଭଳି କୌଣସି କ୍ଷମତା ମିଳିନି। ସଂଶୋଧିତ ଆଧାର ଆଇନରେ ପିଲାମାନେ ୧୮ ବର୍ଷରେ ପଦାର୍ପଣ କରିବାର ୬ମାସ ମଧ୍ୟରେ ନିଜକୁ ଏଥିରୁ ବାଦ୍ ଦେଇପାରିବେ। ତେବେ ଏଥିପାଇଁ ମାତାପିତା କିମ୍ବା ଅଭିଭାବକଙ୍କ ଅନୁମତି ନେବାକୁ ହେବ। ଏହାଛଡ଼ା ଆଧାର ଜାରି କରାଯିବା ଯୋଗୁ ହେଉଥିବା ଆୟକୁ ଟିକସମୁକ୍ତ କରିବା ଲାଗି ସଂଶୋଧିତ ଆଇନରେ ବ୍ୟବସ୍ଥା ରହିଛି।

## ନୂଆବର୍ଷରେ ମୁଣ୍ଡପିଛା ଋଣ ୬୨ ହଜାର

**ନୂଆଦିଲ୍ଲୀ,୧-୧:** ନୂଆବର୍ଷ ପଦାର୍ପଣ କରିଛି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ତଥ୍ୟ ଅନୁଯାୟୀ ଦେଶର ପ୍ରତି ବ୍ୟକ୍ତିଙ୍କୁ ମୁଣ୍ଡ ଉପରେ ୬୨ ହଜାର ଟଙ୍କାର ଋଣ ରହିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ତ୍ରୈମାସିକ ଋଣ ପରିଚାଳନା ରିପୋର୍ଟ ପ୍ରକାଶ କରାଯାଇଛି। ସେପ୍ଟେମ୍ବର ସୁଦ୍ଧା ଦେଶର ମୋଟ ଋଣଭାର ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ୧୩୪ କୋଟି ଜନସଂଖ୍ୟାକୁ ହିସାବ କଲେ ମୁଣ୍ଡ ପିଛା ଋଣ ଭାର ୬୨ ହଜାର ଟଙ୍କା ହେଉଛି। ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ଜୁନ୍ ସୁଦ୍ଧା ସରକାରଙ୍କ ଋଣର ପରିମାଣ ୭୯.୮ ଲକ୍ଷ କୋଟି ଟଙ୍କା ଥିଲା। ଅର୍ଥାତ୍ ମୁଣ୍ଡପିଛା ଋଣର ପରିମାଣ ୫୯,୫୫୨ ଟଙ୍କା ଥିଲା। ଏଥିରୁ ସ୍ପଷ୍ଟ ହୋଇଛି ଯେ, ମାତ୍ର ୩ ମାସ ଭିତରେ ୨,୪୪୮ ଟଙ୍କା ଋଣ ଭାର ବଢ଼ିଛି। ସେହିପରି ଏହି ସମୟ ମଧ୍ୟରେ ସରକାର ୨.୨ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଋଣ କରିଛନ୍ତି।

> ଡିସେମ୍ବରରେ ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ ୪% ବିକ୍ରି ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛୁ।
> – ରାଜେଶ ଗୋଏଲ, ଉପସଭାପତି, ହୋଣ୍ଡା କାର୍ସ



> ସମଗ୍ର ଅଟୋ ଶିଳ୍ପ ମନ୍ଥର ଅବସ୍ଥା ଦେଇ ଗତି କରୁଥିବା ବେଳେ ଡିସେମ୍ବରରେ ଅଭିବୃଦ୍ଧି ଜାରି ରଖିବାକୁ ସକ୍ଷମ ହୋଇଛୁ।
> – ମୟଙ୍କ ପାରିକ୍, ସଭାପତି, ଟାଟା ମୋଟର୍ସ



### ପ୍ରଥମଥର ସ୍ପଷ୍ଟ କଲେ ପ୍ରଧାନମନ୍ତ୍ରୀ
# ୬ ମାସ ପୂର୍ବରୁ ଇସ୍ତଫା ଦେବାକୁ ଚାହୁଁଥିଲେ ଉର୍ଜିତ

**ନୂଆଦିଲ୍ଲୀ,୧-୧**

- ବିମୁଦ୍ରୀକରଣ ଅଚାନକ ଝଟକା ନ ଥିଲା
- ଜିଏସ୍‌ଟି ଯୋଗୁ କ୍ଷୁଦ୍ର ବ୍ୟବସାୟୀ ଅସୁବିଧାରେ
- ଅର୍ଥନୀତିରେ ମଧ୍ୟବିତ୍ତଙ୍କ ଯୋଗଦାନ ଅତୁଳନୀୟ
- କୃଷି ଋଣ ଛାଡ଼ ଦ୍ୱାରା ଚାଷୀଙ୍କ ସମସ୍ୟା ସମାଧାନ ଅସମ୍ଭବ



ଚଳିତ ବର୍ଷ ଗଣମାଧ୍ୟମ ସହ ପ୍ରଥମ ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଆର୍ଥିକ ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରିଛନ୍ତି। ବିମୁଦ୍ରୀକରଣରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କ ଗଭର୍ନର ପଦରୁ ଡ.ଉର୍ଜିତ ପଟେଲଙ୍କ ଇସ୍ତଫା ଦେବା ପର୍ଯ୍ୟନ୍ତ ସମସ୍ତ ଆର୍ଥିକ ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇଛନ୍ତି। ବିମୁଦ୍ରୀକରଣ ଏକ ଅଚାନକ ଝଟକା ନ ଥିଲା ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ବର୍ଷକ ପୂର୍ବରୁ କଳାଧନ ସମ୍ପର୍କରେ ସରକାର ଲୋକଙ୍କୁ ଚେତାଇ ଆସୁଥିଲେ। ଉର୍ଜିତଙ୍କ ଇସ୍ତଫା ପଛରେ ଚାପ ରହିଥିଲା ବୋଲି ବିରୋଧୀଦଳଙ୍କ ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଯେ, ପୂର୍ବତନ ଗଭର୍ନର ପଟେଲ ୬-୭ ମାସ ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେବାକୁ ଚାହୁଁଥିଲେ।

ବିମୁଦ୍ରୀକରଣ ସମ୍ପର୍କରେ ସେ କହିଛନ୍ତି ଯେ,କଳାଧନ ବ୍ୟାଙ୍କରେ ଜମା କରିବାକୁ ସରକାର ଲୋକଙ୍କୁ ବହୁବାର ଚେତାଇଛନ୍ତି ଏବଂ ସୁଯୋଗ ମଧ୍ୟ ଦେଇଛନ୍ତି। ଜରିମାନା ଦେଇ ଏଥିରୁ ମୁକ୍ତି ପାଇବା ନେଇ ସରକାର ପ୍ରସ୍ତାବ ଦେଲେ। ପୂର୍ବ ଭଳି ଏବର ସରକାରଙ୍କ ଏହା ଏକ ଚାଲ୍ ବୋଲି ଲୋକେ ଭାବିଲେ। ଏହି କାରଣରୁ ଖୁବ୍ କମ୍ ଲୋକ ନିଜର କଳାଧନ ଘୋଷଣା କଲେ। କଳାଧନ ଯୋଗୁ ଦେଶରେ ସମାନ୍ତରାଳ ଅର୍ଥନୀତି ଚାଲୁଥିବା ନେଇ ଚର୍ଚ୍ଚା ହେଉଥିଲା। ନେତା, ବ୍ୟବସାୟୀ ଓ ସରକାରୀ ବାବୁମାନଙ୍କ ଘରୁ କଳାଧନ ଜବତ ହେଉଥିଲା। ଦେଶରେ ଏକ ଔପଚାରିକ ଅର୍ଥନୀତିର ଆବଶ୍ୟକତା ଥିଲା। ସମାନ୍ତରାଳ ଅର୍ଥନୀତି ଦେଶକୁ ଫମ୍ପା କରିଦେଉଥିଲା। ଉର୍ଜିତଙ୍କ ସମ୍ପର୍କରେ ମୋଦି କହିଛନ୍ତି ଯେ, ସେ ବ୍ୟକ୍ତିଗତ କାରଣରୁ ଗଭର୍ନର ପଦ ଛାଡିବାକୁ ଚାହୁଁଛନ୍ତି ବୋଲି ତାଙ୍କୁ ଲିଖିତ ଭାବେ ଜଣାଇଥିଲେ। ରାଜନୈତିକ ଚାପର ପ୍ରଶ୍ନ ଉଠୁ ନାହିଁ। ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଉର୍ଜିତ ଭଲ କାମ କରିଯାଇଛନ୍ତି। ମଧ୍ୟବିତ୍ତଙ୍କ ପାଇଁ ସରକାରୀଙ୍କ କି ପ୍ରକାର ଯୋଜନା ରହିଛି ବୋଲି ପ୍ରଶ୍ନ ହେବାରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଶ୍ରେଣୀ ସମ୍ମାନର ସହ ବଞ୍ଚିବାକୁ ଚାହାନ୍ତି। ଅନ୍ୟର ଦୟାରେ ବଞ୍ଚିବାକୁ ସେମାନେ ପସନ୍ଦ କରନ୍ତି ନାହିଁ। ଦେଶର ଅର୍ଥନୀତିରେ ମଧ୍ୟବିତ୍ତଙ୍କ ଯୋଗଦାନ ଅତୁଳନୀୟ ବୋଲି ସେ କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଜିଏସ୍‌ଟିକୁ ଗବର ସିଂ ଟ୍ୟାକ୍ସ କହୁଥିବାରୁ ଏହା ଉପରେ ପ୍ରତିକ୍ରିୟା ଦେଇ ମୋଦି କହିଛନ୍ତି ଯେ, ଯିଏ ଯେପରି ଭାବନ୍ତି, ସେ ଏପରି କଥା କହନ୍ତି। ସମସ୍ତ ରାଜନୈତିକ ଦଳର ସହମତିରେ ଜିଏସ୍‌ଟି ଲାଗୁ କରାଯାଇଛି। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ସମୟରୁ ଦେଶରେ ଜିଏସ୍‌ଟି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଜିଏସ୍‌ଟି କାରଣରୁ କ୍ଷୁଦ୍ର ବ୍ୟବସାୟୀ ହଇରାଣରେ ପଡିଥିବା ମୋଦି ସ୍ୱୀକାର କରିଛନ୍ତି। କୃଷି ଋଣ ଛାଡ଼କୁ ଏକ ରାଜନୈତିକ ହଟଚମଟ ଦର୍ଶାଇ ମୋଦି କହିଛନ୍ତି ଯେ, ଏହାଦ୍ୱାରା ଯଦି ଚାଷୀଙ୍କ ସମସ୍ୟା ସମାଧାନ ସମ୍ଭବ, ତେବେ ଏହା କରାଯିବା ଦରକାର। କିନ୍ତୁ ଇତିହାସ କହୁଛି, କୃଷି ଋଣ ଛାଡ଼ ଦ୍ୱାରା ଚାଷୀଙ୍କ ସମସ୍ୟାର ସମାଧାନ ହୋଇନି। ସରକାର ଚାଷୀ ଋଣ ଛାଡ଼ କରିବା ଘୋଷଣା କଲେ ମଧ୍ୟ ଏହାର ଫାଇଦା ସେମାନେ ପାଉନାହାନ୍ତି। ଜୀବନ ହାରୁଥିବା ଚାଷୀ ଛାଡ଼ ଯୋଜନାରେ ସାମିଲ ହୋଇପାରୁନାହାଁନ୍ତି। କଂଗ୍ରେସର ଋଣଛାଡ଼ ଘୋଷଣାକୁ ଲଲିପପ୍ ଦର୍ଶାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଜାତୀୟ ଦଳ ଦେଶବାସୀଙ୍କୁ ମିଛ କହୁଛି ଓ ଭୁଲ୍ ବାଟରେ ନେଉଛି। ଆର୍ଥିକ ଅପରାଧୀଙ୍କ ସମ୍ପର୍କରେ ମତପ୍ରକାଶ କରି ସେ କହିଛନ୍ତି ଯେ, ଦେଶରେ ପ୍ରଚଳିତ ଦୁର୍ବଳ ଆଇନର ସୁଯୋଗ ନେଇ ସେମାନେ ବିଦେଶ ପଳାଇଛନ୍ତି। କିନ୍ତୁ ସେମାନଙ୍କୁ ଆଜି ଅଥବା କାଲି ସ୍ୱଦେଶକୁ ଫେରାଇ ଅଣାଯିବ। ଦେଶର ଅର୍ଥକୁ ଯେଉଁମାନେ ଚୋରାଇ ନେଇଛନ୍ତି ସେମାନଙ୍କଠାରୁ ଗୋଟି ଗୋଟି କରି ଟଙ୍କା ଆଦାୟ କରାଯିବ।

## ଦାୟିତ୍ୱ ନେଲେ ନୂଆ ସିବିଆଇସି ଅଧ୍ୟକ୍ଷ

**ଭୁବନେଶ୍ୱର,୧-୧**


ପ୍ରଣବ ପ୍ରକାଶ ଦାସ

କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ(ସିବିଆଇସି)ର ଅଧ୍ୟକ୍ଷ ଭାବେ ବରିଷ୍ଠ ଓଡ଼ିଆ ଅଧିକାରୀ ପ୍ରଣବ ପ୍ରକାଶ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାସ ଅର୍ଥନୀତିରେ ସ୍ନାତକୋତ୍ତର, ଏମ୍‌ଫିଲ୍ ଏବଂ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ସେ ପୂର୍ବରୁ ସିବିଆଇସିର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଜିଏସ୍‌ଟି ସୀମା ଶୁଳ୍କ ସଂସ୍କାର ତଥା ବାଣିଜ୍ୟ ସୁବିଧା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ତାଙ୍କ ଉପରେ ନ୍ୟସ୍ତ ରହିବ। ଜିଏସ୍‌ଟିର ସଫଳ ରୂପାୟନ କ୍ଷେତ୍ରରେ ତାଙ୍କର ଯୋଗଦାନ ରହିଛି। ପ୍ରମୁଖ ସୀମା ଶୁଳ୍କ କାର୍ଯ୍ୟାଳୟ, ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ, ଅର୍ଥ ମନ୍ତ୍ରଣାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ ଦୀର୍ଘ ୩୫ ବର୍ଷର କାର୍ଯ୍ୟ ଅଭିଜ୍ଞତା ହାସଲ କରିଛନ୍ତି। ଏହା ବାଦ ଡବ୍ଲ୍ୟୁସିଓ, ଏଫ୍‌ଏଟିଏଫ୍, ଡବ୍ଲ୍ୟୁଏଚ୍‌ଓ, ଏଫ୍‌ସିସିସି, ୟୁଏସ୍‌ଏ ହୋମଲ୍ୟାଣ୍ଡ ସିକ୍ୟୁରିଟି ଆଲୋଚନା ଆଦିରେ ବାର୍ତ୍ତାଳାପ କରିବାରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। କର୍ତ୍ତବ୍ୟ ସମ୍ପାଦନରେ ସ୍ୱତନ୍ତ୍ର ପ୍ରତିଷ୍ଠା ରେକର୍ଡ ଲାଗି ସେ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ଲାଭ କରିଛନ୍ତି।

## ୯୪,୭୨୬ କୋଟି ଟଙ୍କାର ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୧-୧**

ଚଳିତ ବର୍ଷ ଡିସେମ୍ବର ମାସରେ ୯୪,୭୨୬ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ହୋଇଛି। ନଭେମ୍ବର ମାସ ତୁଳନାରେ ଏଥିରେ ହ୍ରାସ ଘଟିଥିବା ଜଣାଯାଇଛି। ନଭେମ୍ବରରେ ସରକାର ୯୭,୬୩୭ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଥିଲେ। ଚଳିତ ବର୍ଷ ଡିସେମ୍ବର ୩୦ ସୁଦ୍ଧା ୭୨.୪୪ ଲକ୍ଷ ସେଲ୍ସ ରିଟର୍ନ ଫାଇଲ ହୋଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। କ୍ଷତିପୂରଣ ବାବଦକୁ ଅଗଷ୍ଟ-ସେପ୍ଟେମ୍ବରରେ ସରକାର ୧୧,୯୨୨ କୋଟି ଟଙ୍କା ପ୍ରଦାନ କରିଛନ୍ତି।

# ପୁଞ୍ଜି ପ୍ରତ୍ୟାହାରରୁ ମିଳିଛି ୭୭,୪୧୭ କୋଟି

**ନୂଆଦିଲ୍ଲୀ,୧-୧**

ପରବର୍ତ୍ତୀ ଲକ୍ଷ୍ୟ ଏୟାର ଇଣ୍ଡିଆ

କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରି ଚଳିତ ଆର୍ଥିକ ବର୍ଷ ଡିସେମ୍ବର, ୨୦୧୮ ସୁଦ୍ଧା ୭୭,୪୧୭ କୋଟି ଟଙ୍କା ହାସଲ କରିଛନ୍ତି। ପ୍ରଥମଥର ବିଫଳ ହେବା ପରେ ସରକାର ପୁନର୍ବାର ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବା ଲାଗି ଉଦ୍ୟମ କରିବେ। ଚଳିତ ଆର୍ଥିକ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ପ୍ରାପ୍ତ ସୂଚନାନୁଯାୟୀ, ଚଳିତ ବର୍ଷ ସରକାର ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡକୁ ତୈଳ ଓ ପ୍ରାକୃତିକ ବାଷ୍ପ କର୍ପୋରେଶନ(ଓଏନ୍‌ଜିସି) ଅଧିଗ୍ରହଣ, ସିପିଇସି ଇଟିଏଫ୍, ଭାରତ-୨୨ ଇଟିଏଫ୍ ଏବଂ କୋଲ୍ ଇଣ୍ଡିଆର ଅଂଶଧନ ବିକ୍ରି ସମେତ ୬ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଆଇପିଓରୁ ୭୭,୪୧୭ କୋଟି ଟଙ୍କା ଆଦାୟ କରିଛନ୍ତି। ଏବେ କେନ୍ଦ୍ର ସରକାର ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ଅଣ୍ଟା ଭିଡିଛନ୍ତି। ଏହିକ୍ରମରେ ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର ସହଯୋଗୀ କମ୍ପାନୀ ଏୟାର ଇଣ୍ଡିଆ ଏୟାର ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ, ଏୟାର ଇଣ୍ଡିଆ ଇଞ୍ଜିନିୟରିଂ ସର୍ଭିସେସ୍ ଲିମିଟେଡ ଓ ଏୟାର ଇଣ୍ଡିଆର ବହୁତଳ କୋଠାଗୁଡିକୁ ବିକ୍ରି କରାଯିବ। ଏହାଦ୍ୱାରା କମ୍ପାନୀର ଋଣବୋଝ ବହୁଳାଂଶେ ହ୍ରାସ ପାଇବ। ଏଥିସହିତ ଏହି ବିମାନ କମ୍ପାନୀକୁ ବଜାରଭିତ୍ତିକ କରିବା ଲାଗି ଏଥିରେ ନିବେଶ ଜାରି ରହିବ। ସରକାର ସହଯୋଗୀ କମ୍ପାନୀ ଓ ଘରଗୁଡ଼ିକୁ ବିକି ପ୍ରାୟ ୯ ହଜାର କୋଟି ଟଙ୍କା ପାଇବେ। ସେହିପରି ନୂଆବର୍ଷରେ ପବନ ହଂସ ହେଲିକପ୍ଟର କମ୍ପାନୀକୁ ବିକ୍ରି କରିଦେବାକୁ ସରକାର ଉଦ୍ୟମ କରିବେ। ଏଥିରେ ସରକାରଙ୍କ ୫୧ ପ୍ରତିଶତ ଓ ଅବଶିଷ୍ଟ ଓଏନ୍‌ଜିସିର ଅଂଶଧନ ରହିଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ବିକ୍ରି ପ୍ରକ୍ରିୟା ଚୂଡାନ୍ତ ହୋଇଯିବ ବୋଲି ଆଶାକରାଯାଉଛି। ଏହାଛଡ଼ା ଓଏନ୍‌ଜିସି, ଇଣ୍ଡିଆ ଅଏଲ କର୍ପୋରେଶନ, ଅଏଲ ଇଣ୍ଡିଆ, ଏନ୍‌ଏଲ୍‌ସି, ଭେଲ୍ ଓ ନାଲ୍‌କୋ ସମେତ ୧୦ ରାଷ୍ଟ୍ରାୟତ୍ତ କମ୍ପାନୀର ଶେୟାର ପୁନଃ କ୍ରୟ କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କ ତହବିଲ୍‌ରେ ପ୍ରାୟ ୧୨ହଜାର କୋଟି ଟଙ୍କା ଆସିବ ବୋଲି ଆଶା କରାଯାଉଛି। ଖାଲି ସେତିକି ନୁହେଁ ଗ୍ରାମୀଣ ବିଦ୍ୟୁତୀକରଣ ନିଗମ (ଆର୍‌ଇସି)ରେ ସରକାର ନିଜ ଅଂଶଧନକୁ ପାୱାର ଫାଇନାନ୍ସ କର୍ପୋରେଶନକୁ ବିକ୍ରି କରିବା ଯୋଜନା ରହିଛି। ଏହାଦ୍ୱାରା ପ୍ରାୟ ୧୫ ହଜାର କୋଟି ଟଙ୍କା ମିଳିବ ବୋଲି ଅନୁମାନ କରାଯାଉଛି।


### ଭ୍ରମ ସଂଶୋଧନ

ଗତ ତା୦୧।୧୨।୨୦୧୮ରିଖ ଧରିତ୍ରୀ ପୃଷ୍ଠା ୧୫ରେ **ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କର** ଏକ ବିଜ୍ଞାପନ ସଂଖ୍ୟା ୧୪୧୬୫ ତା୩୦।୧୧।୨୦୧୮ ପ୍ରକାଶ ପାଇଥିଲା। ଏଥିରେ ସର୍ବସାଧାରଣ ଶୁଣାଣି ତାରିଖ ଭୁଲ୍ ପ୍ରକାଶିତ ହୋଇଛି। ଏହି ତାରିଖଟିକୁ ୩୦।୦୧।୨୦୧୯ ପରିବର୍ତ୍ତେ **ତା୦୩।୦୧।୨୦୧୯** ପଢିବାକୁ ଅନୁରୋଧ। ଏହି ଅନିଚ୍ଛାକୃତ ତ୍ରୁଟି ନିମନ୍ତେ ଆମେ ଦୁଃଖିତ। ବାକ୍ୟଟିକୁ ପୁନର୍ବାର "**.... ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୩।୦୧।୨୦୧୯ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ହିମଗିରି ବ୍ଲକ୍, ଗୋପାଳପୁର ପୋଷ୍ଟ ଅଫିସ୍ ସିଆରମାଳ ଗ୍ରାମର କୁନ୍ଦ୍ରେନ ଖେଳପଡ଼ିଆରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।**" ପଢିବାକୁ ଅନୁରୋଧ।

ବିଜ୍ଞାପନ କାର୍ଯ୍ୟନିର୍ବାହୀ ଅଧିକାରୀ

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from Contractors having valid Licence, I.T PAN No and GST Registration Certificate / Order Suppliers for **Tender call No.: 20** Black painting of tower legs on 132KV **Tentulikhunti-Dabugaon** and 132KV **Dabugaon-Umerkote** line and supply of different types material under **EHT(O&M) Division, Jayanagar. Cost of tender papers :** Rs.2,240.00 (non-refundable) in shape of Cash . **EMD:** @ 1% of quoted value. **Sale of tender documents:** from Dt.01.01.2019 to upto 11:30 AM of Dt.09.01.2019. **Last date of submission of tender :** on or before Dt.09.01.2019 upto 5:00PM. **Tenders will be opened :** on Dt.10.01.2019 at 12:30 PM.
**Corrigendum, if any, will be published in the website only.**
Sd/-
DGM (Ele.)

Please connect us: optcl.odisha optcl_odisha energyodisha

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No. RDM-LAA-JAJ-0050-2018/38297/R&DM Dated: 10 Oct. 2018

No.: XXIV-106: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କୟାଁ, ଥାନା- କୋରେଇ ସଂ. ୬୯, ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୬.୪୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ.-୧, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | କୟାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୪.୬୬ | ଏ.୬.୪୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

### ଜମି ଅନୁସୂଚୀ

**ଗ୍ରାମର ନାମ: କୟାଁ, ଥାନାର ନାମ: କୋରେଇ ନଂ.-୬୯, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର**

ଜମି ଅଧିଗ୍ରହଣ କେସ୍ ନଂ.:

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୩ | ୧୦୪୨ | ୦.୦୬ | ୦.୦୩ | ଉଷା ଜେନା, ପିତା: ନାଭ ଜେନା ଓଗେର | |
| ୨ | ୩୭ | ୮୨୪ | ୦.୨୦ | ୦.୧୩ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୩ | | ୧୦୦୭ | ୦.୫୪ | ୦.୨୮ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୪ | ୩୯ | ୧୦୫୭ | ୧.୧୭ | ୦.୩୫ | କୁଶ ପଲେଇ, ପିତା: ଗଙ୍ଗେଇ ପଲେଇ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୫ | ୪୨ | ୧୦୪୫/ ୧୧୭୧ | ୦.୩୮ | ୦.୦୭ | ଶ୍ରୀ ସିଦ୍ଧେଶ୍ୱର ମହାଦେବ ତୁଳତି ମାର୍ଫତ କୃଷ୍ଣଚନ୍ଦ୍ର ଦାସ, ପିତା: ଶୁକଦେବ ଦାସ, ଜା: ବ୍ରାହ୍ମଣ, ବା: ତୁଳତି | |
| ୬ | ୬୨ | ୧୦୫୮ | ୦.୨୪ | ୦.୦୧ | ଧନେଶ୍ୱର ସେଠୀ, ପିତା: ଭାବନ ସେଠୀ, ଜା: ଧୋବା, ବା: କୟାଁ | |
| ୭ | ୬୯ | ୧୦୫୦ | ୧.୨୪ | ୦.୫୫ | ଗୋବର୍ଦ୍ଧନ ବାରିକ, ପିତା: ଚନ୍ଦ୍ରି ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୮ | ୮୧ | ୧୦୪୫ | ୦.୪୦ | ୦.୨୨ | ଯୋଗେନ୍ଦ୍ର ମାଝୀ, ପିତା: ଶତ୍ରୁ ମାଝୀ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୯ | ୯୬ | ୮୨୩ | ୦.୦୬ | ୦.୦୬ | ଦ୍ୱାରିକାନାଥ ବାରିକ, ପିତା: ନିଶାକର ବାରିକ ଓଗେର | |
| ୧୦ | | ୯୯୩ | ୦.୫୮ | ୦.୫୮ | ଦ୍ୱାରିକାନାଥ ବାରିକ, ପିତା: ନିଶାକର ବାରିକ ଓଗେର | |
| ୧୧ | ୧୦୬ | ୧୦୦୫/ ୧୦୯୬ | ୦.୯୦ | ୦.୫୬ | ଅଲେଖ ଚନ୍ଦ୍ର ବାରିକ, ପିତା: କୃଷ୍ଣଚନ୍ଦ୍ର ବାରିକ ଓଗେର, ବା: ନିଜଗାଁ | |
| ୧୨ | ୧୧୨ | ୧୦୦୮ | ୧.୨୪ | ୦.୨୫ | ପଦନ ପଲେଇ, ପିତା: ପାଣ୍ଡୁ ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୧୩ | ୧୩୧ | ୧୦୬୪ | ୦.୩୬ | ୦.୩୩ | ବଟକୃଷ୍ଣ ସାହୁ, ପିତା: ମଣି ସାହୁ, ଜା: ଖରଡ଼ା, ବା: ବାଲିଆପାଳ | |
| ୧୪ | | ୧୦୬୮ | ୦.୨୯ | ୦.୦୯ | ବଟକୃଷ୍ଣ ସାହୁ, ପିତା: ମଣି ସାହୁ, ଜା: ଖରଡ଼ା, ବା: ବାଲିଆପାଳ | |
| ୧୫ | ୧୬୦ | ୯୯୭ | ୦.୩୩ | ୦.୦୩ | ଭାଗ୍ୟଧର ପଲେଇ, ପିତା: କୁଶ ପଲେଇ ଓଗେର, ଜା: ଗୋପାଳ, ବ: ନିଜଗାଁ | |
| ୧୬ | | ୧୦୬୦ | ୦.୦୭ | ୦.୦୭ | ଭାଗ୍ୟଧର ପଲେଇ, ପିତା: କୁଶ ପଲେଇ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୭ | ୧୬୮ | ୮୨୫ | ୦.୨୨ | ୦.୧୪ | ମଣି ପଲେଇ, ପିତା: ବୀର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୧୮ | ୧୬୮ | ୧୦୬୨ | ୦.୩୧ | ୦.୧୬ | ମଣି ପଲେଇ, ପିତା: ବୀର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୧୯ | | ୧୦୬୩ | ୦.୦୪ | ୦.୦୧ | ମଣି ପଲେଇ, ପିତା: ବୀର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୨୦ | ୧୭୪ | ୮୧୧ | ୦.୦୩ | ୦.୦୧ | ମଦନ ଖିଲାର, ପିତା: ଶୁକୁଟି ଖିଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୧ | | ୮୧୪ | ୦.୦୬ | ୦.୦୬ | ମଦନ ଖିଲାର, ପିତା: ଶୁକୁଟି ଖିଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୨ | | ୮୧୬ | ୦.୩୬ | ୦.୨୨ | ମଦନ ଖିଲାର, ପିତା: ଶୁକୁଟି ଖିଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୩ | | ୮୨୦ | ୦.୧୪ | ୦.୦୧ | ମଦନ ଖିଲାର, ପିତା: ଶୁକୁଟି ଖିଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୪ | ୧୭୮ | ୧୦୫୯ | ୦.୨୮ | ୦.୨୦ | ମଧୁସୂଦନ ବେହେରା, ପିତା: ସୁରେନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୨୫ | ୧୮୬ | ୯୯୨ | ୧.୨୨ | ୦.୧୮ | ମିନତୀ ବାରିକ, ପିତା: କୀର୍ତ୍ତନ ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୬ | ୨୧୬ | ୧୦୭୫ | ୦.୨୮ | ୦.୧୫ | ଶରତ ଚନ୍ଦ୍ର ବେହେରା ଓଗେର, ପିତା: ରାମଚନ୍ଦ୍ର ବେହେରା, ଜା: ଗୋପାଳ, ବା: ଖିଲିପଙ୍ଖା | |
| ୨୭ | ୨୧୮ | ୧୦୦୫ | ୦.୫୬ | ୦.୦୧ | ସାରିଆ ଖିଲାର, ସ୍ୱାମୀ: ବନମାଳୀ ଖିଲାର, ଜା: ଗୋପାଳ, ବା: ନିଜଗାଁ | |
| ୨୮ | ୨୨୧ | ୧୦୪୬ | ୦.୬୧ | ୦.୧୫ | ଶ୍ରୀଧର ବେହେରା, ପିତା: ମାର୍କଣ୍ଡ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୨୯ | ୨୨୭ | ୧୦୭୬ | ୦.୧୩ | ୦.୦୨ | ସୁନା ପରିଡ଼ା, ସ୍ୱାମୀ: ଭୀମ ପରିଡ଼ା, ଜା: ଗୋପାଳ, ବା: ନିଜଗାଁ | |
| ୩୦ | ୨୨୮ | ୧୦୪୩ | ୦.୪୪ | ୦.୨୬ | ସୁରେନ୍ଦ୍ର ବେହେରା, ପିତା: ନିଶାକର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୩୧ | | ୧୦୪୪ | ୦.୦୪ | ୦.୦୪ | ସୁରେନ୍ଦ୍ର ବେହେରା, ପିତା: ନିଶାକର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୩୨ | ୨୩୯ | ୯୯୯ | ୦.୪୦ | ୦.୨୬ | ହରିହର ମୁଦୁଲି, ପିତା: ରାମଚନ୍ଦ୍ର ମୁଦୁଲି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୩ | ୨୪୬ | ୮୧୫ | ୦.୨୧ | ୦.୨୧ | ହିନା ଖିଲାର, ପିତା: ନାଣ୍ଡୁ ଖିଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୪ | | ୮୨୧ | ୦.୦୮ | ୦.୦୨ | ହିନା ଖିଲାର, ପିତା: ନାଣ୍ଡୁ ଖିଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୫ | | ୮୨୨ | ୦.୦୪ | ୦.୦୪ | ହିନା ଖିଲାର, ପିତା: ନାଣ୍ଡୁ ଖିଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୬ | | ୧୦୬୭ | ୦.୧୮ | ୦.୦୫ | ହିନା ଖିଲାର, ପିତା: ନାଣ୍ଡୁ ଖିଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୭ | ୨୪୭/ ୨୨ | ୧୦୭୮ | ୦.୦୯ | ୦.୦୨ | ମଧୁସୂଦନ ବେହେରା, ପିତା: ସୁରେନ୍ଦ୍ର ନାଥ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୩୮ | ୨୪୭/ ୨୩ | ୧୦୬୬ | ୦.୧୦ | ୦.୦୭ | ମଧୁସୂଦନ ବେହେରା, ପିତା: ସୁରେନ୍ଦ୍ର ନାଥ ବେହେରା, ଜା: ତନ୍ତି, ବା: ନିଜଗାଁ | |
| ୩୯ | ୨୪୭/ ୨୪ | ୧୦୬୧ | ୦.୪୪ | ୦.୪୪ | ଅଲେଖ ଚନ୍ଦ୍ର ବାରିକ, ପିତା: କୃଷ୍ଣଚନ୍ଦ୍ର ବାରିକ | |
| ୪୦ | ୨୫୪ | ୧୦୭୫ | ୦.୦୭ | ୦.୦୭ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୪୧ | | ୧୦୫୭/ ୧୧୦୫ | ୦.୨୭ | ୦.୦୨ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| | | | ମୋଟ | ୬.୪୩ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୪୧ (ଏକ ଚାଳିଶି), ମୋଟ ଅଧିଗୃହୀତ ଜମି: ୬.୪୩ ଏକର ।

ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀ
ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

24001/14/0528/1819

ମଣ୍ଡଳ ଅଧିକାରୀ
ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

# ବିଜୟରୁ ମୁରେଙ୍କ ନୂଆବର୍ଷ ଅଭିଯାନ

ବ୍ରିସବେନ୍, ୧।୧(ଏପି): ବ୍ରିଟେନ ଟେନିସ ତାରକା ଆଣ୍ଡି ମୁରେ ବିଜୟରୁ ୨୦୧୯ ବର୍ଷର ଅଭିଯାନ ଆରମ୍ଭ କରିଛନ୍ତି। ଏଠାରେ ଚାଲିଥିବା ବ୍ରିସବେନ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସରେ ୩୧ ବର୍ଷୀୟ ମୁରେ ୬-୩, ୬-୪ ସିଧାସଳଖ ଗେମ୍‌ରେ ଅଷ୍ଟ୍ରେଲିଆର ୱାଇଲ୍ଡକାର୍ଡ ପ୍ରାପ୍ତ ଜେମ୍ସ ଡକ୍‌ୱର୍ଥଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ମୁରେଙ୍କୁ ଏକ ଘଣ୍ଟା ୩୦ ମିନିଟ୍ ସମୟ ଲାଗିଥିଲା। ସେପ୍ଟେମ୍ବରରେ ଆହତ ହୋଇ କୋର୍ଟରୁ ଦୂରେଇ ରହିଥିବା ପ୍ରାକ୍ତନ ବିଶ୍ୱର ଏକ ନମ୍ବର ଖେଳାଳି ମୁରେଙ୍କ ପ୍ରତ୍ୟାବର୍ତ୍ତନ ପରେ ଏହା ପ୍ରଥମ ପ୍ରଫେଶନାଲ ମ୍ୟାଚ୍ ଥିଲା। ତିନିଥର ଗ୍ରାଣ୍ଡସ୍ଲାମ ବିଜେତା ମୁରେ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୪୦ତମ ସ୍ଥାନରେ ରହିଛନ୍ତି। ଆହତ ଲାଗି ୨୦୧୮ରେ ସେ ମାତ୍ର ୬ଟି ଟୁର୍ଣ୍ଣାମେଣ୍ଟ ଖେଳିପାରିଥିଲେ। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ମୁରେଙ୍କ ସାଥୀ ଖେଳାଳି ଜୋହାନ କୋଣ୍ଟା ୬-୪, ୬-୩ ସିଧାସଳଖ ସେଟ୍‌ରେ ୨୦୧୭ ୟୁଏସ୍ ଓପନ୍ ବିଜେତା ସ୍ଲୋଆନେ ଷ୍ଟିଭେନ୍ସଙ୍କୁ ହରାଇ ଦେଇଛନ୍ତି।

# ହାପି ଏକାଦଶ ଚାମ୍ପିୟନ

**ସନ୍ତୋଷ ସ୍ମାରକୀ କ୍ରିକେଟ**

ଭୁବନେଶ୍ୱର,୧।୧(ସ୍ପୋର୍ଟ୍ସ ବ୍ୟୁରୋ)

ରସୁଲଗଡ଼ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୯ତମ ସନ୍ତୋଷ ସ୍ମାରକୀ ଟୁର୍ଣ୍ଣାମେଣ୍ଟରେ କଟକର ହାପି ଏକାଦଶ ଦଳ ଚାମ୍ପିୟନ ହୋଇଛି। ମଙ୍ଗଳବାର ଆୟୋଜିତ ଫାଇନାଲରେ କଟକର ଭି. ଲାୟନ୍ସକୁ ୬ ଉଇକେଟରେ ହାପି ଏକାଦଶ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ଭି. ଲାୟନ୍ସ ଦଳ ଧାର୍ଯ୍ୟ ୧୫ ଓଭରରେ ୭ ଉଇକେଟ ହରାଇ ୧୭୧ ରନ୍ କରିଥିଲା। ଦଳ ଲାଗି କାଳୁ ସାହୁ ୫୭ ରନ୍ କରିଥିଲେ। ଜବାବରେ ସମ୍ମିତ ବେହେରାଙ୍କ ବିସ୍ଫୋରକ ୯୩ ରନ୍‌ର ଇନିଂସ ବଳରେ ହାପୀ ଏକାଦଶ ୧୨.୩ ଓଭରରେ ୬ ଉଇକେଟ ହରାଇ ୧୭୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବୋଲିଂରେ ଭି. ଲାୟନ୍ସ ଦଳ ପାଇଁ ବାପୁନ ପଟ୍ଟନାୟକ ୩ ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ଶ୍ରୀଧର ବଳିଆରସିଂ ଓ କୈଳାସ ରାଉଳ ଅମ୍ପାୟର ଭାବେ ପରିଚାଳନା କରିଥିଲେ। ରେଫରି ଦାୟିତ୍ୱରେ ସମ୍ମିତ ପାଇକରାୟ ଥିଲେ। ଚାମ୍ପିୟନ ଦଳ ପାଇଁ ବିସ୍ଫୋରକ ଇନିଂସ ଖେଳିଥିବା ସମ୍ମିତ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଲାୟନ୍ସ ଦଳର ବାପୁନ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ଦିଆଯାଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଯାଜ୍ଞଶିଷ ମହାପାତ୍ର, ବୁଦ୍ଧପ୍ରକାଶ ମହାପାତ୍ର, ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ବଳିଆରସିଂ, ନିରଞ୍ଜନ ରାଉତରାୟ ଓ ରବୀନ୍ଦ୍ର ଜଗଦେବ ଅତିଥି ଭାବେ ଯୋଗ ଦେଇଥିଲେ।

ଚାମ୍ପିୟନ ହାପି ଏକାଦଶ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।




# ଆଜାରେଙ୍କାଙ୍କୁ ହରାଇଲେ ଭେନସ୍

**ଅକ୍‌ଲାଣ୍ଡ କ୍ଲାସିକ୍**

ଅକ୍‌ଲାଣ୍ଡ, ୧।୧(ଏଏଫ୍‌ପି): ପ୍ରଫେଶନାଲ ଟେନିସରେ ୨୫ ବର୍ଷରେ ପାଦ ଥାପିଥିବା ଆମେରିକା ତାରକା ଭେନସ୍ ୱିଲିୟମ୍ସ ଅକ୍‌ଲାଣ୍ଡ କ୍ଲାସିକରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଏଠାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ ଅକ୍‌ଲାଣ୍ଡ କ୍ଲାସିକ ପ୍ରତିଯୋଗିତାରେ ୩୮ ବର୍ଷୀୟା ଭେନସ୍ ୬-୩, ୧-୬, ୬-୩ ସେଟ୍‌ରେ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ର ଫଳାଫଳ ବାହାରିବାକୁ ୨ ଘଣ୍ଟା ୧୦ ମିନିଟ୍ ସମୟ ଲାଗିଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଜୁଲିଆ ଗର୍ଜେସ ୬-୦, ୬-୪ ସିଧାସଳଖ ସେଟ୍‌ରେ ସ୍ୱିଡେନର ଜୋହନା ଲାର୍ସନଙ୍କୁ ମାତ୍ ଦେଇଛନ୍ତି। ତେବେ ଆମେରିକାର ସୋଫିଆ କେନିନ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସୋଫିଆ ୭-୫, ୨-୬, ୬-୨ ସେଟ୍‌ରେ ୪ର୍ଥ ସିଡ୍ ପେଟ୍ରା ମାର୍ଟିକଙ୍କୁ ହରାଇ ଦେଇଛନ୍ତି।


**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
BALIMELA HDRO ELECTRIC PROJECT, AT/POST: BALIMELA, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com, CIN: U40101OR1995SGC003963

**2nd CORRIGENDUM TO TCN No. 22/2018-19 Dated 20.11.2018**

**No. CAD-1188:- Sub:** Supply, Installation, Testing and commissioning of Distrubance Recorder Cum Event logger with GPS based Time Synchronised System under PSDF scheme on turn key basis at BHEP, Balimela.

The l**ast dates of this Office Tender Call Notice No: 22/2018-19 dated 20.11.2018 f**or Supply, installation, Testing and commissioning of Disturbance Recorder Cum Event logger with GPS based Time Synchronised System under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper: 13.00 hrs of 15.01.2019
Last date of Receipt of Tender: 16.00 hrs of 15.01.2019
Date of opening of tender paper: 16.30 hrs of 15.01.2019
All other terms and conditions of the above TCN remains unaltered.

Sd./- Sr General Manager (Ele.)
Balimela HEP, Balimela
04019/11/0092/1819

**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
BALIMELA HDRO ELECTRIC PROJECT, AT/POST: BALIMELA, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com, CIN: U40101OR1995SGC003963

**2nd CORRIGENDUM TO TCN No. 23/2018-19 Dated 22.11.2018**

**No. CAD-1189:- Sub:** Supply, Retrofitting, Testing, installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis at BHEP, Balimela.

The la**st dates of this Office Tender Call Notice No: 23/2018-19 dated 22.11.2018 fo**r Supply, Retrofitting, Testing, Installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper: 13.00 hrs of 16.01.2019
Last date of Receipt of Tender: 16.00 hrs of 16.01.2019
Date of opening of tender paper: 16.30 hrs of 16.01.2019
All other terms and conditions of the above TCN remains unaltered.

Sd./- Sr. General Manager (Ele.)
Balimela HEP, Balimela
04019/11/0093/1819

**OFFICE OF THE DIVISIONAL FOREST OFFICER, SATKOSIA WILDLIFE DIVISION, ANGUL**
Memo No . ____6756________/Dt. 29.12.2018

**No.129-MM:-** Sealed tenders are invited in two Bid systems for established / reputed / registered / experienced and accredited manufactures for supply of following items for use in Satkosia Wildlife Division, Angul.

| Item | Quantity | Cost of Tender Paper | EMD to be deposited |
|---|---|---|---|
| Supply, Installation and commissioning of FRP Floating Jetty | 3 ( Three) | Rs. 1,000/- | 2% of the quoted price |

Non transferable tender documents for supply of the items stated above will be available from the office of the Divisional Forest Officer, Satkosia Wildlife Division, Angul, Odisha on payment of tender document cost as specified above. The tender document cost which is non- refundable, should be payable in shape of crossed Demand Draft drawn in favour of the Divisional Forest Officer, Satkosia Wildlife Division, Angul. The last date of submission of tender document through Registered post /speed post is up to 3.00 pm of 21.01.2019.

Sd./-
Divisional Forest Officer,
Satkosia Wildlife Division, Angul
08022/11/0005/1819

**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH**
Notice No. 7649/ CDM &PHO/SNG/Dt. 26.12.18
(ବାଇନୋକୁଲାର ଏଲ.ଇ.ଡି. ଫ୍ଲୁରେସେନ୍ସ ମାଇକ୍ରୋସ୍କୋପି କ୍ରୟ ସମ୍ବନ୍ଧେ ବିଜ୍ଞାପନ)

**No.720-E:-** The sealed tenders are invited from the willing supplier/distributor/ wholesaler to quote the rates of Binocular LED Fluorescence Microscope as per specification metioned in the tender. The bidders are requested to submit their sealed tenders to the office of the undersigned by Speed Post/ Regd. Post/Courier Services only on or before dt. 14.01.2019 till 5 PM. The said tenders will be opened on dt. 15.01.2019 at 11 AM and after due date & time any tender will not be entertained. The bidders himself or their representatives are requested to remain present in the fixed date & time for opening of tenders. The details term & conditions and items list can be downloaded from the district website- www.sundergarh.nic.in.

The undersigned reserves the right to accept/reject all the tenders without assigning any reason thereof.

Sd./- Dr. D.K. Sarangi
Chief District Medical &
Public Health Officer, Sundargarh
10100/11/0070/1819

**ODISHA LIFT IRRIGATION CORPORATION LTD**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
Phone : (0674) 2390195, Fax: : (0674)2395844, E-mail : olicltd123@bsnl.com, olicltd@ymail.com
No. 13759 /OLIC, Dated: 31.12.2018

**NATIONAL COMPETITIVE BIDDING THROUGH e-Procurement**

**No. CAD-1196:-** Tender in sealed cover with Commercial bid and technical bid superscribed with tender specification number for supply of Submersible pump sets in conformity with detail tender call notice are invited from reputed manufactures by the M.D , OLIC, Bhubaneswar as per the schedule.

| Sl. No. | Tender Specifi-cation No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-15(E) 2018-19 | Submersible Pump set to deliver 1.75 LPS at 20 Mtr. Head | 35 | 5.641 | 0.056 | 4,000/- + GST 5% on reverse charge basis |

1. Period of Completion :- 60 days of issue of purchase order.
2. Date & Time of availability of bid document in the portal:- From Dt.01.01.2019 to Dt. 29.01.2019
3. Last date/Time for receipt of bids in the portal:-Dt.29.01.2019 upto17.00 hrs.
4. Last date of seeking clarification: Dt.08.01.2019 upto17.00 hrs
5. Name and address of the Officer Inviting Bid:- M.D , OLIC,. Plot No. N- 17/2, Nayapalli, P.B No.155 Bhubaneswar-751012
6. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reason thereof.
32135/11/0032/1819 *Sd./- MANAGING DIRECTOR*

**ODISHA LIFT IRRIGATION CORPORATION LTD**
(A Government of Odisha undertaking)
Plot No.17/2, Nayapali, Bhubaneswar - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 13794 /OLIC, Dated: 31.12.2018

**NATIONAL COMPETITIVE BIDDING THROUGH e-Procurement**

No.CAD-1202: Tender in sealed cover with Commercial bid and technical bid super scribed with tender specification number for supply of Submersible pump sets in conformity with detail tender call notice are invited from reputed manufactures by the M.D , OLIC, Bhubaneswar as per the schedule.

| Sl. No | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-3(E) 2018-19 | Submersible Pump set to deliver 1.75 LPS at 30 Mtr. Head | 700 | 120.792 | 1.208 | 10,000/- + GST 5% on reverse charge basis |

1. Period of Completion :- 60 days of issue of purchase order.
2. Date & Time of availability of bid document in the portal:- From Dt.01.01.2019 to Dt. 29.01.2019
3. Last date/Time for receipt of bids in the portal:-Dt.29.01.2019 upto17.00 hrs.
4. Last date of seeking clarification: Dt.08.01.2019 upto17.00 hrs
5. Name and address of the Officer Inviting Bid:- M.D, OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
6. Further details can be seen from the e-procurement portal **https://tendersodisha.gov.in**.

Authority reserves the right to reject any or all the tenders without assigning any reason thereof.
32135/11/0028/1819 **Sd./- MANAGING DIRECTOR**

**ODISHA LIFT IRRIGATION CORPORATION LTD**
(A Government of Odisha undertaking)
Plot No.17/2, Nayapali, Bhubaneswar - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 13738 /OLIC, Dated: 31.12.2018

**NATIONAL COMPETITIVE BIDDING THROUGH e-Procurement**

No.CAD-1198: Tender in sealed cover with Commercial bid and technical bid superscribed with tender specification number for supply of Submersible pump sets in conformity with detail tender call notice are invited from reputed manufactures by the M.D , OLIC, Bhubaneswar as per the schedule.

| Sl. No | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-11(E) 2018-19 | Submersible Pump set to deliver 3.00 LPS at 40 Mtr. Head | 1420 | 282.594 | 2.826 | 10,000/- + GST 5% on reverse charge basis |

1. Period of Completion :- 60 days of issue of purchase order.
2. Date & Time of availability of bid document in the portal:- From Dt.01.01.2019 to Dt. 29.01.2019
3. Last date/Time for receipt of bids in the portal:-Dt.29.01.2019 upto17.00 hrs.
4. Last date of seeking clarification: Dt.08.01.2019 upto17.00 hrs
5. Name and address of the Officer Inviting Bid:- M.D, OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
6. Further details can be seen from the e-procurement portal **https://tendersodisha.gov.in**.

Authority reserves the right to reject any or all the tenders without assigning any reason thereof.
32135/11/0021/1819 **Sd./- MANAGING DIRECTOR**

**ODISHA LIFT IRRIGATION CORPORATION LTD**
(A Government of Odisha undertaking)
Plot No.17/2, Nayapali, Bhubaneswar - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 13787 /OLIC, Dated: 31.12.2018

**NATIONAL COMPETITIVE BIDDING THROUGH e-Procurement**

No.CAD-1192: Tender in sealed cover with Commercial bid and technical bid superscribed with tender specification number for supply of Submersible pump sets in conformity with detail tender call notice are invited from reputed manufactures by the M.D , OLIC, Bhubaneswar as per the schedule.

| Sl. No | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-6(E) 2018-19 | Submersible Pump set to deliver 1.75 LPS at 100 Mtr. Head | 50 | 16.783 | 0.168 | 6,000/- + GST 5% on reverse charge basis |

1. Period of Completion :- 60 days of issue of purchase order.
2. Date & Time of availability of bid document in the portal:- From Dt.01.01.2019 to Dt. 29.01.2019
3. Last date/Time for receipt of bids in the portal:-Dt.29.01.2019 upto17.00 hrs.
4. Last date of seeking clarification: Dt.08.01.2019 upto17.00 hrs
5. Name and address of the Officer Inviting Bid:- M.D, OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
6. Further details can be seen from the e-procurement portal **https://tendersodisha.gov.in**.

Authority reserves the right to reject any or all the tenders without assigning any reason thereof.
32135/11/0022/1819 **Sd./- MANAGING DIRECTOR**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BOLANGIR**
No.1263-O
E-Mail ID: eerw_blgr@yahoo.co.in

**e Procurement Notice**
**IFB IDENTIFICATION NO. EEBLGR-online-15/2018-19**

| | | |
|---|---|---|
| 1. | Name of work | : Building Works |
| 2. | Total no of works | : 1 (One) no. |
| 3. | Approximate Estimated Cost | : 28.98 Lakhs |
| 4. | Time for completion | : 6 (Six) months |
| 5. | Mode of Submission of tender | : Tender should be submitted online in www.tenders.ori.nic.in |
| 6. | Other details are as follow | : As per TCN No.EEBLGR-online-15/2018-19 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Bolangir | Online Tender/15/ BLGR /2018-19 | 02.01.2019 At 11.00 A.M. | 10.01.2019 upto 5.00 P.M. | 09.01.2019 upto 1.00 P.M. | 14.01.2019 at 11.00 A.M. |

• Further details can be seen from the website **www.tenders.ori.nic.in**.
• Any Corrigendum/Addendum will be displayed in the above e tender website only.

Executive Engineer
R.W.Division, Bolangir
25068/11/0008/1819

**ODISHA LIFT IRRIGATION CORPORATION LTD**
(A Government of Odisha undertaking)
Plot No.17/2, Nayapali, Bhubaneswar - 12
Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com
No. 13731 /OLIC, Dated: 31.12.2018

**NATIONAL COMPETITIVE BIDDING THROUGH e-Procurement**

No.CAD-1203: Tender in sealed cover with Commercial bid and technical bid superscribed with tender specification number for supply of Submersible pump sets in conformity with detail tender call notice are invited from reputed manufactures by the M.D , OLIC, Bhubaneswar as per the schedule.

| Sl. No | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-8(E) 2018-19 | Submersible Pump set to deliver 2.0 LPS at 60 Mtr. Head | 3320 | 858.917 | 8.589 | 10,000/- + GST 5% on reverse charge basis |

1. Period of Completion :- 60 days of issue of purchase order.
2. Date & Time of availability of bid document in the portal:- From Dt.01.01.2019 to Dt. 29.01.2019
3. Last date/Time for receipt of bids in the portal:-Dt.29.01.2019 upto17.00 hrs.
4. Last date of seeking clarification: Dt.08.01.2019 upto17.00 hrs
5. Name and address of the Officer Inviting Bid:- M.D, OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
6. Further details can be seen from the e-procurement portal **https://tendersodisha.gov.in**.

Authority reserves the right to reject any or all the tenders without assigning any reasons thereof.
32135/11/0029/1819 **Sd./- MANAGING DIRECTOR**


XXXI-90

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No. RDM-LAB-BOUDH-0015-2017- 40330 Dated : 30.10.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଉଦେପୁର, ଥାନା- ପୁରୁଣାକଟକ, ନଂ ୩୫, ତହସିଲ- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍ ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତନ ରେଳପଥ, ବଲାଙ୍ଗୀରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୮୦୬, ତା. ୧୪.୦୯.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଉଦେପୁର, ଥାନା- ପୁରୁଣାକଟକ, ଜିଲ୍ଲା- ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.boudh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା : ବୌଦ୍ଧ** **ତହସିଲ : ହରଭଙ୍ଗା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଉଦେପୁର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ ୪.୦୮୦ | ଏ. ୩.୨୨୦ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୭୩୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା : ବୌଦ୍ଧ ତହସିଲ : ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ : ୧୧.୦୮.୨୦୧୮**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଯୁଗ୍ମ ଶାସନ ସଚିବ**

**ଜମିର ତାଲିକା**
**ଖୋର୍ଦ୍ଧା ରୋଡ - ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ**
**ଗ୍ରାମ : ଉଦେପୁର, ତହସିଲ : ହରଭଙ୍ଗା, ଥାନା : ପୁରୁଣା କଟକ (ନଂ-୩୫) ଜିଲ୍ଲା : ବୌଦ୍ଧ**

**ଏ. ବ୍ୟକ୍ତିଗତ ଜମି**

| କ୍ର. | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ନଂ. | ଖତିୟାନ ନଂ | ପ୍ଲଟ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୧୭ | ୧୮ | ୨.୭୦୦ | ୦.୫୦୦ | ଶାରଦ ଜଳ-୨ | ଦାଶରଥି ଅଗ୍ରୱାଲ, ପି- ନନ୍ଦ କିଶୋର ଅଗ୍ରୱାଲା, ବା: ଉଦେପୁର |
| ୨ | | ୩୮ | ୨.୨୭୦ | ୧.୭୦୦ | ଶାରଦ ଜଳ-୨ | |
| ୩ | ୨୦ | ୨୦ | ୦.୧୩୦ | ୦.୧୩୦ | ଆଟ | ନିଳାଦ୍ରି ପ୍ରଧାନ, ପି- ସୁରୁ ପ୍ରଧାନ, ବା : ଉଦେପୁର |
| ୪ | | ୨୧ | ୦.୧୫୦ | ୦.୦୧୦ | ଆଟ | |
| ୫ | ୪୯/୧୧ | ୧୯ | ୦.୧୫୦ | ୦.୧୫୦ | ଆଟ | ପ୍ରହ୍ଲାଦ ସାହୁ, ପି- ଗୋପୀନାଥ ସାହୁ, ବା: ଉଦେପୁର |
| | | | **୫.୪୦୦** | **୨.୪୯୦** | | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | | |
| ୧ | ୨୦ | ୨୧ | ୦.୧୫୦ | ୦.୧୪୦ | ଆଟ | ନିଳାଦ୍ରି ପ୍ରଧାନ, ପି- ସୁରୁ ପ୍ରଧାନ, ବା: ଉଦେପୁର |
| ୨ | ୨୩ | ୨୪ | ୦.୩୮୦ | ୦.୩୮୦ | ଆଟ | ପିତବାସ ପ୍ରଧାନ, ପି- ଗିରିଧାରୀ ପ୍ରଧାନ, ବା: ଉଦେପୁର |
| ୩ | ୩୭ | ୨୩ | ୦.୧୦୦ | ୦.୧୦୦ | ଆଟ | ଅନାଦି ଚରଣ ସାହୁ, ପି- ଖଲେଶ୍ୱର ସାହୁ, ବା: ଉଦେପୁର |
| ୪ | ୪୩ | ୨୨ | ୦.୧୧୦ | ୦.୧୧୦ | ଆଟ | ଶିବ ପ୍ରଧାନ, ପି- ଚିନ୍ତାମଣି ପ୍ରଧାନ, ବା : ଉଦେପୁର |
| | | | **୦.୭୪୦** | **୦.୭୩୦** | | |
| ଏକର. ଡେସିମାଲ | | | | | | |
| ବ୍ୟକ୍ତିଗତ. ଜମି | | | | | ୨.୪୯୦ | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | ୦.୭୩୦ | |
| ମୋଟ | | | | ୪.୦୮୦ | ୩.୨୨୦ | |

24001/14/0531/1819

## ସଂକ୍ଷେପରେ

### ଆଇସିସି ଟି୨୦ ବିଶ୍ୱକପ୍: ଶ୍ରୀଲଙ୍କା, ବାଂଲାଦେଶ ସିଧାସଳଖ ଯୋଗ୍ୟତାରୁ ବଞ୍ଚିତ

**ଦୁବାଇ, ୧୧(ପି.ଟି.):** ୨୦୨୦ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍‌କୁ ପ୍ରାକ୍ତନ ଚାମ୍ପିୟନ ଶ୍ରୀଲଙ୍କା ଓ ବାଂଲାଦେଶ ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ତାଲିକା ଅନୁଯାୟୀ ବିଶ୍ୱ ଟି୨୦ ମାନ୍ୟତାର ଟପ୍ ର୍ୟାଙ୍କ୍ ଦଳ ପାକିସ୍ତାନ ସମେତ ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଏସିଆର ଉଦୀୟମାନ ଦଳ ଆଫଗାନିସ୍ତାନ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କିନ୍ତୁ ପାକିସ୍ତାନ ଓ ବାଂଲାଦେଶ ସମେତ ଅନ୍ୟ ୬ଟି ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଏଥିରୁ ୪ଟି ଟିମ୍ ସୁପର୍-୧୨ରେ ପ୍ରବେଶ କରିବେ। ୨୦୧୪ ଚାମ୍ପିୟନ ଶ୍ରୀଲଙ୍କା ସିଧାସଳଖ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ ମଧ ତାଙ୍କ ଦଳ ଟୁର୍ନାମେଣ୍ଟରେ ଭଲ କରିବ ବୋଲି ଅଧିନାୟକ ଲସିଥ୍ ମାଲିଙ୍ଗା ଆଶା ବ୍ୟକ୍ତ କରିଛନ୍ତି। ଡିସେମ୍ବର ୩୧ ସୁଦ୍ଧା ଟି୨୦ ମାନ୍ୟତାର ଶୀର୍ଷ ୮ଟି ଦଳ ସମେତ ଆୟୋଜକ ଦେଶ ଏହି ମେଗା ଇଭେଣ୍ଟକୁ ସିଧାସଳଖ ପ୍ରବେଶ କରିଛନ୍ତି। ୨୦୨୦ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଟି୨୦ ବିଶ୍ୱକପ୍‌ର ୭ମ ସଂସ୍କରଣ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ।

### ଗୁରୁକୁଳ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ୍ ଓଡ଼ିଶାର ୪ ଖେଳାଳି କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି):** ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ କମ୍ପ୍ଲେକ୍ସରେ ଆରମ୍ଭ ହୋଇଛି ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ୍ ଟୁର୍ନାମେଣ୍ଟ। ଏଥିରେ ଟପ୍ ଏବଂ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଉଥିବା ଚିନ୍ମୟ ପ୍ରଧାନ ଓ ଅଂଶୁ କୁମାର ଭୂୟାଁଙ୍କ ସମେତ ୪ ଓଡ଼ିଆ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟରରେ ଚିନ୍ମୟ ଅନ୍ୟତମ ଓଡ଼ିଆ ଖେଳାଳି ଅଭିଜିତ ପ୍ରଧାନଙ୍କୁ ୭-୫, ୭-୫ ସେଟ୍‌ରେ ହରାଇଥିବାବେଳେ ଅଂଶୁ ଛତିଶଗଡ଼ର ସାର୍ଥକ ଦେଓରାସଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ଆଦିତ୍ୟ ଶତପଥୀ ମହାରାଷ୍ଟ୍ରର ପୁନିତ ଧୋକେଙ୍କୁ ୬-୦, ୬-୪ ଏବଂ ଅମୃତଜୟ ମହାନ୍ତି ଓଡ଼ିଆ ଖେଳାଳି ସନ୍ତୋଷ ମଲିକଙ୍କୁ ୭-୫, ୬-୧ ସେଟ୍‌ରେ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ବାହାର ରାଜ୍ୟ ଖେଳାଳିଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲ, ଦିଲ୍ଲୀର ରିତ୍ୱିକ୍ କାଶ୍ୟପ, ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର.ଚୌଧୁରୀ ଓ ତେଲେଙ୍ଗାନାର ସାଇ କାର୍ତ୍ତିକ ଆର. ଗନ୍ତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଛତିଶଗଡ଼, କର୍ଣ୍ଣାଟକ, ତାମିଲନାଡ଼ୁ, ତେଲେଙ୍ଗାନା, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ନୂଆଦିଲ୍ଲୀ, ଗୁଜରାଟ ଏବଂ ଓଡ଼ିଶା ଆଦି ୧୦ ରାଜ୍ୟରୁ ୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଖେଳାଳି ୧୫ ଓ ରନର୍ସଅପ୍ ୧୨ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିବ।



ବର୍ତ୍ତମାନ ନମ୍ବର ୱାନ ର୍ୟାଙ୍କିଙ୍ଗ୍ ହାସଲ ଅପେକ୍ଷା ନିଜ ଶରୀର ପ୍ରତି ଯତ୍ନକୁ ମୁଁ ଅଗ୍ରାଧିକାର ଦେଉଛି ।
–ରାଫାଲ ନାଡାଲ, ସ୍ପାନିଶ ଟେନିସ ଖେଳାଳି



ଅଷ୍ଟ୍ରେଲିଆ ବିପକ୍ଷରେ ବୁମ୍‌ରାଙ୍କ ବୋଲିଂ ଯଦିଓ ବିପଜ୍ଜନକ, ନମ୍ବର ୩ରେ ପୂଜାରାଙ୍କ ବ୍ୟାଟିଂ ମଧ ଗୁରୁତ୍ୱପୂର୍ଣ୍ଣ ।
–ବ୍ରାଡ୍ ହଗ୍,ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର

# ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

**କଟକ ଅଫିସ,୧୧**

ନ୍ୟୁ ଦିଲ୍ଲୀ ପାଲମ ସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ସର୍ଭିସେସ ନିୟନ୍ତ୍ରଣରେ ରହିଛି। ମଙ୍ଗଳବାର ୩ୟ ଦିବସରେ ସର୍ଭିସେସ ବଢ଼ିଆ ବ୍ୟାଟିଂକରି ୪୧୭/୮ରେ ଇନିଂସ ଘୋଷଣା କରିଛି । ବାମହାତୀ ଅଲରାଉଣ୍ଡର ବିକାଶ ହଥୱାଲା ୧୧୫ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଇନିଂସରେ ୧୭୭ରନ କରିଥିବା ଓଡ଼ିଶା ୩ୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଦ୍ୱିତୀୟ ଇନିଂସ୍‌ରେ ଗୋଟିଏ ଉଇକେଟ ହରାଇ ୬୫ରନ୍ କରିଛି । ହାତରେ ୯ ଉଇକେଟ ଥିବାବେଳେ ଦଳ ଏବେ ବି ୧୭୫ରନ୍ ପଛରେ ରହିଛି । ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ। ସମ୍ପୂର୍ଣ୍ଣ ଦିବସ ବ୍ୟାଟିଂ କରିପାରିଲେ ଓଡ଼ିଶା ମ୍ୟାଚ ଡ୍ର ରଖିବା ସହ ପରାଜୟ ଏଡାଇ ପାରିବ। ମାତ୍ର ଏହା କଷ୍ଟସାଧ ମନେ ହେଉଛି।

**ସଂକ୍ଷିପ୍ତ ସ୍କୋର**

- ସର୍ଭିସେସ ପ୍ରଥମ ଇନିଂସ: ୪୧୭/୮/ ଘୋଷଣା (ବିକାଶ ହଥୱାଲା-୧୧୫, ନଭନୀତ ସିଂ-୬୪, ଗୋବିନ୍ଦ ପୋଦ୍ଦାର-୨/୮୫, ଅଭିଷେକ ରାଉତ-୨/୧୦୩)।
- ଓଡ଼ିଶା ଦ୍ୱିତୀୟ ଇନିଂସ୍: ୬୫/୧ (ଦେବାଶିଷ ସାମନ୍ତରାୟ-୩୫, ଶାନ୍ତନୁ ମିଶ୍ର-୩୦*, ଖଲିଲ ଅହମ୍ମଦ-୧/୩୦)।

ସୋମବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ସର୍ଭିସେସ ୪ ଉଇକେଟ ହରାଇ ୧୮୩ରନ୍ କରିଥିଲା। ଅଧିନାୟକ ରଜତ ପାଲିୱାଲ ୨୨ ଓ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ବିକାଶ ହଥୱାଲା ୯ରନ୍ କରି ଅପରାଜିତ ଥିଲେ। ମଙ୍ଗଳବାର ଖେଳର ପ୍ରଥମ ସେସନ୍‌ରେ ଓଡ଼ିଶା ବୋଲରଙ୍କୁ ଉଭୟ ସଫଳତାର ସହ ମୁକାବିଲା କରିଥିଲେ। ୧୩୫ବଲରୁ ରଜତ ଅର୍ଦ୍ଧଶତକ ପୂରଣ କରି ବ୍ୟକ୍ତିଗତ ୬୨ରନ୍ କରିଥିବା ବେଳେ ଉଇକେଟ କିପରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ । ଓଡ଼ିଶା ନିମନ୍ତେ ଏହି ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ରାଜେଶ ମହାନ୍ତି ଦେଇଥିଲେ ।

**ରଣ୍‌ଜୀ ଟ୍ରଫି**

୯୨ବଲରୁ ଅର୍ଦ୍ଧଶତକ ପୂରଣ କରିବା ସହ ବିକାଶ ଗୋଟିଏ ପାର୍ଶ୍ୱରୁ ଦଳର ସ୍କୋରକୁ ବଢ଼ାଉଥିଲେ ମଧ୍ୟ ଅନ୍ୟ ପାର୍ଶ୍ୱରୁ ଓଡ଼ିଶା ବୋଲରଙ୍କୁ ଉଇକେଟ ମିଳିଥିଲା। ଫଳରେ ସର୍ଭିସେସ କୌଣସି ଉଇକେଟ ଯୋଡ଼ିରେ ବଡ଼ ଭାଗୀଦାରି ପାଇ ନ ଥିଲା। ଉଇକେଟ କିପର ଦେଭେନ୍ଦର ଲୋହଚାବ ୧୫ ଓ ଅରୁଣ ବାମଲ ୧୬ରନ କରି ଆଉଟ ହୋଇଥିଲେ । କ୍ରିଜ୍‌କୁ ଆସିବା ମାତ୍ରେ ବଡ ଶଟ୍ ଖେଳି ଖଲିଲ ଅହମ୍ମଦ କିଛି ସମୟ ଓଡ଼ିଶା ବୋଲରଙ୍କ ଚିନ୍ତା ବଢ଼ାଇ ଦେଇଥିଲେ । ତେବେ ପାର୍ଟଟାଇମ ବୋଲର ଶାନ୍ତନୁ ମିଶ୍ର ଖଲିଲଙ୍କୁ ୩୪ରନ୍‌ରେ କଟ୍ ଆଣ୍ଡ ବୋଲ୍ଡ କରି ପ୍ୟାଭିଲିୟନ ଫେରାଇବାରେ ସଫଳ ହୋଇଥିଲେ । ୪୧୭ରନ୍‌ରେ ସର୍ଭିସେସ ଇନିଂସ ଘୋଷଣା କରିଥିଲା । ବିକାଶ ୧୦ ଚୌକା ଓ ୨ ଛକା ସହାୟତାରେ ୧୯୬ବଲରୁ ୧୧୫ରନର ଶତକୀୟ ଇନିଂସ୍ ଖେଳଥିଲେ । ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଗୁରୁଦେବ ପଠାନିଆ ୧୫ରନ୍‌ରେ ଅପରାଜିତ ଥିଲେ । ଓଡ଼ିଶା ପକ୍ଷରୁ ଅଭିଷେକ ରାଉତ ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ରଙ୍କୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ପ୍ରଥମ ଉଇକେଟରେ ୬୩ରନ୍ ଯୋଡ଼ିଥିଲା । ଷ୍ଟମ୍ପ ଅପସାରଣର କିଛି ମିନିଟ ପୂର୍ବରୁ ଶାନ୍ତନୁ ୩୦ରନ୍‌ରେ ଖଲିଲ ଅହମ୍ମଦଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଦେବାଶିଷ ସାମନ୍ତରାୟ ୩୫ରନ ଓ ଶୁଭ୍ରାଂଶୁ ସେନାପତି କୌଣସି ରନ ନ କରି ଅପରାଜିତ ଅଛନ୍ତି ।

# ରିଲଟନ ଚେସ୍‌ରେ ଦେବାଶିଷ ପ୍ରଭାବୀ

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି)**



ଦେବାଶିଷ ଦାସ

ସ୍ୱିଡେନରେ ଚାଲିଥିବା ସମ୍ମାନଜନକ ରିଲଟନ କପ୍ ଚେସ୍ ଟୁର୍ନାମେଣ୍ଟର ୫ମ ରାଉଣ୍ଡ ଶେଷସୁଦ୍ଧା ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ(୨୫୪୪ ରେଟିଂ)ଙ୍କୁ ମିଶ୍ରିତ ଫଳ ମିଳିଛି। ସେ ୩ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୩.୫ ପଏଣ୍ଟ ପାଇଛନ୍ତି। ମଙ୍ଗଳବାର ବିଶ୍ରାମ ଦିବସ ହୋଇଥିବାବେଳେ ବୁଧବାର ୬ଷ୍ଠ ରାଉଣ୍ଡରେ ସ୍ୱିଡେନ ଗ୍ରାଣ୍ଡମାଷ୍ଟର ବେଲୋନ ଲୋପେଜ ଜୁଆନ ମାନୁଏଲ(୨୩୩୪)ଙ୍କୁ ଭେଟିବେ ଦେବାଶିଷ। ପ୍ରଥମ ରାଉଣ୍ଡରେ ଭାରତୀୟ କ୍ୟାଣ୍ଡିଡେଟ ମାଷ୍ଟର ରାହିଲ ମଲିକ(୨୨୭୬)ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିବା ଦେବାଶିଷ ଦ୍ୱିତୀୟ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଲର୍ଲେଣ୍ଡ ମିକାଲସେନ(୨୩୫୭)ଙ୍କଠାରୁ ହାରି ଯାଇଥିଲେ। ତେବେ ସେ ତୃତୀୟ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଆନ୍ଦ୍ରେ ନେଲସନ(୨୨୧୧)ଙ୍କୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୪ର୍ଥ ରାଉଣ୍ଡରେ ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ମାଷ୍ଟର ଜନ ପଲ୍ ୱାଲାସ(୨୩୬୭)ଙ୍କୁ ସେ ହରାଇଥିବାବେଳେ ୫ମ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଜୋହାନେସ ହଗ୍(୨୪୦୨)ଙ୍କ ସହ ପଏଣ୍ଟ ଭାଗ କରିଛନ୍ତି। ଟୁର୍ନାମେଣ୍ଟରେ ୨୫ ଦେଶର ୧୬୧ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୧୨୫ ଟାଇଟଲଧାରୀ (୨୬ ଗ୍ରାଣ୍ଡମାଷ୍ଟର, ୫ ମହିଳା ଗ୍ରାଣ୍ଡମାଷ୍ଟର, ୩୪ ଅନ୍ତର୍ଜାତୀୟ ମାଷ୍ଟର, ୪ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୪୧ ଫିଡେ ମାଷ୍ଟର, ୭ ମହିଳା ଫିଡେ ମାଷ୍ଟର ଓ ୮ ମହିଳା କ୍ୟାଣ୍ଡିଡେଟ ମାଷ୍ଟର) ସାମିଲ। ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ୫ ତାରିଖରେ ଉଦ୍‌ଯାପିତ ହେବ।

### ଗଡ଼େଶ୍ୱର ଜୁନିୟର କ୍ରିକେଟ ଲିଗ୍

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଏସ. ହିମାଂଶୁ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି):** ଗାଡ଼କଣରେ ଚାଲିଥିବା ଗଡ଼େଶ୍ୱର ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଲିଗ୍‌ର ଅନ୍ତିମ ୨ଟି ଲିଗ୍ ମ୍ୟାଚ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଗ୍ରୀନ୍ସ ଏକାଡେମୀ ଓ ପାରାମାଉଣ୍ଟ ବିଜୟୀ ହୋଇଛନ୍ତି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର–ପାରାମାଉଣ୍ଟ ଏବଂ ଦ୍ୱିତୀୟ ସେମିଫାଇନାଲରେ ଗ୍ରୀନ୍ସ ଏକାଡେମୀ–ସହିଦ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ।

ମଙ୍ଗଳବାର ଲିଗ୍ ମ୍ୟାଚରେ ପାରାମାଉଣ୍ଟ ୯ ଉଇକେଟରେ ଭାରତ ଭୂଷଣ ଏକାଡେମୀ (ବିବିସିଏ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟରେ ୯୦ ରନ କରିଥିଲା। ଆୟୁଷ ମହାନ୍ତି (୫୧*)ଅର୍ଦ୍ଧଶତକ କରିଥିବାବେଳେ ଅନ୍ୟମାନେ ଫେଲ୍ ମାରିଥିଲେ। ପାରାମାଉଣ୍ଟ ବୋଲରଙ୍କ ମଧ୍ୟରେ ସ୍ୱୟଂ ସାର୍ଥକ ରାଉତରାୟ ୩ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୧୪.୫ ଓଭରରେ ୧ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ୫ ଓଭରରେ ୧୫ ରନ ଦେଇ ୩ଟି ଉଇକେଟ ପାଇଥିବା ସ୍ୱୟଂ ସାର୍ଥକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅନ୍ୟ ଏକ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୨୪.୩ ଓଭରରେ ୧୩୭ରେ ଅଲଆଉଟ ହୋଇଯାଇଥିଲା। ଏସ. ହିମାଂଶୁ ୪୮ ବଲ୍‌ରୁ ୫୭ ଓ ଆୟୁଷ ଚାନ୍ଦ ୩୬ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ସାମିନ ନୌସାଦ ୩ ଏବଂ ତନ୍ମୟ ନିଶାଙ୍କ ୨ଟି ଉଇକେଟ ନେଇଥିଲେ। ୧୩୮ ରନ ବିଜୟ ଲକ୍ଷ୍ୟ ପିଛା ପରି ଓସ୍କାର ୯ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ରାହୁଲ ମହାନ୍ତି ସର୍ବାଧିକ ୨୫ ରନ କରିଥିଲେ। ଗ୍ରୀନ୍ସ ପକ୍ଷରୁ ସୂର୍ଯ୍ୟକାନ୍ତ ଭୂଟିଆ ୩ ଏବଂ ଏସ.ହିମାଂଶୁ ୨ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ହିମାଂଶୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଦୀପ ଜେନା, ପ୍ରସନ୍ନ ବେଉରା ଓ ଆଶୁତୋଷ ସାମନ୍ତରାୟ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱ ତୁଲାଇଥିଲେ ରଶ୍ମିରଞ୍ଜନ ମଲ୍ଲ।

# ମେଘାଳୟ ନିୟନ୍ତ୍ରଣରେ କିଟ୍ ରଣ୍‌ଜୀ

**ଭୁବନେଶ୍ୱର, ୧୧(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ସିକ୍କିମ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ପ୍ଲେଟ୍ ପର୍ଯ୍ୟାୟ ମ୍ୟାଚ୍ ମେଘାଳୟ ନିୟନ୍ତ୍ରଣରେ ରହିଛି। ଉଇକେଟ୍‌କିପର ପୁନିତ୍ ବିଷ୍ଟଙ୍କ ତ୍ରିଶତକ ପରେ ଯୋଗେଶ ନାଗର (୧୪୮) ଓ ଗୁରିନ୍ଦର ସିଂ (୧୦୧*)ଙ୍କ ଦମ୍‌ଦାର ଶତକ ସହାୟତାରେ ମେଘାଳୟ ପ୍ରଥମ ଇନିଂସରେ ୭ ଉଇକେଟ୍‌ରେ ୮୨୬ ରନ କରି ଇନିଂସ ଘୋଷଣା କରିଛି। ଜବାବରେ ୬୦୭ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଘରୋଇ ସିକ୍କିମ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ହରାଇ ୭୨ ରନ ସଂଗ୍ରହ କରିଛି। ଅଧିନାୟକ ନୀଲେଶ ଲାମିଚାନୀ ୩୮ ଓ ଆଶିଷ ଥାପ୍ପା ୬ ରନ କରି ଅପରାଜିତ ରହିଛନ୍ତି। ହାତରେ ଆହୁରି ୮ ଉଇକେଟ୍ ରହିଥିବାବେଳେ ସିକ୍କିମ ଇନିଂସ ପରାଜୟ ଏଡ଼ାଇବା ପାଇଁ ୫୩୬ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ଚତୁର୍ଥ ଦିବସରେ ସିକ୍କିମର ବଳକା ୮ ଉଇକେଟ୍ ଅକ୍ତିଆର କରି ମେଘାଳୟ ବୋନସ୍ ପଏଣ୍ଟ ସହ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ବାହାରିବା ସମ୍ଭାବନା ରହିଛି। ସୋମବାର ଖେଳ ଶେଷ ସୁଦ୍ଧା ମେଘାଳୟ ପ୍ରଥମ ଇନିଂସରେ ୩ ଉଇକେଟ୍ ହରାଇ ୫୫୫ ରନ କରିଥିଲା। ସେତେବେଳକୁ ପୁନିତ୍ ୩୦୧ ଓ ନାଗର ୩୦ ରନ କରି ଅପରାଜିତ ରହିଥିଲେ। ମଙ୍ଗଳବାର ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ମେଘାଳୟ ୮୨୬/୭ ସ୍କୋରରେ ଇନିଂସ ଘୋଷଣା କରିଥିଲା। ପୁନିତ୍ ପୂର୍ବଦିନ ସ୍କୋରରେ ଆଉ ୪୨ ରନ ଯୋଡ଼ି ୩୪୩ (୫୩ ଚୌକା, ୧ ଛକା) କରି ଆଉଟ୍ ହୋଇଥିଲେ। ଲି ୟଙ୍ଗ୍ ଲେପ୍‌ଚା ଏହି ପ୍ରାଇଜ୍ ଉଇକେଟ୍ ପାଇଥିଲେ।

# ବରାହୀପୁର ଫୁଟବଲ: ଉଡ଼ିଯୋହଳ ଚାମ୍ପିୟନ



ଫାଇନାଲ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**କଣ୍ଟାପଡା,୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବରାହୀପୁର ଗୋପୀନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଗୁପ୍ତମାଣିକ-ବରାହୀପୁର ଖେଳପଡିଆଠାରେ ୩୬ତମ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଫାଇନାଲରେ ୟୁନାଇଟେଡ ଫୁଟବଲ ଟିମ ଗଣ୍ଡରପୁରକୁ ୧–୦ ଗୋଲରେ ହରାଇ ଜଳେଶ୍ୱର ଫୁଟବଲ ଟିମ ଉଡିଯୋହଳ ଚାମ୍ପିୟନ ହୋଇଛି। କ୍ୱାର୍ଟର ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଗୋଲଡେନ ଷ୍ଟାର ଫୁଟବଲ ଟିମ ଏରଞ୍ଚକୁ ୩–୦ଗୋଲରେ ହରାଇ ମା'କାଳିଜାଇ, ୨ୟ କ୍ୱାର୍ଟରରେ ଏମ.ଏସ. ଇଲେଭେନ ବାଣୀବିହାରକୁ ୨–୦ ଗୋଲରେ ହରାଇ ବରୁଣେଇ ଦହିଗାଁ, ୩ୟ କ୍ୱାର୍ଟରରେ ଭୁବନେଶ୍ୱର–୨କୁ ୩–୦ ଗୋଲରେ ହରାଇ ବଳେଶ୍ୱର ଫୁଟବଲ ଟିମ ଉଡିଯୋହଳ ଓ ୪ର୍ଥ କ୍ୱାର୍ଟରରେ ମାରୁ ସୁଇଟକ୍ଲବ କଟକକୁ ୧–୦ରେ ହରାଇ ୟୁନାଇଟେଡ କ୍ଲବ ଗଣ୍ଡରପୁର ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ଚିଲିକାକୁ ୧–୦ରେ ହରାଇ ଉଡିଯୋହଳ ଓ ଦ୍ୱିତୀୟ ସେମିରେ ଦହିଗାଁକୁ ଟାଇବ୍ରେକରରେ ହରାଇ ଗଣ୍ଡରପୁର ଫାଇନାଲରେ ପ୍ରବେଶ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଶାନ୍ତ କୁମାର ମଲିକ ମୁଖ୍ୟଅତିଥି, ଶରତ ଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତା ଓ ଉପେନ୍ଦ୍ର କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୬୦୦୦ ଓ ରନର୍ସଅପ ଦଳକୁ ୪୦୦୦ଟଙ୍କା ପ୍ରଦାନ କରିଥିଲେ। ରେଫରି ବ୍ରହ୍ମାନନ୍ଦ ଦାସ, ସଞ୍ଜିବ ଦାସ, ଦୁର୍ଗା ଆଚାର୍ଯ୍ୟ, ଚିତ୍ତରଞ୍ଜନ ପ୍ରଧାନ ଓ ଆଶୀର୍ବାଦ କାନୁନଗୋ ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ଗଣ୍ଡରପୁରର ତୋଫାନ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି, ଉଡିଯୋହଳର ଏସ.କେ. କମଲଙ୍କୁ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପ୍ରଦାନ କରାଯାଇଥିଲା।

# କୁଚ୍‌ବିହାର ଟ୍ରଫି: ଦୃଢ଼ ସ୍ଥିତିରେ ଆସାମ

**କଟକ ଅଫିସ,୧୧**

ବୋଷ୍ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା–ଆସାମ ୧୯ବର୍ଷରୁ କମ୍ ବାଳକ କୁଚ୍‌ବିହାର ଟ୍ରଫି ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ପ୍ରଥମ ଇନିଂସ ୧୨୭ରନ ଜବାବରେ ଆସାମ ୨୪୦ରନ କରିଛି। ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ ହରାଇ ୧୩୬ରନ୍ କରିଛି। ଘରୋଇ ମାଟିରେ ଓଡ଼ିଶା ମ୍ୟାଚ୍‌କୁ ହାତଛଡ଼ା କରିବା ଭଳି ପରିସ୍ଥିତି ଉପୁଜିଛି। ମଙ୍ଗଳବାର ଆସାମ ଦିନର ଅସମାପ୍ତ ସ୍କୋର ୮୬/୧ରୁ ଖେଳ ଆରମ୍ଭକରି ୨୪୦ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନିବିର ଡେକା ୫୫ରନ୍ କରିଥିବାବେଳେ ଡେନିଶ ଦାସ, ଶିଭମ ମିଓଲ ଓ ଗୁଞ୍ଜଜ୍ୟୋତି ଡେକା ପ୍ରତ୍ୟେକ ୩୩ ରନ ଲେଖାଏଁ କରିଥିଲେ। ଓଡ଼ିଶା ପକ୍ଷରୁ ବିନୀତ କୁମାର ମହାନ୍ତି ଓ ଅଙ୍କିତକାର ଜୈସ୍ୱାଲ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସ୍‌ରେ ମଧ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। କେବଳ ଅଧିନାୟକ ସ୍ୱସ୍ତିକ ସାମଲଙ୍କ ଅପରାଜିତ ୮୩ରନକୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ଉପଯୋଗୀ ଇନିଂସ ଖେଳିପାରି ନାହାନ୍ତି। ରଘୁନାଥ ମଲ୍ଲ ୧୨ରନ, ବିନୀତ କୁମାର ମହାନ୍ତି ୧୮ରନ କରିଥିଲେ। ଆସାମ ପକ୍ଷରୁ ସୁନୀତ ଲଛିତ ୩ଟି ଉଇକେଟ ଅକ୍ତିଆର କରିଥିଲେ।



ମଙ୍ଗଳବାର ସିଡ୍‌ନୀସ୍ଥିତ କରିବିଲି ହାଉସ୍‌ଠାରେ ଅଷ୍ଟ୍ରେଲିଆ ଓ ଭାରତୀୟ କ୍ରିକେଟ ଦଳ ପାଇଁ ଆୟୋଜିତ ଏକ ଅଭ୍ୟର୍ଥନା ଉତ୍ସବ ଅବସରରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ (ବାମରୁ ଦ୍ୱିତୀୟ) ଓ ତାଙ୍କ ସ୍ତ୍ରୀ ଜେନି (ବାମ) ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି (ଡାହାଣରୁ ଦ୍ୱିତୀୟ) ଏବଂ ତାଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା (ଡାହାଣ)।

# ଅନ୍ତିମ ଲଢ଼େଇ

**ଡିନ୍ ଜୋନ୍ସ**

ଭବିଷ୍ୟବାଣୀ ସତ ହୋଇଛି। ଏମ୍‌ସିଜିରେ ଭାରତ ତୃତୀୟ ଟେଷ୍ଟରେ ବିଜୟ ହାସଲ କରିଛି। ଏଥିରେ ଈଶାନ୍ତ, ଶାମି ଓ ଯଶପ୍ରୀତ ଚମତ୍କାର ବୋଲିଂ କରି ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏହି ତ୍ରୟ ସର୍ବାଧିକ ଉଇକେଟ ହାସଲ କରିପାରିଛନ୍ତି। ପ୍ରାୟ ଅଧା ଖେଳାଳିଙ୍କ ଅନଭିଜ୍ଞ ସତ୍ତ୍ୱେ ଭାରତୀୟ ଦଳ ଅଷ୍ଟ୍ରେଲିଆରେ ପ୍ରଭାବୀ ପ୍ରଦର୍ଶନ କରିବା ସାମାନ୍ୟ କଥା ନୁହେଁ। ପୂର୍ବରୁ ଅନେକ ଚେଷ୍ଟାକରି ବିଫଳ ହୋଇଛନ୍ତି। ଅଷ୍ଟ୍ରେଲିଆକୁ ଧୂଳି ଚଟାଇବା ଲାଗି ବିରାଟ କୋହଲିଙ୍କ ଦଳକୁ ଏକ ସୁଯୋଗ ଆସିଛି।

ସିଡ୍‌ନୀ ପିଚ୍ ସାମାନ୍ୟ ଶୁଷ୍କ। ଏଠାରେ ବଲ୍ ମଧ ସେତେଟା ଟର୍ନ କରିବ ନାହିଁ। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ମିଚେଲ ମାର୍ଶଙ୍କ ସ୍ଥାନରେ ମାର୍ନସ ଲବୁଚେନ୍‌ଙ୍କୁ ଖେଳାଇବ। କିନ୍ତୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଭାରତ ଏହାର ଦଳରେ କୌଣସି ଅଦଳବଦଳ କରିବ କି ନା। ମୋ ବିଚାରରେ ଜାଡେଜା ଓ କୁଲଦୀପଙ୍କୁ ଖେଳାଇବା ଉଚିତ ହେବ। ଅଷ୍ଟ୍ରେଲିଆ ବାମହାତୀ ଅର୍ଥୋଡକ୍ସ ଲେଗ୍‌ସ୍ପିନକୁ ଭଲରୂପେ ଖେଳି ପାରେନା। ଜାଡେଜା ମେଲବୋର୍ନଠାରେ ଚମତ୍କାର ବୋଲିଂ କରିଥିଲେ। କୁଲଦୀପଙ୍କୁ ଖେଳାଇବା ଦ୍ୱାରା ୬ଷ୍ଠ ସ୍ଥାନରେ ପନ୍ତଙ୍କ ଉପରୁ କିଛି ଚାପ କମିଯିବ। ସିରିଜର ଅନ୍ତିମ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ନ ଖେଳିବା ରୋହିତ ଶର୍ମାଙ୍କ ପାଇଁ ଦୁର୍ଭାଗ୍ୟଜନକ। ୧୯୭୭–୭୮ରେ ବିଶେନ ସିଂ ବେଦୀଙ୍କ ଅଧୀନରେ ଭାରତ ଅଳ୍ପକେ ୨–୩ରେ ସିରିଜ ହାରିଯାଇଥିଲା। ଏଥର କୋହଲିଙ୍କ ନେତୃତ୍ୱରେ ସିରିଜ ଜିତିବାର ସମ୍ଭାବନା ଦେଖାଦେଇଛି। ଆଇସିସି ମ୍ୟାଚ ରେଫରି ଏମ୍‌ସିଜି ପିଚ୍‌କୁ ଆଭରେଜ ମାନ୍ୟତା ଦେଇଛନ୍ତି। ଭାରତ ପାଇଁ ଅଷ୍ଟ୍ରେଲିଆ କାହିଁକି ଧିମା ଟର୍ନିଂ ପିଚ୍ ପ୍ରସ୍ତୁତ କଲା ତାହା ବୁଝି ହେଉନାହିଁ। ସେମାନେ ହୁଏତ କଠିନ ବାଉନ୍ସି ଓ ଫାଷ୍ଟ ପିଚ୍ ତିଆରି କରି ପାରିଥାନ୍ତେ। ଆହୁରି ମଧ ପୂଜାରା ଓ ବିରାଟ କିପରି ଇନିଂସ ଗଢୁଛନ୍ତି ତାହା ଉପରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ କାହିଁକି ଧ୍ୟାନ ଦେଉନାହାନ୍ତି। ଏହି ଦୁଇ ଖେଳାଳିଙ୍କ ଧୈର୍ଯ୍ୟ ଓ ରକ୍ଷଣାତ୍ମକ ଖେଳ ବାସ୍ତବିକ୍ ଦର୍ଶନୀୟ। ଅନ୍ୟପକ୍ଷରେ ଅଷ୍ଟ୍ରେଲୀୟମାନେ ଯେତେବେଳେ ବାଉଣ୍ଡାରୀ ମାରିବାକୁ ଯାଉଛନ୍ତି ଅବା ତରବରିଆ ହୋଇ ରନ ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ଆଉଟ ହେଉଛନ୍ତି। ଡ୍ରେସିଂରୁମ୍‌ରେ ସେମାନେ ଏ ବିଷୟରେ ଆଲୋଚନା ମଧ କରୁଥିବେ। ଭାରତ ଯଦି ଏହି ସିରିଜ ୩–୧ରେ ଜିତେ ତେବେ ଏହାଠାରୁ ବଡ଼ ଖୁସିର ବିଷୟ ଅବା କ'ଣ ହୋଇପାରେ। ବିରାଟ ଓ ତାଙ୍କ ଖେଳାଳିମାନେ ଅନ୍ତିମ ଲଢ଼େଇରେ ବିଜୟ ହାସଲ କରି ବର୍ଡର–ଗାଭାସ୍କର ଟ୍ରଫି ହାସଲ କରିବେ ବୋଲି ମୁଁ ଆଶା କରୁଛି।

–ଗେମ୍ ପ୍ଲାନ

THE ULTIMATE INVERTER BATTERY
EXIDE INVATUBULAR

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**ଚନ୍ଦାହାଣ୍ଡି, ୧।୧(ଡି.ଏନ.ଏ.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ପଞ୍ଚାୟତ ଡଙ୍ଗ୍ରୀଗୁଡାଠାରେ ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଭେଣ୍ଡିଆ ଗ୍ରାମର ଯୋଗୀପୋଟାଙ୍କ ପୁଅ ଡିଲେଶ୍ୱର ପୋଟାଙ୍କ ମୃତ୍ୟୁ ହୋଇଛି। ଡିଲେଶ୍ୱର କୁହୁଡି ଗ୍ରାମରୁ ସମ୍ପର୍କୀୟଙ୍କ ଘରକୁ ନିଜ ବାଇକ ଯୋଗେ ବାହାରିଥିଲେ। ପରିବାର ଲୋକେ ଫୋନ କରି ବୁଝିବାରୁ ଡିଲେଶ୍ୱର ଆସି ନଥିବା ସମ୍ପର୍କୀୟ କହିଥିଲେ। ମଙ୍ଗଳବାର ସକାଳେ କୁହୁଡି ଘାଟି ପୂର୍ବରୁ ଡଙ୍ଗରୀଗୁଡାଛକ ନିକଟରେ ବାଇକ ଏବଂ ଡିଲେଶ୍ୱର ମୃତଦେହ ଦେଖି ଲୋକେ ଚନ୍ଦାହାଣ୍ଡି ଥାନାକୁ ଖବର ଦେଇଥିଲେ। ଖବରପାଇ ଏଏସଆଇ ଗୁଣନିଧି ସାହୁ ପୋଲିସ ଟିମ ସହ ଯାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ୧୨ରେ ଉପାନ୍ତ ସାହିତ୍ୟ ସମ୍ମିଳନୀ 'କାକର'



**ପାପଡାହାଣ୍ଡି,୧।୧(ଡି.ଏନ.ଏ):** ଜାନୁୟାରୀ ୧୨ ଓ ୧୩ ତାରିଖରେ ପାପଡାହାଣ୍ଡିରେ ଆୟୋଜିତ ହେବାକୁ ଯାଉଛି ଉପାନ୍ତ ସାହିତ୍ୟ ସମ୍ମିଳନୀ କାକର। ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ଆୟୋଜିତ ହୋଇଛି। ଏଥିରେ ରାଜ୍ୟର ବହୁ କବି, ସାହିତ୍ୟିକ ଏବଂ ଜିଲାର ବିଭିନ୍ନ ପଦାଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ ଏ ନେଇ ଏକ କମିଟି ଗଠନ କରାଯାଇଥିଲା। ଜିଲା କମିଟି ଗଠନ କରି ଅଧକ୍ଷ ଭାବେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଉପାଧକ୍ଷ ସୋମନାଥ ବିଶୋୟୀ, ସଂଯୋଜକ ସୁଶାନ୍ତ କୁମାର ବେହେରା ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡିଶା ସାହିତ୍ୟ ଏକାଡେମୀ ପରିଚାଳନା କରିବ। ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଦୀପ କୁମାର ହୋତା, ତପନ ବିଶୋୟୀ, ଶିବ କୁମାର ତ୍ରିପାଠୀ, ମିତ୍ରଭାନୁ ସତନାମୀ, ରତିକାନ୍ତ ଦୁବେ, ଏନ. ଜନାର୍ଦ୍ଦନ ରାଓ, ସୁବ୍ରତ କୁମାର ବେହେରା, ଦିଲୀପ ସ୍ୱାଇଁ, ସୁଦାମ ସେଠୀ, ସବ୍ୟସାଚୀ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### କାଳିଆ ଯୋଜନା ଉପରେ ଭିଡିଓ କନ୍‌ଫରେନ୍ସ



**ଡାବୁଗାଁ,୧।୧(ଡି.ଏନ.ଏ.):** ବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ କାଳିଆ ଯୋଜନା ଉପରେ ଭିଡିଓ କନଫରେନ୍ସ ସୋମବାର ଆୟୋଜନ କରାଯାଇଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଭିଡିଓ କନଫରେନ୍ସ ହୋଇପାରିନଥିଲା । ଏହି କାଳିଆ ଯୋଜନାରେ ଚାଷ ପାଇଁ ସହାୟତା, ଭୂମିହୀନଙ୍କୁ ସହାୟତା, ବୃଦ୍ଧ ଓ ଅସମର୍ଥଙ୍କୁ ସହାୟତା, ଜୀବନବୀମା ସହାୟତା ଓ ଶୁଦ୍ଧ ମୁକ୍ତ ଋଣ ସହାୟତା ଆଦି ଯୋଜନା ରହିଛି । ଏହି ଭିଡିଓ କନଫରେନ୍ସ ସଭାରେ ବିଡିଓ ଗୌରହରୀ ପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ବିଧୂତ ଶେଖର ମିଶ୍ର, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ସହକାରୀ ଉଦ୍ୟାନ ଅଧିକାରୀ ଜି.ରଶ୍ମୀରେଖା, ଲ୍ୟାମ୍ପ ପରିଚାଳକ ଆର. ଶଙ୍କର ରାଓ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ, ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମାଝୀ, କୃଷି ଅଧିଦର୍ଶକ ପି. ନାଗଭୂଷଣ ରାଓ, କେ. ଭୀମା ରାଓ,ଗ୍ରାମ୍ୟ କୃଷି କର୍ମଚାରୀ ସୁଶାନ୍ତ କୁମାର ରାଉତ ଏବଂ ଗ୍ରାମ୍ୟ ଉଦ୍ୟାନ କର୍ମଚାରୀ ଜଗଦୀଶ ତରାସିଆ ପ୍ରମୁଖ ଉପସ୍ଥିତ ଥିଲେ।

# କାଳିଆ ଯୋଜନା ପାଇଁ ଜିଲାସ୍ତରୀୟ ବୈଠକ

**ନବରଙ୍ଗପୁର,୧।୧(ବି.ପ୍ର.)**



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

- ୧୮୯ ପଞ୍ଚାୟତରେ ନୋଡାଲ ଅଧିକାରୀ ମନୋନୀତ
- ପ୍ରଥମ ପର୍ଯ୍ୟାୟରେ ୨ରୁ ୧୦ ତାରିଖରେ କ୍ଷୁଦ୍ର ଚାଷୀଙ୍କ ଠାରୁ ଆବେଦନ ଗ୍ରହଣ
- ୨ୟ ପର୍ଯ୍ୟାୟରେ ୨୦ରୁ ୩୦ ତାରିଖ ମଧରେ ଚାଷୀଙ୍କ ଆବେଦନ ଗ୍ରହଣ କରାଯିବ

ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ଜିଲା ପ୍ରଶାସନ ପକ୍ଷରୁ କାଳିଆ ଯୋଜନାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥରେ ଜିଲାପାଳ ଅଜିତ କୁମାର ମିଶ୍ର ଅଧକ୍ଷତା କରିଥିଲେ। କାଳିଆ ଯୋଜନାର ସୁପରିଚାଳନା ପାଇଁ ଜିଲାର ୧୮୯ ପଞ୍ଚାୟତରେ ନୋଡାଲ ଅଧିକାରୀ ମନୋନୀତ କରାଯାଇଛି। ୨୦୧୮- ୧୯ ରବି ଚାଷରେ କ୍ଷୁଦ୍ର ଓ ନାମକୁ ମାତ୍ର ଚାଷୀଙ୍କ ପରିବାରକୁ ୫ ହଜାର ଟଙ୍କା ଆର୍ଥିକ ସହାୟତା କରିବା ପାଇଁ ଯୋଜନା କରାଯାଇଥିବା କହିଥିଲେ। ଏଥିପାଇଁ ୨ ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଚାୟତରେ କ୍ଷୁଦ୍ର ଓ ନାମକୁ ମାତ୍ର ଚାଷୀଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯିବ। ଚାଷୀ ଆବେଦନ କରିଥିବା ପତ୍ର ଗୁଡିକ ପ୍ରତିଦିନ ଯାଞ୍ଚ କରାଯିବ । ୧୩ ତାରିଖରେ ଯୋଗ୍ୟ ଆବେଦନ କାରୀଙ୍କ ନାମ ତାଲିକା ପ୍ରକାଶିତ ହେବ । ୧୪ରୁ ୧୬ ତାରିଖ ମଧରେ ଯୋଗ୍ୟ ଆବେଦନକାରିଙ୍କ ତାଲିକା ଲ୍ୟାମ୍ପ ମାଧମରେ ବ୍ଲକ ସ୍ତରୀୟ କମିଟିକୁ ହସ୍ତାନ୍ତର କରାଯିବ । ପ୍ରଥମ ପର୍ଯ୍ୟାୟର ମନୋନୀତ ତାଲିକାକୁ ଆର୍ଥୀକ ସହାୟତା ପାଇଁ ବ୍ୟାଙ୍କଙ୍କୁ ପଠାଇବ। ୨୨ରୁ ୨୫ ତାରିଖ ମଧରେ ବ୍ୟାଙ୍କ ସମ୍ପୃକ୍ତ ଆବେଦନକାରୀଙ୍କ ଜମାଖାତାରେ ଟଙ୍କା ଜମା କରିବେ । ସେହଭଳି ଦ୍ୱିତୀୟ ପର୍ଯ୍ୟାୟ ୨୦ରୁ ୩୦ ତାରିଖ ମଧରେ ଗ୍ରାମ ପଞ୍ଚାୟତରେ ଚାଷୀ ଆବେଦନ ଓ ଯାଞ୍ଚ କରାଯିବ । ଫେବୃୟାରୀ ୩ରେ ଯୋଗ୍ୟ ତାଲିକା ପ୍ରଦାନ କରାଯିବ । ୫ରୁ ୮ ମଧରେ ଲ୍ୟାମ୍ପ ଦ୍ୱାରା ତାଲିକା ବ୍ଲକ ସ୍ତରରେ ପହଞ୍ଚିବ । ୧୩ ରୁ ୧୫ ତାରିଖ ମଧରେ ବ୍ୟାଙ୍କ ଯୋଗ୍ୟ ଚାଷୀଙ୍କ ଜମାଖାତାରେ ଟଙ୍କା ଜମା କରିବ ବୋଲି ନିଷ୍ପତ୍ତି ନିଆଯାଇଛି । ସେହିଭଳି ତୃତୀୟ ପର୍ଯ୍ୟାୟରେ ମଧ ଆବେଦନ ପତ୍ର ଗ୍ରହଣ କରାଯିବ । ଏହାର ତାରିଖ ଘୋଷଣା କରାଯାଇନାହିଁ। ଏହି ଯୋଜନାରେ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି , ଉଦ୍ୟାନ କୃଷି, ପ୍ରାଣୀଧନ ଚିକିତ୍ସା ଓ ମତ୍ସ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସାମିଲ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ କରୁଣାକର ରାଇକା, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଆତ୍ମା) କମଳ ଲୋଚନ ନାୟକ, କୃଷି ଅଧିକାରୀ ଆନନ୍ଦ ରାଓ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପିଡି ସୂର୍ଯ୍ୟକାନ୍ତ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଉପ କୃଷି ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ ।






# 'ପ୍ରୟାସ', 'ପ୍ରୀତିଫଗୁଣ' ଉନ୍ମୋଚିତ

**ନବରଙ୍ଗପୁର,୧।୧(ଡି.ଏନ.ଏ.)**

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ଅନୁଷ୍ଠାନ ୟୁସଲେସ କ୍ଲବ ପକ୍ଷରୁ ୨୯ ତମ ମୁଖପତ୍ର 'ପ୍ରୟାସ' ଉନ୍ମୋଚନ ହୋଇଛି । ଏଥିସହ କବି, ଲେଖକ, ଶ୍ରୀମାଆ ଶ୍ରୀ ଅରବିନ୍ଦଙ୍କ ସାରସ୍ୱତ ସାଧକ ସ୍ୱର୍ଗତ ଲଳିତ ମୋହନ ପଟ୍ଟନାୟକଙ୍କ ଆଧୁନିକ ଗୀତି କବି ସଙ୍କଳନ 'ପ୍ରୀତି ଫଗୁଣ' ମୁଖ୍ୟ ଅତିଥି ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଏହି ସମାରୋହରେ କ୍ଲବର ସଭାପତି ରାକେଶ ଗୁପ୍ତା ପୌରହିତ୍ୟ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନିଲ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ସୁବାଷ ଚନ୍ଦ୍ର ମିଶ୍ର, ସାହିତ୍ୟିକ ବଲ୍ଲଭ ରାଉତ ଓ କ୍ୟାପଟେନ ତ୍ରିପତି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଦୀପ କୁମାର ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସୁରେଶ ଚନ୍ଦ୍ର ମିଶ୍ର ସହଯୋଗ କରିଥିଲେ। କ୍ଲବର ସଂଯୋଜକ ଓମକାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟିକ ଲଳିତ ମୋହନ ପଟ୍ଟନାୟକଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା । ପରେ ଶିଶୁ କଲ୍ୟାଣ କମିଟିର ଅଧକ୍ଷ ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ନିଗମାନନ୍ଦ ଆଶ୍ରମର ସଭାପତି ନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି ପ୍ରଦୀପ କୁମାର ମିଶ୍ର, ରଜତ କୁମାର ଷଡଙ୍ଗୀ, ଜେମାମଣି ବିଷୋୟୀ ଓ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା ଯୋଗ ଦେଇଥିଲେ । ଏହି ସାରସ୍ୱତ ସମାରୋହରେ ନବରଙ୍ଗପୁର, ଜୟପୁର, କୋରାପୁଟ, ଉମରକୋଟ ଅଞ୍ଚଳର ସାହିତ୍ୟିକ ଓ କବୟତ୍ରୀ କବି ଯୋଗ ଦେଇଥିଲେ । ୟୁସଲେସ କ୍ଲବର ସଦସ୍ୟ ଦୁଷ୍ମନ୍ତ ମହାନ୍ତି, ସନ୍ଦିପ ପଟ୍ଟନାୟକ, ୟୁ. ଅରୁଣ କୁମାର, ଟି. ଶ୍ରୀପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଟୁଟୁବାବୁ ପଟ୍ଟନାୟକ, ଜାନବି ପାଣିଗ୍ରାହୀ, ପ୍ରଭାତି ଦେବନାଥ, ମାରୁତି ଚନ୍ଦ୍ର ଦାଶ, ରମେଶ ଟାକ୍ରୀ, ମିତ୍ରଭାନୁ ସତନାମି, ଅଧାପିତ ପ୍ରଭାସିନି ମହାନ୍ତି, ଜଗଦିଶ ଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ବେହେରା, ବନ୍ଦିତା କର, ରାଜେନ୍ଦ୍ର କୁମାର ବିଷୋୟୀ, ବିଷ୍ଣୁ ପ୍ରିୟା କରସୁଧା ପଟ୍ଟନାୟକ, ଏମ. ଆପ୍ପାଲାସ୍ୱାମୀ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ପି. ରବିକାନ୍ତ ରଘୁରାମ, ସି.ଏଚ. ଉଷାରାଣୀ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ।

# ୬୨ ପରିବାର ଏକାଠି ପାଳିଲେ ନବବର୍ଷ

- ପାରମ୍ପରିକ ନାଚ,ଗୀତ ଓ ଭୋଜିଭାତରେ ମସଗୁଲ



ଗ୍ରାମର ଯୁବତୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

**ଡାବୁଗାଁ,୧।୧(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ଅଧୀନ ରାବଣାଗୁଡା ଗ୍ରାମର ସାହୁକାରସାହି ଠାରେ ଇଂରାଜୀ ନବବର୍ଷ ମଙ୍ଗଳବାର ଧୂମଧାମରେ ପାଳିତ ହୋଇଯାଇଛି। ଏହି ସାହୁକାର ସାହିରେ ମୋଟ ୬୨ ଆଦିବାସୀ ପରିବାର ବାସ କରୁଛନ୍ତି । ସମସ୍ତ ପରିବାର ମିଳିତ ହୋଇ ସାହି ମଧରେ ନାଚ,ଗୀତ ସହ ଆନନ୍ଦର ସହ ନବବର୍ଷ ପାଳନ କରିଥିଲେ। ପରେ ସମସ୍ତେ ମିଳିତ ହୋଇ ଏକା ସହିତ ଭୋଜନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ସମ୍ମାନିତ ଅତିଥି ସୁବାଷ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଧନପତି ମାଝୀ,ସଂଯୋଜକ ଶିକ୍ଷକ ଗୟାଧର ବାରିକ ଓ ତ୍ରିନାଥ ବାରିକ ଯୋଗ ଦେଇଥିଲେ । ଏଥିରେ ଆଦିବାସୀଙ୍କ ଭାଇଚାରା ସହ ପାରମ୍ପାରିକ ନୃତ୍ୟ ଗୀତରେ ମସଗୁଲ ହୋଇ ନବବର୍ଷକୁ ପାଳନ କରିଥିଲେ । ଏଥିରେ ସଭାପତି ଲମ୍ବୁଧର ଭତ୍ରାଙ୍କ ସହ ଚମରୁ ଭତ୍ରା, ଗଣପତି ଭତ୍ରା, ପଦମ ଭତ୍ରା,ଆଶାରାମ ଭତ୍ରା, ଧନପତି ଭତ୍ରା, ଦେବ ଭତ୍ରା, ଭୁଜବଳ ଭତ୍ରା, ଜିତୁରୁ ଭତ୍ରା, ପର୍ଶୁରାମ ଭତ୍ରା, ପୂର୍ଣ୍ଣ ଭତ୍ରା,ରଘୁନାଥ ଭତ୍ରା,ଦୁର୍ଜନ ଭତ୍ରା,ବେଣୁ ଭତ୍ରା, ଯୁକସାଏ ଭତ୍ରା,ଭାଗୀରଥୀ ଭତ୍ରା ପ୍ରମୁଖ ସହଯୋଗ କରିଥିଲେ।

## ଇଭାନଜ୍ଞିଲିକଲ ଚର୍ଚ୍ଚ ଅଫ ଇଣ୍ଡିଆ ପକ୍ଷରୁ ନୂଆବର୍ଷ ପାଳିତ

**ଧୋଡ୍ରା,୧।୧(ଡି.ଏନ.ଏ)**

ଝରିଗାଁ ବ୍ଲକ ଅଧୀନ ଚାଟିଗୁଡାସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ନର୍ସରୀଠାରେ ଇଭାନଜ୍ଞିଲିକଲ ଚର୍ଚ୍ଚ ଅଫ ଇଣ୍ଡିଆ (ଇସିଜେ) ପକ୍ଷରୁ ନୂତନ ବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବଣଭୋଜିର ଆୟୋଜନ କରାଯାଇଥିଲା। ଏଥରେ ଇସିଜେ ପାଷ୍ଟର କିଶୋର ନାୟକ ଅଧକ୍ଷତା କରିଥିଲେ। ଓ୍ୱାର୍ଡମେମ୍ବର ତଥା ପୂର୍ବତନ ସଭାପତି ଚନ୍ଦ୍ରସାଇ ବାଘ, ରାମେଶ୍ୱର ଭତ୍ରା, ଜେନସନ ଧୋବା, କାମେଶ୍ୱର ଭତ୍ରା, ହିରାଲାଲ ବାଘ, ଦୟାନିଧି ହରିଜନ, ଖଗେଶ୍ୱର ପନକା ପ୍ରମୁଖ ଉପସ୍ଥିତ ରହି ପ୍ରଥମେ ଯୀଶୁଙ୍କ ଜୀବନୀ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ସୁଖ, ଶାନ୍ତିରେ ସମସ୍ତଙ୍କ ନୂଆବର୍ଷ ଅତିବାହିତ ହେଉ ବୋଲି ପ୍ରଭୁଙ୍କରେ ପ୍ରାର୍ଥନା କରିଥିଲେ। ଇସିଜେ ଚର୍ଚ୍ଚର ସଭାପତି ନାଗେଶ୍ୱର ଭତ୍ରା, କୋଷାଧକ୍ଷ କେଶବ ଛତ୍ର ଯୋଗ ଦେଇଥିଲେ। ଇମ୍ମାନୁଏଲ ଡ୍ୟାନ୍ସ ଗ୍ରୁପ ନିଜର ପ୍ରତିଭା ଦେଖାଇ ଅନ୍ୟମାନଙ୍କ ମନ ଜିଣି ପାରିଥଲେ । ଶେଷରେ ପିଲାମାନେ ନିଜ ନିଜର ନୂଆବର୍ଷ ପାଇଁ ରଚିତ ଗୀତ ଗାଇଥିଲେ।



ଚାଟିଗୁଡ଼ାଠାରେ ଇଭାନଜ୍ଞିଲିକଲ ଚର୍ଚ୍ଚ ଅଫ ଇଣ୍ଡିଆ ପକ୍ଷରୁ ନବବର୍ଷ ପାଳନ କରାଯାଉଛି।

# ଡାବୁଗାଁରେ ବଉଲାଣୀ ଯାତ୍ରା

- ଦିଆଲି ପର୍ବ ପୂର୍ବରୁ ପାଳନ କରାଯାଏ ଏହି ଯାତ୍ରା
- ଦଉଡ଼ି, କୁଲା, ଝାଡୁ ଶୋଭାଯାତ୍ରାରେ ସାମିଲ



ଗ୍ରାମବାସୀ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

**ଡାବୁଗାଁ,୧।୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଡାବୁଗାଁ ଗ୍ରାମରେ ଆଦିବାସୀଙ୍କ ପର୍ବ ବଉଲାଣି ଯାତ୍ରା ପାରମ୍ପାରିକ ଭାବେ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ପର୍ବ ଗୋମାତାର ପୂଜନ ଦିଆଲି ପର୍ବ ପୂର୍ବରୁ ପାଳନ କରାଯାଏ । ଏଥିରେ ଗୁହାଳର ସାମଗ୍ରୀ ଦଉଡି, କୁଲା, ଝାଡୁ ଆଦିକୁ ଏକ ଶୋଭାଯାତ୍ରାରେ ନେଇ ଗାଁ ର ଶେଷ ମୁଣ୍ଡରେ ବିସର୍ଜନ କରାଯାଇଥାଏ। ଏଥିରେ ଗ୍ରାମର ପୂଜାରୀ, ଶିରା ,ଗାଣ୍ଡାଙ୍କ ଉପସ୍ଥିତିରେ ମା' ଠାକୁରାଣୀଙ୍କ ଚଳନ୍ତି ରୂପ ଶିରା ମା ଠାକୁରାଣୀ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରିଥାଆନ୍ତି। ଏହା ଏକ କୃଷି ଭିତ୍ତିକ ପର୍ବ ଭାବେ ପାଳନ କରାଯାଏ । ଆସନ୍ତା ଶୁକ୍ରବାର ଦିଆଲି ପର୍ବ ପାଳନ କରାଯିବ।

- ଶିକ୍ଷା ସାହିତ୍ୟ ଓ ସଂସ୍କୃତିର ପର୍ବ 'ଅଇଲି ବୋଲା' କାର୍ଯ୍ୟକ୍ରମ

# ଶିକ୍ଷା ହେଉଛି ଜୀବନର ଦର୍ପଣ

**ନବରଙ୍ଗପୁର,୧।୧(ବି.ପ୍ର.)**



ସଭାରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର ଗାନ୍ଧିନଗର ସ୍ଥିତ ସାଇ କେୟାର ଏଜୁକେଶନ ପକ୍ଷରୁ ଶିକ୍ଷା ସାହିତ୍ୟ ଓ ସଂସ୍କୃତିର ପର୍ବ 'ଅଇଲି ବୋଲା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ମୁଖ୍ୟ ଦୁର୍ଗା ପ୍ରସାଦ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇ କହିଥଲେ ଯେ ଶିକ୍ଷା ହେଉଛି ଜୀବନର ଦର୍ପଣ, ସଂସ୍କୃତି ବିନା ମଣିଷ ପଣିଆ ନଥାଏ । ସାହିତ୍ୟ ଆମ ପାଇଁ ପ୍ରେରଣା ଦେଉଛି , ମାର୍ଗ ଦେଖାଇ ଶୃଙ୍ଖଳିତ ଜୀବନକୁ ଆଗକୁ ବଢାଇଇବାକୁ ସହାୟକ ହୋଇ ପାରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୈରିନ୍ଧ୍ରି ସାହୁ, ସୃଷ୍ଟି ଧର ପରିଡା, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର, କାଳୀପଦ ପଣ୍ଡା ଯୋଗ ଦେଇ ଶିକ୍ଷା, ସାହିତ୍ୟ ଓ ସଂସ୍କୃତିକୁ ଛାଡି ମଣିଷ ବଞ୍ଚିବା ଅସମ୍ଭବ । ଏହା ଆମକୁ ଦିଗଦର୍ଶନ ଦେଇଥାଏ ବୋଲି କହିଥିଲେ । ପ୍ରଥମ ଅଧିବେଶନରେ ଭାରତୀୟ ସମ୍ବିଧାନ ଓ ମୌଳିକ ଅଧିକାର ଉପରେ ଆଲୋଚନା ହୋଇଥିଲା । ଉକ୍ତ ଅଧିବେଶନରେ ସହଦେବ ପରିଡା ସଭାପତିତ୍ୱ କରିଥିଲେ । କୋଡିଙ୍ଗା ରାଜାଚାମୁରିଆ ମହାବିଦ୍ୟାଳୟର ଅଧକ୍ଷା ଅମିତା ରାୟ, ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡଃ. ସଂଯୁକ୍ତା ପଣ୍ଡା, ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ସତ୍ୟ ନାରାୟଣ ନାୟକ, ନବରଙ୍ଗପୁର ମହାବିଦ୍ୟାଳୟର ରାଜନିତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡଃ. ବିଜୟ କୁମାର ମିଶ୍ର, ଜଗଦିଶ ଚନ୍ଦ୍ର ତ୍ରିପାଠୀ ଓ ଟୁଟୁବାବୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ୨ୟ ଅଧିବେଶନରେ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ତୃତୀୟ ଅଧିବେଶନରେ ସାଇକେୟାର ଏଜୁକେଶନ ପକ୍ଷରୁ ତୁ ମୋ ଜୀବନ ସାଥି ଉପରେ ଆଧାରିତ ମଞ୍ଚ ନାଟକ ଅନୁଷ୍ଠିତ ହୋଇଥିଲା । ପରିକଳ୍ପନା ଓ ନିର୍ଦ୍ଦେଶନାରେ ସୁରେଶ ମହାନ୍ତି, ନାଟ୍ୟକାର ଓ ସଂଳାପରେ ଦୁର୍ଗ ପ୍ରସାଦ ପାଢୀ ରହିଥିଲେ। ସାମାଜିକ କର୍ମୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନବ କିଶୋର ପଣ୍ଡା, ଦିଲ୍ଲିପ ହୋତା, ଭବାନୀ ଶଙ୍କର ଦାଶ, ଦେବଦାସ ମହାଙ୍କୁଡ, ରାମ ସିଂ, ଦୁର୍ଗା ପ୍ରସାଦ ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ। ଚତୁର୍ଥ ଅଧିବେସନରେ ନୃତ୍ୟ ଓ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ହୋଇଥିଲା। ପରିଚାଳନାରେ ଟି. ନିବେଦିତା ଆଚାରୀ, ମଞ୍ଚ ପରିଚାଳନାରେ ଜି. ଭି.ଭି. ରଂଜିତା, ଅପରାଜିତା ଶତପଥି, ହିମାଂଶୁ ଆଚାରୀ, ରତିକାନ୍ତ ଦୁବେ ରହିଥିଲେ । ପରେ ସହଦେବ ପରିଡାଙ୍କ କବିତା ସଙ୍କଳନ 'ତୁମେ ମୋ ସ୍ୱର' ଓ ଦୁର୍ଗା ପ୍ରସାପ ପାଢୀଙ୍କ ଅନାଲୋଚନିତ ଲୋକ କଥା 'କାହୁଣିଆ ପୁସ୍ତକ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବଲାଙ୍ଗିରର ବିଶିଷ୍ଟ ଗାଳ୍ପିକା ଲିପସା ପଟେଲ, ଆଦର୍ଶ ଶିକ୍ଷୟିତ୍ରୀ ସବିତା ସେନାପତି, ରାଇଘରର କବି ମନୋରମା ମହାପାତ୍ର, କୋଷାଗୁମୁଡାର ଲୋକ ସାହିତ୍ୟିକ ମହେନ୍ଦ୍ର ବିଷୋୟୀ, ନବରଙ୍ଗପୁରର ଶ୍ରେଷ୍ଠ ମଞ୍ଚ ଅଭିନେତା ଗୋକୁଳ ଖାଡଙ୍ଗା, ଉମରକୋଟର ଗାଳ୍ପିକ ଚିନ୍ତାମଣି ବେହେରା, ଆଦର୍ଶ ଛାତ୍ରୀ ଅଞ୍ଚଳଗୁମ୍ମାର ଗାୟତ୍ରୀ ବିଷୋୟୀ ସମେତ ଅତିଥି ବାଲେଶ୍ୱର କାଳିପଦ ପଣ୍ଡା ଓ ସୃଷ୍ଟିଧର ପରିଡାଙ୍କୁ ସମ୍ମାନିତ କରାଯାଇଥିଲା ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଟୋ ଓଲଟିଲା: ୬ ଯୁବତୀ ଆହତ



ନନ୍ଦପୁର,୧୧(ଡି.ଏନ୍.ଏ.)-ନନ୍ଦପୁର ଥାନା ଅଧୀନ ସାତସେମିଳି ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଅଟୋ ଓଲଟି ପଡ଼ିଛି। ଅଟୋରେ ବସିଥିବା ଛଅ ଜଣ ଝିଅ ଆହତ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆହତଙ୍କ ମଧ୍ୟରେ ପାଡୁଆ ଥାନା ଅଧୀନ ମେଣ୍ଢାଝୋଲା ଗ୍ରାମର ରାଜେଶ୍ୱରୀ ମାଟାମ, ଫୁଲମତି ଛେଣ୍ଡିଆ, ସୁଜିତା ଗୋଲରି, ଗାଙ୍ଗମା ପାଙ୍ଗି, ପାର୍ବତୀ ପାଣ୍ଡିଆ, ତୁଳାବତୀ ପାଣ୍ଡିଆ ଅଛନ୍ତି। ପାଡୁଆ ଅଞ୍ଚଳର ଏକ ଅଟୋ (ଓଡି୧୦ କେ ୫୧୮୩) ନନ୍ଦପୁରରୁ ପାଡୁଆ ଯାଉଥିବା ବେଳେ ବୁଲାଣିରେ ଓଲଟି ପଡ଼ିଥିଲା। ସଙ୍ଗେସଙ୍ଗେ ସାତସେମିଳି ଗ୍ରାମର ଯୁବକମାନେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିବାରୁ ଲାଗି ନ ଥିଲା। ଅନ୍ୟ ଏକ ଅଟୋରେ ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ୬ ଆହତଙ୍କ ମଧ୍ୟରୁ ରାଜେଶ୍ୱରୀ, ଫୁଲମତି, ସୁଜିତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ନନ୍ଦପୁର ପୋଲିସ ଏଏସ୍‌ଆଇ ଜେ.କେ. ପ୍ରଧାନ ଏବଂ ଦୀପକ ନାୟକ ପହଞ୍ଚି ଉକ୍ତ ଅଟୋକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ



ବୈପାରୀଗୁଡ଼ା,୧୧(ଡି.ଏନ୍.ଏ.): ବୈପାରୀଗୁଡ଼ା ସଦରରୁ ୮ କିମି ଦୂର ମାଲକାନଗିରି ରାସ୍ତାର ଟାପାଯୋଡ଼ିରେ ମଙ୍ଗଳବାର ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜୟପୁର ବାରିଣିପୁଟ ଗ୍ରାମର ସୀମାଞ୍ଚଳ ମହାନ୍ତି (୨୯)। ଖବରପାଇ ବୈପାରୀଗୁଡ଼ା ପୋଲିସ୍ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । କୌଣସି ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିବା ସନ୍ଦେହ କରାଯାଉଛି । ପ୍ରକାଶ ଯେ ସୀମାଞ୍ଚଳ ତାଙ୍କର ଜଣେ ସଂପର୍କୀୟଙ୍କ ଘର ମାଲକାନଗିରି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ତାଙ୍କ ମୁଣ୍ଡରେ ଗୁରୁତର କ୍ଷତ ହୋଇଥିବା ବେଳେ ପ୍ରବଳ ରକ୍ତସ୍ରାବ ହେତୁ ଘଟଣାସ୍ଥଳରେ ତାଙ୍କର ଜୀବନ ଯାଇଥିଲା।

# ଚାଷୀଙ୍କୁ ଟାଣିପାରୁନି କୃଷି ବଜାର

ପଟ୍ଟାଙ୍ଗି,୧୧(ଡି.ଏନ୍.ଏ.)




ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତ କୁନ୍ଦୁଲି ହାଟପଦାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ଚାଷୀଙ୍କ ପାଇଁ ନିର୍ମିତ ହୋଇଥିବା ନିୟନ୍ତ୍ରିତ ବଜାର ବା ଜାତୀୟ କୃଷି ବଜାରକୁ ଚାଷୀ ବ୍ୟବହାର କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି।

୨୦୧୪ ମାର୍ଚ୍ଚ ୩ରେ ହାଟପଦାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ପନିପରିବା ଓ ଆମଦାନୀ ହେଉଥିବା ଫସଲ ସୁରକ୍ଷିତ ସ୍ଥାନରେ ରଖି ବେପାରୀଙ୍କୁ ବିକ୍ରି କରିବା ପାଇଁ ବଜାର ତିଆରି ହୋଇଥିଲା। ୪ରୁ ୫ ଏକର ପାହାଡ଼ିଆ ଜମିରେ ୬ କୋଟି ୪୦ ଲକ୍ଷ ଟଙ୍କା ଅନୁଦାନରେ ଏହା ନିର୍ମାଣ କରାଯାଇଥିଲା। ବଜାର ପରିସରରେ ବେପାରୀଙ୍କ ପାଇଁ ୪ଟି ବିଶ୍ରାମ କକ୍ଷ ନିର୍ମାଣ ହେବା ସହ ୨୦ଟି ଖଟର ବ୍ୟବସ୍ଥା ହୋଇଛି। ଜଣେ ବେପାରୀ ୧୦୦ ଟଙ୍କା ଦେଇ ରାତିରେ ବିଶ୍ରାମ ନେଇପାରିବେ। କିନ୍ତୁ ଚାଷୀ ରାତିରେ ଆଶ୍ରୟ ନେବା ପାଇଁ ସେମିତି କିଛି ଆଖିଦୃଶିଆ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଚାଷୀ ନିଜ ପନିପରିବା ସହ ବଜାର ପରିସରରେ ଥିବା ପିଣ୍ଡିରେ ରାତି ସାରା ଜଗି ରହୁଛନ୍ତି। ବର୍ତ୍ତମାନ ଶୀତର ପ୍ରକୋପ ଅଧିକ ଥିବାବେଳେ ଚାଷୀମାନେ ନିଆଁ ଜାଳି ରାତି କାଟୁଛନ୍ତି। ବଜାରରେ ୧୪ଟି ଗୋଦାମ ଘର ସହ ଶୌଚାଳୟ ତିଆରି ହୋଇଥିବା ସହ ୬ଟି ବିଭାଗରେ ପିଣ୍ଡି ବ୍ୟବସ୍ଥା କରାଯାଇଛି।

ସୂଚନା ଥାଉକି, ଉପରୋକ୍ତ ବଜାର ନିର୍ମାଣ କାମ ୨୦୧୭ ଅକ୍ଟୋବର ୧୦ରେ ସରିବା ପରେ ଏହାକୁ ଉଦ୍‌ଘାଟନ କରା ନଯାଇ ତରବରିଆ ଭାବେ ଖୋଲିଥିଲା ପ୍ରଶାସନ। ଫଳରେ ବେପାରୀଙ୍କ ପାଇଁ ନିର୍ମିତ ହୋଇଥିବା ବିଶ୍ରାମ କକ୍ଷର କାନ୍ଥ ଫାଟିବା ଆରମ୍ଭ କରିଥିବା ବେଳେ କାନ୍ଥରୁ ପ୍ଲାଷ୍ଟରିଙ୍ଗ ଖସୁଛି। ଏ ନେଇ ନିୟନ୍ତ୍ରିତ ବଜାର କମିଟି ସେକ୍ରେଟାରୀ ଆଲୋକ କୁମାର ଅନୁଗୁଳିଆଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ବର୍ତ୍ତମାନ କୃଷକ ଭବନ ପାଇଁ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଉକ୍ତ ବଜାରଟି ଉଚ୍ଚସ୍ଥାନରେ ଥିବାରୁ ପନିପରିବା ଆଣୁଥିବା ଗାଡ଼ି ଉପରକୁ ଉଠିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ପନିପରିବା ଲୋଡ ହୋଇ ଆସୁଥିବା ଛୋଟ ବଡ଼ ଗାଡ଼ି ବଜାର ଭିତରକୁ ପ୍ରବେଶ କରିବା ପାଇଁ ପଦକ୍ଷେପ ନିଆଯାଉଛି।

**ଅବ୍ୟବସ୍ଥାର ଫଳ**

- ନିର୍ମାଣ ସରିବା ପୂର୍ବରୁ ତରବରିଆ ଆରମ୍ଭ କରିଥିଲା ପ୍ରଶାସନ
- ବିଶ୍ରାମ କକ୍ଷର କାନ୍ଥ ଫାଟିଲାଣି, ଉପରୁ ପ୍ଲାଷ୍ଟରିଂ ଖସୁଛି

**ଏମାନେ କୁହନ୍ତି...**



ସରକାରୀ ସ୍ତରରେ ଚାଷୀଙ୍କ ପାଇଁ ନିର୍ମାଣ ହେଲା ଜାତୀୟ କୃଷି ବଜାର। କିନ୍ତୁ ତାହା ଚାଷୀଙ୍କ କୌଣସି କାର୍ଯ୍ୟରେ ଲାଗୁନାହିଁ। କାରଣ ଆସୁଥିବା ବେପାରୀ ପନିପରିବା କିଣିବା ପାଇଁ ଉକ୍ତ ସ୍ଥାନକୁ ଯାଉନାହାନ୍ତି। ଫଳରେ ଏହିପରି ବିପଦଜନକ ଭାବେ ଜାତୀୟ ରାଜପଥ କଡ଼ରେ ବସି ଆଣିଥିବା ପନିପରିବା ଆମେ ବିକ୍ରି କରିବାକୁ ବାଧ୍ୟ ହେଉଛୁ।

ମନିମା ଲେଙ୍ଗିଡିଆ, ମାଳିପୁଙ୍ଗାର



ରାତ୍ରି ଯାପନ କରିବା ପାଇଁ କୌଣସି ସୁବିଧା ନାହିଁ। ଯାହା ଫଳରେ ନିର୍ମିତ ହୋଇଥିବା ପିଣ୍ଡିରେ ନିଜ ଆମଦାନୀ ଫସଲକୁ ନେଇ ଥଣ୍ଡାରେ ବସି ରହିବାକୁ ପଡୁଛି। କିନ୍ତୁ ରାସ୍ତାକଡ଼ରେ ବସି ବ୍ୟବସାୟ କରୁଥିଲେ ମଧ୍ୟ ଆରଏମ୍‌ସିକୁ ପ୍ରତି ଶୁକ୍ରବାର ୫ ଟଙ୍କା ଦେବାକୁ ପଡୁଛି।

– ଗୁପ୍ତ ପାଙ୍ଗି, ମାଳିପୁଙ୍ଗାର



ନୂତନ କାର୍ଯ୍ୟାଳୟ ଶୁଭାରମ୍ଭ ବେଳେ ଅତିଥି ଓ କର୍ମଚାରୀ।

# କେସିସି ବ୍ୟାଙ୍କ କର୍ମଚାରୀ ସଂଘ ଓ ସମବାୟ ସମିତି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଜୟପୁର,୧୧(ଡି.ଏନ୍.ଏ./ନି.ପ୍ର.)

ଜୟପୁରସ୍ଥିତ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (କେସିସି) କର୍ମଚାରୀ ସଂଘ ଏବଂ ସମବାୟ ସୋସାଇଟି କାର୍ଯ୍ୟାଳୟ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ କେସିସି ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ ଏହାର ଶୁଭାରମ୍ଭ କରିଛନ୍ତି। ସଂଘର କାର୍ଯ୍ୟାଳୟ ବ୍ୟାଙ୍କର ପୁରାତନ ଭବନର ଏକ କକ୍ଷରେ ଉଦ୍‌ଘାଟିତ ହୋଇଥିଲା । ଦୀର୍ଘ ୧୪ ବର୍ଷ ବ୍ୟାଙ୍କର ସଂଘ ଗଠନ ହୋଇଥିଲେ ମଧ୍ୟ କାର୍ଯ୍ୟାଳୟ ନ ଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଥିଲା । ତେଣୁ ସଂଘର ବାରମ୍ବାର ନିବେଦନ ପରେ ପରିଚାଳନା କମିଟି ପକ୍ଷରୁ ଏହାକୁ ପ୍ରଦାନ କରାଯାଇଛି । ସେହିପରି ସମବାୟ ସୋସାଇଟିକୁ ମଧ୍ୟ ଏକ କକ୍ଷ ଦିଆଯାଇଛି । ବର୍ତ୍ତମାନ ସଂଘ ଏବଂ ସୋସାଇଟିର ବିଭିନ୍ନ ବୈଠକ ଆୟୋଜନ କରାଯିବ। ଆଗାମି ଦିନରେ କର୍ମଚାରୀଙ୍କ ପାଇଁ ଇନଡୋର ଗେମ୍ ଓ ଲାଇବ୍ରେରୀ କରିବା ପାଇଁ ଚେଷ୍ଟା ଚାଲିଥିବା ମୁଖ୍ୟ ଅତିଥି ଅଧ୍ୟକ୍ଷା ଡ. ନନ୍ଦ ପ୍ରକାଶ କରିଛନ୍ତି । ଏହି ଅବସରରେ କର୍ମଚାରୀ ସଂଘର ସଭାପତି ଦାମୋଦର ପାଣି, ସାଧାରଣ ସଂପାଦକ ବିନୋଦ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ଦାଶ, ଉପସଭାପତି ବିଦ୍ୟାଧର ପ୍ରଧାନ, ସୋସାଇଟି ଉପସଭାପତି ସୌଦାମିନୀ ପଣ୍ଡା, ସଂପାଦକ ଅତୁଲ୍ୟ ମଲ୍ଲିକ ଉପସ୍ଥିତ ଥିଲେ।

# ସରିଲା ମାଉଲି ଠାକୁରାଣୀ ଯାତ୍ରା



ମାଉଲିମା ଯାତ୍ରାରେ ଲାଠିଦେବୀଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଚାଲିଛି ।

କୁନ୍ଦୁରା,୧୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ମସିଗାଁ ପଞ୍ଚାୟତ ଯନ୍ତାପୁଟ ଏବଂ ଫୁପୁଗାଁ ପଞ୍ଚାୟତର ଯୁବାପାତ୍ରପୁଟରେ ଜୟପୁର ବିକ୍ରମଦେବ ମହାରାଜାଙ୍କ ଅଧିଷ୍ଠାତ୍ରୀ ଦେବୀଙ୍କ ମାଉଲି ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ମାର୍ଗଶିର ମାସର ଶେଷ ମଙ୍ଗଳବାର ଯନ୍ତାପୁଟରେ ଏବଂ ପୌଷମାସର ପ୍ରଥମ ମଙ୍ଗଳବାର ଯୁବାପାତ୍ରପୁଟରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି । ମାଉଲି ଠାକୁରାଣୀଙ୍କୁ ଗ୍ରାମରେ ରହିଥିବା ଶିରା (ପୂଜାରୀ)ମାନେ ହିଁ ପୂଜା କରିଥାନ୍ତି। ଏହି ଯାତ୍ରାରେ ବିଭିନ୍ନ ଗ୍ରାମରେ ରହିଥିବା ଲାଠି ଦେବତାମାନେ ଏକାଠି ହୋଇଥାନ୍ତି। ମାନସିକଧାରୀ ମା' ମାଉଲିଙ୍କ ପୀଠରେ କୁକୁଡ଼ା, ପାରା, ହଂସ ବଳି ଦେଇଥାନ୍ତି। ଏହି ଉପଲକ୍ଷେ ମଙ୍ଗଳବାର ରାତିରେ ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ପାଇଁ ଏକ ଆଦିବାସୀ ନୃତ୍ୟ 'ଦିଲ୍ ଚୋରି କଲା ଜଙ୍ଗଲି ଟୋକା' ପରିବେଷଣ କରାଯାଉଛି।

# ଦେବଦର୍ଶନ, ଭୋଜିଭାତରେ କଟିଲା ପ୍ରଥମ ଦିନ

ଦାମନଯୋଡ଼ି,୧୧(ଡି.ଏନ୍.ଏ.)

ଦାମନଯୋଡିର ବିଭିନ୍ନ ସ୍ଥାନରେ ଇଂରାଜୀ ନବବର୍ଷକୁ ଲୋକେ ହର୍ଷ ଉଲ୍ଲାସରେ ପାଳନ କରିଛନ୍ତି। ନୂତନ ବର୍ଷର ପ୍ରଥମ ଦିନରେ ଠାକୁରଙ୍କ ଆର୍ଶୀବାଦ କାମନା କରି ଶ୍ରଦ୍ଧାଳୁମାନେ ବିଭିନ୍ନ ଦେବାଳୟରେ ଭିଡ଼ ଜମାଇ ଥିଲେ। ତେଣୁ ମଙ୍ଗଳବାର ସକାଳୁ ଦାମନଯୋଡିର ପ୍ରସିଦ୍ଧ ଠାକୁରାଣୀ ପୀଠ ମା' କଣ୍ଟା ବାଉଁଶୁଣୀ, ଟାଉନସିପର ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ହନୁମାନ ବିଗ୍ରହ ମନ୍ଦିର, ମାଥଲପୁଟର ରାଧାକୃଷ୍ଣ ମନ୍ଦିର, ତ୍ରିନାଥ ମନ୍ଦିର, ବଟୁକେଶ୍ୱର ମନ୍ଦିର, ଭେଜାପୁଟର ସିଦ୍ଧେଶ୍ୱର ମହାଦେବ, ଶିରିଡ଼ି ସାଇ ମନ୍ଦିର, ସତ୍ୟ ସାଇ ମନ୍ଦିର, ସେକ୍ଟର-୩ ମନ୍ଦିର ସମେତ ଅନେକ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ବିଭିନ୍ନ ସ୍ଥାନରେ ଭୋଜିଭାତ ଅନୁଷ୍ଠିତ ହୋଇଥିଲା।

# ପ୍ରବଳ ଥଣ୍ଡା ସାଙ୍ଗକୁ ତୁଷାରପାତ

ସେମିଳିଗୁଡ଼ା,୧୧(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି, ସୋରିଷପଦର, ମାରିମର୍ଲା, ଖୁଡ଼ି ଓ ରେଙ୍ଗା ପଞ୍ଚାୟତରେ ତାପମାତ୍ରା ଖସିବା ପରେ ବରଫ ପଡ଼ିଛି। ସେହିପରି ବ୍ଲକର ଦାମନଯୋଡ଼ି, ଚାରାଙ୍ଗୁଲ ଭଳି ପଞ୍ଚାୟତରେ ଥଣ୍ଡାର ପ୍ରକୋପ ଅନୁଭବ ହେଉଛି। ପାରଦ ୫ ଡିଗ୍ରୀ ତଳେ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅଞ୍ଚଳରେ ଗତ ୨୦ ବର୍ଷ ଭିତରେ ପାରଦ ସର୍ବାଧିକ ତଳକୁ ଖସିଥିବା କୁହାଯାଉଛି।

# କୋରାପୁଟରେ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

**୨୪ ଘଣ୍ଟିଆ ସେବା, ବନ୍ଦ ଡାକରା ବେଳେ ମଧ୍ୟ ଖୋଲା ରହିବ**



ପେଟ୍ରୋଲ୍ ପମ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ,୧୧(ସ୍ୱ.ପ୍ର.)

ରାଜ୍ୟ ପୋଲିସ କଲ୍ୟାଣ ପାଣ୍ଠି ସହାୟତାରେ ଓଏସ୍‌ଏପି ତୃତୀୟ ବାଟାଲିଅନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଓଏମ୍‌ପି ନିକଟରେ ଏକ ନୂତନ ପ୍ରେଟ୍ରୋଲ ପମ୍ପର ଶୁଭାରମ୍ଭ ହୋଇଛି। ଅପରାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ୨୪ ଘଣ୍ଟିଆ ସେବା ସହ ବିଭିନ୍ନ ସମୟରେ ଆହୂତ ବନ୍ଦ ଡାକରା ବେଳେ ମଧ୍ୟ ଏହି ପେଟ୍ରୋଲ ପମ୍ପ ଖୋଲା ରହିବ ବୋଲି ଜିଲାପାଳ କହିଛନ୍ତି।

ପ୍ରାରମ୍ଭରେ ଓଏସ୍‌ଏପି ତୃତୀୟ ବାଟାଲିୟନ ପକ୍ଷରୁ ଜିଲାପାଳଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ଓଏସ୍‌ଏପି ତୃତୀୟ ବାଟାଲିୟନର ଦୁର୍ଗପତି ଭାସ୍କର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ପି କନୱର ବିଶାଳ ସିଂ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଏସ୍‌ପି ଭି.ଆର୍. ରାଓ, ଉଦ୍ଧବ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ଓଏସ୍‌ଏପି ତୃତୀୟ ବାଟାଲିୟନର ଉପ ଦୁର୍ଗପତି ଜେ. ବେହେରା ଉପସ୍ଥିତ ଥିଲେ। ପୋଲିସ ପରିବାର କଲ୍ୟାଣ ଯୋଜନାର ପାଣ୍ଠିରୁ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଅବିଭକ୍ତ କୋରାପୁଟ ଜିଲାରେ ପ୍ରଥମ ଥର ପାଇଁ ଏଭଳି ପେଟ୍ରୋଲ ପମ୍ପ ଖୋଲାଯାଇଛି । ଓଏସ୍‌ଏପି ତୃତୀୟ ବାଟାଲିୟନ ହାବିଲଦାର ଓ ସିପାହୀ ସଂଘର ସଭାପତି କିଶୋର ପଟେଲ ଓ ସଂପାଦକ ରାମପ୍ରସାଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନୂଆବର୍ଷ ପାଇଁ ଅପରକୋଲାବ ଡ୍ୟାମ ଲୋକାରଣ୍ୟ

କୋଲାବନଗର,୧୧(ଡି.ଏନ୍.ଏ.)

କୋରାପୁଟ ସଦର ଅଧୀନ ଅପରକୋଲାବ ଡ୍ୟାମରେ ନୂଆ ବର୍ଷ ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଛି। ଡ୍ୟାମର ଉଭୟ ପାର୍ଶ୍ୱରେ ପର୍ଯ୍ୟଟକଙ୍କ ଭୋଜିର ଆସର ଜମିଥିଲା। ଏଥିସହ ଯୁବଗୋଷ୍ଠୀଙ୍କ ନୃତ୍ୟ ପରିବେଷକୁ ବେଶ୍ ଉତ୍ସାହମୁଖର କରୁଥିଲା। ଏଠାରେ ଆଇସ୍‌କ୍ରିମ, ବରମଜା, ଚାଟ ଓ ଗୁପଚୁପ୍‌ର୍ ବେପାର ବେଶ୍ ଜମିଥିଲା। ବିକ୍ରି ହେଉଥିବା ବିଭିନ୍ନ ରଙ୍ଗୀନ ବେଲୁନ୍ ଉପସ୍ଥିତ ପିଲାଙ୍କ ଆକର୍ଷଣ ପାଲଟିଥିଲା। ଅନେକ ପର୍ଯ୍ୟଟକ ଡ୍ୟାମରେ ବୋଟିଂର ମଜା ଉଠାଇଥିଲେ। ଡ୍ୟାମ ଚତୁଃପାର୍ଶ୍ୱ ମଙ୍ଗଳବାର ଲୋକାରଣ୍ୟ ହୋଇ ଯାଇଥିଲା। ଡ୍ୟାମ ସିକ୍ୟୁରିଟି ଓ ସ୍ଥାନୀୟ ପୋଲିସ ସେଠାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଡ୍ୟାମ ଟିକେଟ କାଉଣ୍ଟରରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ୩୦ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ସୂଚନା ମିଳିଛି।



ଦାମନଯୋଡି ଟାଉନସିପସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପୂଜାର୍ଚ୍ଚନା ।



କୋରାପୁଟ ସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ।



ରାଣୀ ଡୁଡୁମା ଜଳପ୍ରପାତର ମଜା ନେଉଛନ୍ତି ପର୍ଯ୍ୟଟକ।



ମଙ୍ଗଳବାର ଅପରକୋଲାବ ଡ୍ୟାମ୍‌ରେ ପହଞ୍ଚିଛନ୍ତି ପର୍ଯ୍ୟଟକ।

■ ରାଣୀଡୁଡୁମାରେ ପର୍ଯ୍ୟଟକଙ୍କ ଭିଡ଼

# ବଣଭୋଜି ସାଙ୍ଗକୁ ଜଳପ୍ରପାତର ମଜା

ନନ୍ଦପୁର,୧୧(ଡି.ଏନ୍.ଏ.)

ନନ୍ଦପୁର ପର୍ଯ୍ୟଟନସ୍ଥଳୀ ରାଣୀ ଡୁଡୁମାରେ ନୂଆବର୍ଷ ଉପଲକ୍ଷେ ମଙ୍ଗଳବାର ପର୍ଯ୍ୟଟକଙ୍କ ଭିଡ଼ ଜମିଛି। କୋରାପୁଟ ଜିଲା ସମେତ ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ ସୀମାନ୍ତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ରାଜ୍ୟରୁ ଶହ ଶହ ପର୍ଯ୍ୟଟକ ରାଣୀ ଡୁଡୁମା ଜଳପ୍ରପାତ ପହଞ୍ଚିଥିଲେ। ବଣଭୋଜି କରିବା ସହ ନାଚଗୀତ ଓ ପ୍ରାକୃତିକ ଦୃଶ୍ୟର ମଜା ନେଇଥିଲେ ପର୍ଯ୍ୟଟକ। ତେବେ ଏଠାରେ ଆଶ୍ରୟସ୍ଥଳୀ, ବିଦ୍ୟୁତ ସଂଯୋଗ ଓ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକ ସମସ୍ୟା ଭୋଗୁଥିବା କହିଛନ୍ତି। ଜଳପ୍ରପାତ ପାର୍ଶ୍ୱରେ କୌଣସି ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। ପର୍ଯ୍ୟଟକଙ୍କ ଜୀବନ ପ୍ରତି ଏହା ବିପଦ ସୃଷ୍ଟି କରୁଛି।

# ନୂଆବର୍ଷରେ ଭକ୍ତି ସମ୍ଭାର, ଭୋଜି ଆସର

କୋରାପୁଟ/ଜୟପୁର,୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ପୂଜାର୍ଚ୍ଚନା ଓ ଭୋଜିଭାତରେ ଲୋକେ ନବ ବର୍ଷକୁ ସ୍ୱାଗତ କରିଛନ୍ତି। ମଙ୍ଗଳବାର ନବବର୍ଷକୁ ସ୍ୱାଗତ ଜଣାଇବା ସହିତ ନିଜ ପରିବାରର ମଙ୍ଗଳକାମନା କରି କୋରାପୁଟ ସହରର ଶାବର ଶ୍ରୀକ୍ଷେତ୍ର ସମେତ ଗ୍ରାମଦେବୀ ମୁତ୍ୟାଲୁମାଁ ମନ୍ଦିର, ବାଟମଙ୍ଗଳା ମନ୍ଦିର, ଡୁମୁରିପୁଟ ରାମ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସୋମବାର ବିଳମ୍ବିତ ରାତ୍ରରେ ଜିରୋ ନାଇଟ କାର୍ଯ୍ୟକ୍ରମ ସହ କୋରାପୁଟ ପ୍ରେସ କ୍ଲବ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବାଣ ଫୁଟାଇ ନବବର୍ଷକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ କୋରାପୁଟ ଜିଲାର କେଚେଲା, କୋଲାବ ଡ୍ୟାମ, ଗୁପ୍ତେଶ୍ୱର, ଡୁଡୁମା, ରାଣୀଗଡ଼, ଗୁଲୁମି, ଦେଓମାଳି ରାଣୀ ଡୁଡୁମାରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।

ସେହିପରି ଜୟପୁରର ସ୍ଥାନୀୟ ଜଗନ୍ନାଥ, ବଲ୍ଲଭ ନାରାୟଣ, ଭଗବତୀ, ପଞ୍ଚାନନ, ଦକ୍ଷିଣକାଳୀ, ରଘୁନାଥ ଏବଂ ସିରିଡିସାଇ ବାବା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସହର ଆଖପାଖ ପାତ୍ରପୁଟ କୋଲାବ ନଦୀ ପୋଲ, ଶୀତଳା ମନ୍ଦିର, ମହୁଲଭଟ୍ଟା, ମାଳିଗୁଡ଼ା, ବାଙ୍କବିଜ ଅଞ୍ଚଳରେ ମହିଳା ଓ ପୁରୁଷ ମାନେ ଭୋଜିଭାତ ଆୟୋଜନ କରିଥିଲେ । ସ୍ଥାନୀୟ ଚନ୍ଦନବାଡ଼ ସାହିର ବାସିନ୍ଦା ମିଳିତ ଭାବେ ଭୋଜିର ଆୟୋଜନ କରିବା ସହ ନୃତ୍ୟସଙ୍ଗୀତରେ ମତୁଆଲା ହୋଇଥିଲେ।



ସେମିଳିଗୁଡା ଅଞ୍ଚଳରେ ପାରଦ ଖସିବା ପରେ ତୁଷାରପାତ ।

## ସଂକ୍ଷେପରେ

### ଆଦିବାସୀଙ୍କୁ ବସ୍ତ୍ର ବଣ୍ଟନ



କାଶୀନଗର, ୧୧(ଡି.ଏନ.ଏ.)- ଗଜପତି ଜିଲା କାଶୀନଗରରେ ବାସ କରୁଥିବା ଆଦିବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମିଶ୍ର, ବଂଶଧାରା ପାଠାଗାର ସଭାପତି ହୃଷିକେଶ ଗୌଡ, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର ରଞ୍ଜିତ କୁମାର ମୁନି, ଏସ୍ଆଇ ଲକ୍ଷ୍ମୀନାରାୟଣ ବେହେରା ପ୍ରମୁଖ ଜନଜାତି ସମ୍ପ୍ରଦାୟ ଲୋକଙ୍କୁ ବସ୍ତ୍ର ବାଣ୍ଟିଥିଲେ। କେରଳ ବିପର୍ଯ୍ୟୟ ସମୟରେ ସେଠାକାର ପ୍ରଭାବିତ ଲୋକଙ୍କ ପାଇଁ ଯୁବନେତା ରଘୁରାମ ସାହୁ, ଫ୍ରେଣ୍ଡସ କ୍ରିକେଟ କ୍ଲବ ସମ୍ପାଦକ ରାଜେଶ ମିଶାଲ ଏବଂ ଏନ.କିଶୋର କୁମାରଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ଦ୍ୱାରା ସଂଗୃହୀତ ବସ୍ତ୍ରକୁ ଦୁର୍ଗମ ଗ୍ରାମାଞ୍ଚଳରେ ରହୁଥିବା ଆଦିବାସୀ ପରିବାରକୁ ଦିଆଯାଇଥିଲା।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ରାତ୍ରିକାଳୀନ ଆହାର ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୧(ସ୍ୱ.ପ୍ର.)- ରାଜ୍ୟ ସରକାରଙ୍କ ପକ୍ଷରୁ ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ଆହାର କେନ୍ଦ୍ରରେ ସୋମବାର ରାତ୍ରିକାଳୀନ ଆହାର ଯୋଜନାର ଶୁଭାରମ୍ଭ ହୋଇଛି। ଦିନ ଭଳି ଏଣିକି ରାତିରେ ମଧ ୫ଟଙ୍କାରେ ଭାତ-ଡାଲମା ମିଳିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ଜିଲାପାଳ ଅନୁପମ ଶାହା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡାକ୍ତର ସରୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏମାନେ ଆହାର କେନ୍ଦ୍ରରେ ୫ଟଙ୍କିଆ ଟିକେଟ କିଣି ଧାଡି ବାନ୍ଧି ଠିଆ ହୋଇ ଭାତ ଡାଲମା ଆଣି ଲୋକମାନଙ୍କ ଗହଣରେ ଖାଇଥିଲେ। ଏଠାରେ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ୨୫୦ଜଣଙ୍କ ପାଇଁ ଆହାର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି।

# ପାରଳାଖେମୁଣ୍ଡି ହେଲା ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର

ପାରଳାଖେମୁଣ୍ଡି, ୧୧(ସ୍ୱ.ପ୍ର.)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିକୁ ପୌରପରିଷଦ ପକ୍ଷରୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର ଭାବେ ଘୋଷଣା କରାଯାଇଛି। ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ବିଧାୟକ କେ.ସୂରିୟା ରାଓ ଏବଂ ଜିଲାପାଳ ଅନୁପମ ଶାହା ଯୋଗଦେଇ ପାରଳାଖେମୁଣ୍ଡିକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର ଭାବେ ଘୋଷଣା କରିଥିଲେ। ସମସ୍ତଙ୍କୁ ଶୌଚାଳୟ ବ୍ୟବହାର କରିବା ଲାଗି ପରାମର୍ଶ ଦେବା ସହ ସ୍ୱଚ୍ଛ ପରିବେଶ, ସୁସ୍ଥ ଜୀବନ ଓ ସୁସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସହରର ବିଭିନ୍ନ ସ୍ଥାନରେ ପରିସ୍ରାଗାର ଓ ଶୌଚାଳୟ ସ୍ଥାପନ ହୋଇପାରିଲେ ପ୍ରତିଦିନ ଏଠାକୁ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଉପକୃତ ହୋଇପାରନ୍ତେ ବୋଲି ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ଗମାଙ୍ଗ କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରାଉତ କହିଥିଲେ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ ଲାଗି ସାଧାରଣ ଲୋକଙ୍କୁ ୬, ୬୬୭ ଟଙ୍କା ଏବଂ ବିପିଏଲ୍ ଶ୍ରେଣୀ ବର୍ଗଙ୍କ ପାଇଁ ୮ହଜାର ଟଙ୍କା ଦିଆଯାଇଥିଲା। ପୌରପରିଷଦ ପକ୍ଷରୁ ୧ହଜାର ୭୪ଟି ଶୌଚାଳୟ ନିର୍ମାଣ ହୋଇଥିବା ମହିଳା ଓ ପୁରୁଷଙ୍କ ପାଇଁ ୩ଟି ଲେଖାଏଁ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ଏହି ଅବସରରେ ସାନିଟାରୀ ଏକ୍ସପର୍ଟ ଅଭିପ୍ସା ପଣ୍ଡା ଶୌଚାଳୟ ବ୍ୟବହାର ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସ୍ୱଚ୍ଛ ଭାରତ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

■ବାରାଣସୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ପାୱାର ରେଞ୍ଜର ଟିମ୍ ଚାମ୍ପିୟନ

କାଶୀନଗର, ୧୧(ଡି.ଏନ.ଏ.)

ଗଜପତି ଜିଲା କାଶୀନଗରସ୍ଥ ବାରାଣସୀ ଉଚ୍ଚ ବିଦ୍ୟାଳୟ ନିକଟ ମିନି ଷ୍ଟାଡିୟମରେ ଫ୍ରେଣ୍ଡସ କ୍ରିକେଟ କ୍ଲବ ତରଫରୁ ଗତ ୭ଦିନ ଧରି ଚାଲିଥିବା ବାରାଣସୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାରଳାଖେମୁଣ୍ଡିର ପାୱାର ରେଞ୍ଜର ଓ ମୁବାରକ ଦଳ ମଧ୍ୟରେ କଡା ମୁକାବିଲା ହୋଇଥିଲା। ମୁବାରକ ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ପାୱାର ରେଞ୍ଜର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଉଇକେଟ ହରାଇ ୧୪୧ ରନ୍ କରିଥିଲେ। ଜବାବରେ ମୁବାରକ ଦଳ ୨୦ ଓଭରରେ ୮ଉଇକେଟ ହରାଇ ୧୨୫ ରନ୍ କରିଥିଲେ। ଫଳରେ ପାୱାର ରେଞ୍ଜର ଦଳ ମ୍ୟାଚ ଜିତିବା ସହ ଚାମ୍ପିୟନ ହୋଇଥିଲେ। ଜିତୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଏବଂ ମ୍ୟାନ ଅଫ ଦ ସିରିଜ ଘୋଷଣା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ହାଇଟେକ ମେଡିକାଲ କଲେଜ ଅଧକ୍ଷ ତିରୁପତି ପାଣିଗ୍ରାହୀ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଜିଲା କଂଗ୍ରେସ ସଭାପତି ଜି.ତିରୁପତି ରାଓ, ଜିଲା କ୍ରିକେଟ ଆସୋସିଏଶନ ସଦସ୍ୟ ଦେବାଶିଷ ପାଢୀ, ଏନଏସି ଯୁବ ବିଜେଡି ସଭାପତି ରଘୁରାମ ସାହୁ, ପୂର୍ବତନ କାଉନସିଲର ଏମ୍.ପ୍ରବୀଣ କୁମାର ଏବଂ କଂଗ୍ରେସ ନେତା ଅଖିଳ ପାତ୍ର ଉପସ୍ଥିତ ଥିଲେ।



ଚାମ୍ପିୟନ ଦଳକୁ ମୁଖ୍ୟଅତିଥି କପ୍ ପ୍ରଦାନ କରୁଛନ୍ତି।

# ବ୍ଲକ ଅଫିସ୍ ଘେରିଲା ଶିବସେନା




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାୟଗଡ (ଗଜପତି), ୧୧(ଡି.ଏନ.ଏ.)

ଶିବସେନାର ଗଜପତି ଜିଲା ରାୟଗଡ ଶାଖା ପକ୍ଷରୁ ୫ଦଫା ଦାବିନେଇ ସୋମବାର ବ୍ଲକ ଅଫିସ୍ ଘେରାଉ କରାଯାଇଥିଲା। ମହିଳା ପ୍ରମୁଖ ଯମୁନା ମଣ୍ଡଳଙ୍କ ନେତୃତ୍ୱରେ ରାୟଗଡ ଶିବମନ୍ଦିର ପାଖରୁ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ ଅଫିସ୍ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଅଫିସ୍ ଘେରାଉ କରିଥିଲେ। ଡମ୍ବାଳ ଓ ପୋଡାର ପଞ୍ଚାୟତର ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା, ଘର ଭାଙ୍ଗିଥିବା ଲୋକଙ୍କୁ ସହାୟତା ଓ ଚାଷୀଙ୍କୁ କ୍ଷତିପୂରଣ ଦେବା, ତଳରୋହିସିଂ ଓ ମଣ୍ଡଳସାହିରେ ପାନୀୟଜଳ ଯୋଗାଇବା, ବିଦ୍ୟୁତୀକରଣ ଆଦି ଦାବି ନେଇ ବିଡିଓ ଲୁକାସ ପ୍ରଧାନଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ରାଜ୍ୟ ଉପପ୍ରମୁଖ ତ୍ୟାଗୀ ବଳରାମ ଦାସ, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ସୀମାଞ୍ଚଳ ପାଢୀ, ଗଞ୍ଜାମ ଜିଲା ପ୍ରମୁଖ ସନାତନ ଚୌଧୁରୀ, ଏମ୍. ରାଜୁରାଓ, ରଘୁନାଥ ଭୂୟାଁ, ସୁବାସ ଗମାଙ୍ଗ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଜିଲାପାଳଙ୍କ ଅଫିସ ଆଗରେ ଅନଶନ କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# ନାଚଗୀତରେ ନୂଆବର୍ଷକୁ ସ୍ୱାଗତ

ପାରଳାଖେମୁଣ୍ଡି,୧୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରବାସୀ ନାଚଗୀତ, ଆତସବାଜି ଓ ଭୋଜିଭାତ ମାଧ୍ୟମରେ ନୂଆବର୍ଷକୁ ସ୍ୱାଗତ ଜଣାଇଛନ୍ତି। ଏଥିଲାଗି ସୋମବାର ସନ୍ଧ୍ୟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଜାର ଛକ, ସେରିସାହି ଛକ, ରାଜଦାଣ୍ଡ, ଖଞ୍ଜାସାହି, ଭଣ୍ଡାରୀ ସାହି ଇତ୍ୟାଦି ସ୍ଥାନ ସମେତ କ୍ଲବଗୁଡ଼ିକରେ ଯୁବ ଗୋଷ୍ଠୀ ନାଚଗୀତରେ ମସଗୁଲ ଥିଲେ। ସେହିପରି ମଙ୍ଗଳବାର ନୂତନ ବର୍ଷ ଅବସରରେ ମନ୍ଦିର ଓ ପାର୍କରେ ଭିଡ ଜମିଥିଲା। ବିଭିନ୍ନ ଦଳର ନେତାଙ୍କୁ କର୍ମୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ।

### ଅନାଥଙ୍କୁ ଅନ୍ନଦାନ

ପାରଳାଖେମୁଣ୍ଡି, ୧୧(ସ୍ୱ.ପ୍ର.)



ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଜସୀତାପୁର ଗ୍ରାମସ୍ଥିତ ଜଗନ୍ନାଥ ନିକେତନ ଅନାଥ ଆଶ୍ରମରେ ଅନ୍ନସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ୱର୍ଗତ ଜୁନେଶ ରାଉଳଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମର ଜଗତ ମୋହନ ସାହୁ, ପ୍ରମୋଦ ମହାନ୍ତି, ରବି ମାଣିକ୍, ମହେନ୍ଦ୍ର ସାହୁ, ଟଙ୍କଧର ବେହେରା, ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି ଆଶ୍ରମରେ ଥିବା ୩୦ରୁ ଊର୍ଦ୍ଧ୍ୱ ଅନାଥ ଶିଶୁଙ୍କୁ ଅନ୍ନ ଦାନ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲିପଡ଼ା
BONDA DEVELOPMENT AGENCY, MUDULIPADA
At/P.O.: Mudulipada, Dist.- Malkangiri, PIN: 764046 (ODISHA), E-mail: bdamudulipada@gmail.com
No.: 342/VIII-17/2018.Dev. Dated: 29.12.2018

TENDER CALL NOTICE NO.- 01/2018-19

The Project Leader, Bonda Development Agency, Mudulipada invites sealed percentage rate tenders on behalf of Governor of Odisha as per Annexure from Registered & eligible registered contractors of Odisha State PWD/ CPWD having experience in construction of road and bridges works in conformity with Detailed Tender Call Notice for execution of the following works on drawl of agreement in Panchayat Samiti contract forms of Govt. of Odisha, the details of work including the estimated cost, E.M.D. Required, Class of Contractors, Completion of Time, Cost of Tender Paper etc. are as detailed below. EACH SEALED COVER SHOULD CONTAIN TENDER PAPER FOR ONE WORK ONLY & ITS RELATED DOCUMENTS AND THE NAME OF WORK BE WRITTEN IN CAPITAL LETTER ON THE BODY OF COVER, OTHERWISE IT WILL BE REJECTED.

| Sl. No. | Name of the G.P. | Name of the Work (Scheme) | Tender Value in Rs. | Cost of Tender Paper (Including 5% VAT, Non-refundable) in Rs. | E.M.D. in Rs. | Time of Completion of the work in Months | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Rasabeda | Const. of 100 seated Hostel Building at Boys Educational Complex, MUNDIGUDA (CCD - 2015-16) | 41,82,342/- | 10,000/- | 41,823/- | 12 (Twelve) | B & C |
| 2 | Mudulipada | Const. of Minor Bridge at Pindajangar on Kitchapada Road (CCD Plan - 15-16) | 17,68,041/- | 6000/- | 17,680/- | 06 (Six) | C & D |
| 3 | Mudulipada | Const. of Minor Bridge at Pindajangar (Nuagoan) (CCD Plan - 13-14) | 15,91,239/- | 6,000/- | 15,912/- | 06 (Six) | D & C |
| 4 | Badadural | Const. of 2 Nos. of Checkdam at Sonuguda (CCD Plan - 15-16) | 17,68,038/- | 6,000/- | 17,680/- | 06 (Six) | D & C |
| 5 | Andrahal | Const. of Checkdam at Goiguda (CCD Plan - 15-16) | 8,84,022/- | 4,000/- | 8,840/- | 06 (Six) | D & C |

Terms & Condition available in website of inc.odisha.malkangiri.

Sd./- Project Leader
Bonda Development Agency, Mudulipada

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH™
An ISO Certified Company 9001:2015
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385,
9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା। ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି। ଗ୍ରୁପ୍ ଋଣର ସୁବିଧା ମଧ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact :
18001200 2563
Ansal Bhavan, Connaught Place, New Delhi

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର
ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ
ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢ଼ାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏ ମାସର କୃଷିସୂଚନା

**ଧାନ :** ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାନ୍ତୁ । ଏଥି ସହିତ ଅମାର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିବା ସହ କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଆବଶ୍ୟକ।

**ଆଖୁ:** ୬ ରୁ ୮ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରନ୍ତୁ । ଆଖୁଚାଷ ଲାଗି ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ରୁ ୧୨୫ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ ।

– ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ ।

– ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୫ ଭାଗ ଏମିସାନ୍ ବା ୦.୨୫ ଭାଗ ଏରିଟାନ୍ ୧୦ ଲିଟର ପାଣିରେ ୧୨ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ ।

– ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

– ଲଗାଇବା ବେଳେ ହେକ୍ଟର ପ୍ରତି ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

**ଡାଲିଜାତୀୟ :** ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୧.୫ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିହନ ବୁଣନ୍ତୁ ।

–ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ ।

– ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ।

–ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ।

–ମୁଗ, ବିରି ସକାଶେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍, ବୁଟ ପାଇଁ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ଲାଗି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

–ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୫୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

– ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨.୫ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।



## ଆଳୁ

ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ପାଣି ମଡାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଜରୁରୀ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ଲାଗି ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ନିମନ୍ତେ ରିଡୋମିଲ୍ ଏମ୍.ଜେଡ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ।



### ତୈଳବୀଜ ଫସଲ

**ଚିନାବାଦାମ –** ଚିନାବାଦମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ହଳ ସମୟରେ ଦିଆ ଯାଇ ନ ଥାଏ, ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ସକାଶେ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ ସିଞ୍ଚନ କରନ୍ତୁ।

**ସୋରିଷ –** ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ଲାଗି ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ମେଟାସିଟକ୍ସ ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ସିଞ୍ଚନ କରନ୍ତୁ ।

**ସୂର୍ଯ୍ୟମୁଖୀ –** ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।



### ପନିପରିବା

**କୋବି –** କୋବି ଜାତୀୟ ଫସଲରେ ବିନ୍ଧାପୋକ, ଠିକିରିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ଶାଗ –** ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି,ଭୁବନେଶ୍ୱର



# ଉପକାରୀ ତୈଳବୀଜ

ଆମ ଦେଶ ତଥା ରାଜ୍ୟରେ ପୁଷ୍ଟିହୀନତା ଏକ ଚିନ୍ତାଜନକ ବିଷୟ। ବିଶେଷକରି ପିଲାମାନେ ଓ ଦାରିଦ୍ର୍ୟରେ ବସବାସ କରୁଥିବା ଲୋକେ ଏହାର ଶିକାର ହୋଇଥାଆନ୍ତି। ସେମାନଙ୍କର ଦୈନିକ ଆହାରରେ ଉଚ୍ଚ ଶକ୍ତିଯୁକ୍ତ ଖାଦ୍ୟ ଉପାଦାନ ଅନ୍ତର୍ଭୁକ୍ତ ହୋଇପାରିଲେ ଏ ସମସ୍ୟା ରହନ୍ତା ନାହିଁ। ତାହାକୁ ଭରଣା କରିବା ଲାଗି ଅନ୍ୟ ଉଦ୍ଭିଦଜ କିମ୍ବା ପ୍ରାଣିଜ ଖାଦ୍ୟ ତୁଳନାରେ ଅଳ୍ପ ଖର୍ଚ୍ଚରେ ତୈଳବୀଜ ଅଧିକ ଶକ୍ତିଯୁକ୍ତ ଓ ପୁଷ୍ଟିସାର ପ୍ରଦାନକାରୀ ଭାବେ ବେଶ୍ ଆଦରଣୀୟ।

ତୈଳବୀଜ ଫସଲରେ ଶକ୍ତି ସ୍ନେହସାର ବା ତେଲ ରୂପେ ସଞ୍ଚିତ ହୋଇଥାଏ। ତାହା ଉନ୍ନତ ପୁଷ୍ଟିସାର, ସ୍ନେହସାର ଓ ତୈଳ ଦ୍ରବୀଭୂତ ଭିଟାମିନ୍ ବିଶେଷକରି ଭିଟାମିନ୍-'ଏ', ପ୍ରାକୃତିକ ଖାଦ୍ୟ ଓ ସହଜଲବ୍ଧ ବିସ୍କୁଟ ବା କେକ୍ ମାଧ୍ୟମରେ ଯୋଗାଉଥିବାରୁ ଦିନକୁ ଦିନ ତୈଳବୀଜର ଚାହିଦା ବଢ଼ିବାରେ ଲାଗିଛି। ଖାଇବା ତେଲ ପ୍ରଦାନକାରୀ ଫସଲ ମଧ୍ୟରେ ଚିନାବାଦାମ, ସୋୟାବିନ୍, ରାଶି, ପେଷି, ଅଳସୀ, ସୂର୍ଯ୍ୟମୁଖୀ, ସୋରିଷ, କୁସୁମୀ ରହିଛି। ବିଶେଷକରି ତୈଳବୀଜ ମଞ୍ଜିରୁ ପ୍ରାୟ ୧୪-୪୨ ପ୍ରତିଶତ ସ୍ନେହସାର, ଉପାଦେୟ ଫ୍ୟାଟି ଏସିଡ୍, ଯଥେଷ୍ଟ ପରିମାଣର କାଲ୍‌ସିୟମ୍, ଫସ୍‌ଫରସ୍, ଲୌହ, ସୋଡିୟମ୍ ବ୍ୟତୀତ ଭିଟାମିନ୍-'ବି' କମ୍ପ୍ଲେକ୍ସ, 'ଇ' ଓ 'କେ' ଆଦି ମିଳିଥାଏ।

**ଚିନାବାଦାମ–** ଏହାକୁ 'ଗରିବ ଲୋକର ପୁଷ୍ଟିସାର' କୁହାଯାଏ। ଏହା ଖାଇବା ଦ୍ୱାରା ପ୍ରଚୁର ଶକ୍ତି ପାଇବା ସହ ଶରୀର ବୃଦ୍ଧି ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ୧୦୦ ଗ୍ରାମ୍ ଚିନାବାଦାମ ମଞ୍ଜିରୁ ୫୬୭ କିଲୋ କ୍ୟାଲୋରି ଶକ୍ତି, ୪୪-୫୬% ସ୍ନେହସାର ଓ ୨୨-୩୦% ପୁଷ୍ଟିସାର ମିଳିଥାଏ। ଏଥିରେ ଯଥେଷ୍ଟ ପରିମାଣର ଫସ୍‌ଫରସ୍, କାଲ୍‌ସିୟମ, ମାଗ୍ନେସିୟମ୍, ଲୌହ, ପଟାସ୍ ଏବଂ ତମ୍ବା ସହ ଭିଟାମିନ୍-'ବି', 'ଇ' ଓ 'କେ' ରହିଥାଏ। ଏହାର ଉପସ୍ଥିତି ଖାଦ୍ୟକୁ ସୁଷମ କରିବା ସହିତ ଶରୀରର ଓଜନ ପରିଚାଳିତ ହୋଇ ହୃଦ୍‌ରୋଗ ସମସ୍ୟା କମାଇଥାଏ।

**ରାଶି–** 'ତୈଳବୀଜ ଫସଲର ରାଣୀ' ଭାବେ ଅଭିହିତ ରାଶି। ଏହାର ମଞ୍ଜିରେ ୫୦% ପର୍ଯ୍ୟନ୍ତ ସ୍ନେହସାର ଏବଂ ୧୮% ପୁଷ୍ଟିସାର ସହ ପ୍ରତି ୧୦୦ ଗ୍ରାମ୍‌ରେ ୫୭୩ କିଲୋ କ୍ୟାଲୋରି ଶକ୍ତି ରହିଥାଏ। ଏଥିସହ ଅତ୍ୟାବଶ୍ୟକ ଆମିନୋ ଏସିଡ୍, ପ୍ରଚୁର ତନ୍ତୁ, ଫସ୍‌ଫରସ୍, ଲୌହ, ମାଗ୍ନେସିୟମ୍, କାଲ୍‌ସିୟମ୍, ମାଙ୍ଗାନିଜ୍ ତମ୍ବା ଏବଂ ଦସ୍ତା, ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥାଏ।

**ପେଷି–** ୧୦୦ ଗ୍ରାମ୍ ପେଷି ମଞ୍ଜିରେ ୨୦ଗ୍ରାମ୍ ପୁଷ୍ଟିସାର, ୪୨ ଗ୍ରାମ୍ ସ୍ନେହସାର, ୨୮ଗ୍ରାମ୍ ଜଳ ଓ ୫୩୪ କିଲୋ କ୍ୟାଲୋରି ଶକ୍ତି ରହିଥାଏ। ଏହା ସ୍ୱାସ୍ଥ୍ୟ ଲାଗି ବେଶ୍ ହିତକାର। କୋଲେଷ୍ଟେରଲ୍‌ର ମାତ୍ରା କମାଇବା ସହ ରକ୍ତରେ ଶର୍କରା ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ଶିଶୁମାନଙ୍କର ମସ୍ତିଷ୍କ ବିକାଶରେ ଖୁବ୍ ଉପକାରୀ।

**ଅଳସୀ–** ୧୦୦ ଗ୍ରାମ୍ ଅଳସୀ ମଞ୍ଜିରେ ୪୮୩ କିଲୋ କ୍ୟାଲେରି ଶକ୍ତି ସହ ୧୦-୨୫ ଗ୍ରାମ୍ ପୁଷ୍ଟିସାର ଓ ୩୦-୪୦ ଗ୍ରାମ୍ ସ୍ନେହସାର ରହିଥାଏ। ଏଥିରେ ଅତ୍ୟାବଶ୍ୟକ ଖାଦ୍ୟସାର ଯଥା– ଥାୟାମିନ୍, ରାବୋଫ୍ଲୁଭିନ୍, ନିୟାସିନ୍, କାଲ୍‌ସିୟମ୍, ଫସ୍‌ଫରସ୍ ଓ ଭିଟାମିନ୍ 'ଇ' ଓ 'କେ' ରହିଥିବାରୁ ଏହା ରକ୍ତ ପ୍ରବାହ ବନ୍ଦ କରିବା ଏବଂ ଅସ୍ଥି ଗଠନ ପ୍ରକ୍ରିୟାରେ ବିଶେଷ ସହାୟକ ହୋଇଥାଏ।

**ସୂର୍ଯ୍ୟମୁଖୀ–** ଏଥିରେ ପ୍ରାୟ ସମସ୍ତ ପ୍ରକାର ଖାଦ୍ୟସାର ଯଥେଷ୍ଟ ମାତ୍ରାରେ ରହିଥାଏ। ଏହାକୁ ଖାଇବାରେ ଶରୀରର ସ୍ନାୟୁ ବ୍ୟବସ୍ଥା ସୁସ୍ଥ ରହିଥାଏ। ଏଥିରେ ଭିଟାମିନ୍-'ବି' କମ୍ପ୍ଲେକ୍ସ ଓ 'ଇ' ସହିତ ମାଗ୍ନେସିୟମ୍, ସେଲେନିୟମ୍, ତମ୍ବା, ଫସ୍‌ଫରସ୍, ଲୌହ, ଦସ୍ତା, କାଲ୍‌ସିୟମ୍ ଏବଂ ପଟାସିୟମ୍ ଯଥେଷ୍ଟ ମାତ୍ରାରେ ରହିଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କୋଲେଷ୍ଟେରଲ୍‌ର ମାତ୍ରା କମାଇବା ସହ କର୍କଟ ରୋଗଜନିତ କ୍ଳାନ୍ତ ଏବଂ ସ୍ନାୟବିକ ଅସୁବିଧାରୁ ରକ୍ଷା କରିଥାଏ।

**ସୋରିଷ–** ଏଥିରେ ଅତ୍ୟାବଶ୍ୟକ ସ୍ନେହସାର ଉପାଦାନ, ଗୁଣବତ୍ତା ବିଶିଷ୍ଟ ପୁଷ୍ଟିସାର, ଭିଟାମିନ୍ ଯଥା– ଥାୟାମିନ୍, ରାଇବୋଫ୍ଲାଭିନ୍, ନିଆସିନ୍ ସହ ମାଙ୍ଗାନିଜ୍, କାଲ୍‌ସିୟମ୍, ତମ୍ବା, ଲୌହ, ସେଲେନିୟମ୍, ଦସ୍ତା, ପ୍ରଚୁର ତନ୍ତୁ ଓ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ। ଏହାକୁ ଖାଇବାରେ ଏଞ୍ଜାଇମ୍ କାର୍ଯ୍ୟକାରିବା, ସ୍ନାୟବିକ କ୍ରିୟା, ଶାରୀରିକ ଚଳନ ନିୟନ୍ତ୍ରଣ ଉତ୍ତମ ରହିବା ସହିତ କୋଲେଷ୍ଟେରଲ୍‌ର ମାତ୍ରା କମିଯାଇ ଅଧିକ ଲୋହିତ ରକ୍ତକଣିକା ପ୍ରସ୍ତୁତିରେ ସହାୟକ ହୋଇଥାଏ। ଏହା ଚର୍ମରୋଗରୁ ରକ୍ଷା କରିବା, ମୁଣ୍ଡବିନ୍ଧା ନ ହେବା ସହ ବୟସ୍କା ମହିଳାଙ୍କର ଋତୁସ୍ରାବ ବନ୍ଦ ହେବାପରେ ଠିକ୍ ଭାବେ ନିଦ୍ରା ହେବାରେ ସହାୟକ ହୋଇଥାଏ।

ତେବେ, ତୈଳବୀଜ ପାଇବା ନିମନ୍ତେ ବର୍ଷର ବିଭିନ୍ନ ଋତୁରେ ବୈଜ୍ଞାନିକ କୌଶଳ ଅବଲମ୍ବନ କରି ଅଧିକ ଅମଳକ୍ଷମ ଓ ଉନ୍ନତ ବିହନ କିସମ ଚାଷକରି ପରିବାରର ଗୁଜୁରାଣ ମେଣ୍ଟାଇବା ସହ ସୁସ୍ଥ ରହି ଅଧିକ ଉପାର୍ଜନ କରାଯାଇପାରିବ।

**–ଡ. ପରେଶ କୁମାର ପଣ୍ଡା**
ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,
ମୋ:୯୪୩୭୦୧୧୨୭୦୪

## ଚାଷୀଙ୍କ ପାଇଁ...

**ଆମ୍ବ –** ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ଫସ୍‌ଫୋଡିନ୍‌କୁ ୧ ଲିଟର ପାଣିରେ ଗଛ, ପତ୍ର ଓ ଡାଳରେ ଭଲଭାବରେ ସିଞ୍ଚନ କରନ୍ତୁ।

– କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ।

**ଲିଚୁ ଓ ସପେଟା–** ଗଛରେ ଫୁଲ ଓ ଫଳ ଧରି ଆସିବାର ଦେଖିଲେ ଜଳସେଚନ ବନ୍ଦ କରନ୍ତୁ। ନଚେତ୍ ଫୁଲ ଓ କଷି ଝଡ଼ି ଯାଇପାରେ।

**ଫୁଲ–** ଖରାଟିଆ ଫୁଲ ଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ଗୋପାଳନ–** ଗାଈଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ଲାଗି ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ଛେଳି ପାଳନ–** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା କରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ।

– ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ନିମନ୍ତେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

**କୁକୁଡ଼ା ପାଳନ–** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ।




# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

(ଭୂ-ଅର୍ଜନ ଉପ ବିଭାଗ)

**ଘୋଷଣା**

**ବିଜ୍ଞପ୍ତି ସଂଖ୍ୟା 1595** — **ତାରିଖ 01.12.2018 ସୁନ୍ଦରଗଡ଼**

**No.VII-33:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-କଳାମେଘା, ଥାନା-ହେମଗିରି, ତହସିଲ-ହେମଗିରି, ଜିଲ୍ଲା-ସୁନ୍ଦରଗଡ଼ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ପ୍ରସ୍ତାବିତ ୧୬୦୦ ମେଗା ୱାଟ୍ ତାପଜ ବିଦ୍ୟୁତ କେନ୍ଦ୍ରର କୋଇଲା ପରିବହନ ପାଇଁ ରେଳପଥର ସଂଯୋଗୀକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୬୫ ତା୦୬।୦୩।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-କଳାମେଘା, ଥାନା-ହେମଗିରି, ଜିଲ୍ଲା-ସୁନ୍ଦରଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ, ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.sundargarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ସୁନ୍ଦରଗଡ଼** — **ତହସିଲ: ହେମଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଳାମେଘା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୩.୯୫ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ସୁନ୍ଦରଗଡ଼** — **ତହସିଲ: ହେମଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୦୬।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ସୁରେନ୍ଦ୍ର କୁମାର ମିନା
ଜିଲ୍ଲାପାଳ, ସୁନ୍ଦରଗଡ଼

**ଜମି ଅନୁସୂଚୀ**

**ଗ୍ରାମର ନାମ: କଳାମେଘା**
**ଥାନା: ହେମଗିରି** — **ତହସିଲ: ହେମଗିରି**
**ଜମି ଅଧିଗ୍ରହଣ କେସ୍ ନଂ:**

| କ୍ର. ନଂ. | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|
| ୧ | ୧୨୩/୧୫ | ୧୫୭୪ | ୪.୯୨ | ୨.୯୦ | ମିତ୍ର ଭାନୁ ନାଏକ, ପି: ସାହେବରାମ ନାଏକ, ଜା: ଗଣ୍ଡ, ବା: ନିଜଗାଁ |
| ୨ | ୪୮ | ୧୫୭୫ | ୧.୫୦ | ୧.୦୫ | ଦୁର୍ଯ୍ୟୋଧନ ଧରୁଆ, ଜେଜମ ଧରୁଆ, ପି: ଶୁଣ୍ଡକୁ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ, ପଳାନ୍ତକ ପକ୍ଷେ ଜବରଦଖଲ, ପବିତ୍ର ଭୋଏ, ପରକ୍ଷିତ ଭୋଏ, ପି: ନବିନ ଭୋଏ, ଜା: ଗଣ୍ଡ, ବା: ନିଜଗାଁ |
| | | | ମୋଟ | ୩.୯୫ | |

24160/14/0032/1819 — ସ୍ୱା./- ଭୂ-ଅର୍ଜନ ଅଧିକାରୀ, ସୁନ୍ଦରଗଡ଼



# COLLECTOR & DISTRICT MAGISTRATE, DHENKANAL

## WITHDRAWAL NOTIFICATION

SPL.LAO.R.I.P-JAJ-50/2015/ 2696/R.I.P, Sukinda Dated 05.12.2018

No.II-30: In Exercise of Powers conferred by Section 93(1) of the R.F.C.T.L.A.R & R.Act 2013 (Act-1 of 2013), the Government of Odisha are proposed to withdraw from the acquisition of land to the extent of Ac. 1.72 as per scheduled of land attached out of the total area Ac. 52.24 required to be taken by Government at the Public expenses for construction of Ballipasi Sub-Minor of Rengali Irrigation Project (Left), L.B.C-II in the village-Murdanga, P.S.- Bhuban, No.-128, District- Dhenkanal covered by Revenue Department Notification No.: 324/R&D M, Dated: 02.01.2018 published in the Extraordinary ussue of the Odisha Gazette No............ Date.................

By the order of Government

Sd./- Spl L.A. R & R.O.,
R.I.P., Sukinda

Sd./- Collector & District Magistrate
Dhenkanal

**ପ୍ରତ୍ୟାହାର ଜମି ଅନୁସୂଚୀ**
**ବାଲିପଶି ପ୍ରଶାଖା କେନାଲ**

**ଗ୍ରାମର ନାମ: ମୃଦଙ୍ଗା**
**ଥାନାର ନାମ: ଭୁବନ ନଂ.: ୧୨୮** — **ତହସିଲ: ଭୁବନ**
**ଜିଲ୍ଲା: ଢେଙ୍କାନାଳ**
**ଜମି ଅଧିଗ୍ରହଣ କେସ୍ ନଂ.: ୫୦/୧୫**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ପ୍ରତ୍ୟାହାର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୫୫ | ୩୨୯ | ୦.୬୯ | ୦.୬୨ | ୦.୩୮ | ପୁରୁଣିଆ ପାତ୍ର, ପିତା– ଅପନା ପାତ୍ର, ଓଗେର, ଜା: ପାଣ, ବା: ନିଜଗାଁ | |
| ୨ | ୩୮୩ | ୩୩୮ | ୦.୭୮ | ୦.୭୨ | ୦.୩୫ | ବାସୁଦେବ ଆଏଚ୍, ପିତା– ନିଧି ଆଏଚ୍, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩ | ୪୩୪ | ୩୪୧ | ୦.୭୧ | ୦.୩୪ | ୦.୩୪ | ଭାସ୍କର ମଳିକ, ପିତା– ବନା ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୪ | | ୩୪୩ | ୧.୬୯ | ୦.୪୪ | ୦.୪୪ | ଭାସ୍କର ମଳିକ, ପିତା– ବନା ମଳିକ ଓଗେର, ଜା:ପାଣ, ବା: ନିଜଗାଁ | |
| ୫ | ୪୪୦ | ୩୩୯ | ୦.୧୨ | ୦.୧୨ | ୦.୧୧ | ଭାସ୍କର ସାହୁ, ପିତା– ନାରଣ ସାହୁ, ଜା: ଗୁଡିଆ, ବା: ନିଜଗାଁ | |
| ୬ | | ୩୪୦ | ୦.୧୦ | ୦.୧୦ | ୦.୧୦ | ଭାସ୍କର ସାହୁ, ପିତା– ନାରଣ ସାହୁ, ଜା: ଗୁଡିଆ, ବା: ନିଜଗାଁ | |
| | | | | ମୋଟ | ୧.୭୨ | | |

24034/14/0026/1819